ଧରିତ୍ରୀ 51 Years

# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୪/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, June 4/2025 | Page 14 | ₹ 7.00 | DHENKANAL

୫୧ଶ ଭାଗ ୧୮୯ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 189 ମୂଲ୍ୟ ₹୭/-




**ସେମିଫାଇନାଲରେ ସାବାଲେଙ୍କା**


ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା।

୧୪

୦୨

**'ମାଲିକ'ରେ ରାଜକୁମାରଙ୍କ ଆକ୍ସନ ଅବତାର**

ଅଭିନେତା ରାଜକୁମାର ରାଓଙ୍କ ଆଗାମୀ ଆକ୍ସନ ଫିଲ୍ମ 'ମାଲିକ'ର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି।



# ୭ ମାସର ଝିଅକୁ କଚାଡ଼ି ମାରିଲେ ବାପା

ପରିବାରରେ ମନୋମାଳିନ୍ୟ, ଦମ୍ପତିଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ନ ରହିବା ଯେ କେତେ ଭୟଙ୍କର ହୋଇପାରେ ତାହା ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ସ୍ତ୍ରୀଙ୍କ ସହ ସ୍ୱାମୀଙ୍କ ତିକ୍ତତା ଯୋଗୁ ୭ ମାସର ଏକ କଅଁଳ ଶିଶୁକନ୍ୟାର ଜୀବନ ଯାଇଛି। ନିଶାସକ୍ତ ଅବସ୍ଥାରେ ହିତାହିତ ଜ୍ଞାନ ଭୁଲିଯାଇ ଜଣେ ଯୁବକ ନିଜ ଏକମାତ୍ର ଶିଶୁକନ୍ୟାଙ୍କୁ ତଳେ କଚାଡ଼ି ମାରି ଦେଇଛନ୍ତି। ଏହି ଘଟଣା ଜଣାପଡ଼ିବାରେ ସ୍ଥାନୀୟ ଲୋକେ ଉତ୍କ୍ଷିପ୍ତ ହୋଇ ଉକ୍ତ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ପୋଲିସ ହେପାଜତରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।



ଅଭିଯୁକ୍ତ ସଞ୍ଜୟ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।


**ପରଜଙ୍ଗ/କାମାକ୍ଷାନଗର,୩।୬**

(ନିଗମାନନ୍ଦ ଦଳବେହେରା/ସୁଧୀର କୁମାର ରାଉତ)


ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ୪ନଂ. କଲୋନି ଅନ୍ତର୍ଗତ ନୋଟାରୀପଶିରେ ସୋମବାର ରାତିରେ ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ବାପା ନିଜର ୭ ମାସର ଶିଶୁକନ୍ୟାକୁ କଚାଡ଼ି ମାରିଦେଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ମୟୂରଭଞ୍ଜ ଜିଲା ରରୁଆଁ ଥାନା ଉଦାସାହି ଗ୍ରାମର ସଞ୍ଜୟ ଛତାର। ସ୍ତ୍ରୀ ଜନନୀ ମୁଣ୍ଡା ସଞ୍ଜୟଙ୍କୁ ରୋକିବାକୁ ଚେଷ୍ଟା କରିଥିବାବେଳେ ତାଙ୍କୁ ମଧ୍ୟ ମାଡ଼ ମାରିଥିବା ଜଣାପଡ଼ିଛି। ଏହି ଘଟଣା ଜଣାପଡ଼ିବା ☞ପୃଷ୍ଠା-୪

## ଆଇନ ସତ୍ତ୍ୱେ ବଢୁଛି ଘରୋଇ ହିଂସା

**ନୂଆଦିଲ୍ଲୀ,୩।୬**

### ସୁପ୍ରିମକୋର୍ଟଙ୍କ ୭ ନିର୍ଦ୍ଦେଶନାମା

ଘରୋଇ ହିଂସା ରୋକିବା ପାଇଁ ୨ ଦଶନ୍ଧି ହେଲା ଆଇନ ଲାଗୁ ହୋଇଥିଲେ ମଧ୍ୟ ସାରା ଦେଶରେ ତାହାର କାର୍ଯ୍ୟକାରିତା ଅନିୟମିତ ରହିଆସିଛି। ଆଇନ ସତ୍ତ୍ୱେ ଘରୋଇ ହିଂସା ବଢ଼ିଚାଲିଛି। ଏହାକୁ ନେଇ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରିବା ସହ ଆଇନର ଉପଯୁକ୍ତ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ନିମନ୍ତେ ୭ଟି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସାରା ଦେଶରେ ଘରୋଇ ହିଂସା ପୀଡ଼ିତଙ୍କୁ ସହାୟତା କରିବା ନିମନ୍ତେ କେବଳ ପ୍ରୋଟେକ୍ସନ ଅଫିସର ନିଯୁକ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇନାହାନ୍ତି, ବରଂ ଘରୋଇ ହିଂସା ଆଇନର ବ୍ୟବସ୍ଥା ନିଶ୍ଚିତ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦ ତାରିଖରେ ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶନାମାର ସବିଶେଷ ରିପୋର୍ଟ ମଙ୍ଗଳବାର ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି।

ସର୍ବୋଚ୍ଚ ଅଦାଲତଙ୍କ ୭ ନିର୍ଦ୍ଦେଶନାମା ମଧ୍ୟରେ ରହିଛି, ଜିଲା ଏବଂ ତାଲୁକ ସ୍ତରରେ କାର୍ଯ୍ୟରତ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସୁରକ୍ଷା ଅଫିସର ନିଯୁକ୍ତ କରିବା ସହ ଅନୁରୂପ ଦାୟିତ୍ୱ ପ୍ରଦାନ କରିବା। ସୁରକ୍ଷା ଅଧିକାରୀମାନେ ଆଇନର ଧାରା ୯ ଅନୁଯାୟୀ ସେମାନଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ଉତ୍ତର ପୂର୍ବାଞ୍ଚଳରେ ଭୂସ୍ଖଳନ

# ଆର୍‌ସିବି ଚାମ୍ପିୟନ




୨୦୨୫ ଆଇପିଏଲ୍ ଫାଇନାଲରେ ବିଜୟୀ ହେବା ପରେ ଉତ୍ଫୁଲ୍ଲିତ ଆର୍‌ସିବି ଟିମ୍ ଖେଳାଳି।

**ଅହମଦାବାଦ, ୩।୬**

ଦୀର୍ଘ ୧୮ ବର୍ଷ ପ୍ରତୀକ୍ଷାର ଅବସାନ ଘଟିଛି। ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୮ତମ ସଂସ୍କରଣରେ ନୂଆ ଚାମ୍ପିୟନ ହୋଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)। ମଙ୍ଗଳବାର ଅନୁଷ୍ଠିତ ମେଗା ଫାଇନାଲରେ ଆର୍‌ସିବି ୬ ରନ୍‌ରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଏଥିସହ ଦୀର୍ଘ ୧୮ ବର୍ଷ ଧରି ଗୋଟିଏ ଫ୍ରାଞ୍ଚାଇଜ୍ ଦଳରୁ ଖେଳି ଆସୁଥିବା ବିରାଟ କୋହଲିଙ୍କ ସ୍ୱପ୍ନ ସାକାର ହୋଇଛି। କୋହଲିଙ୍କ ଜର୍ସି ନମ୍ବର ୧୮। ତେଣୁ ୧୮ତମ ସଂସ୍କରଣ ଆର୍‌ସିବି ପାଇଁ ସ୍ମରଣୀୟ ହୋଇଯାଇଛି। କୌଣସି ବ୍ୟାଟର ଅର୍ଦ୍ଧଶତକ ହାସଲକରି ନ ଥିଲେ ହେଁ ଆର୍‌ସିବି ୨୦ ଓଭରରେ ୯ ଉଇକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା। ୧୯୧ ରନ ବିଜୟ ଲକ୍ଷ୍ୟରେ ପଞ୍ଜାବ ୨୦ ଓଭରରେ ୭ ଉଇକେଟ ହରାଇ ୧୮୪ ରନରେ ସୀମିତ ରହିଥିଲା। ୬୧ ରନ୍‌ରେ ଅପରାଜିତ ରହିଥିବା ଶଶାଙ୍କ ସିଂ ଶେଷ ୪ ବଲ୍‌ରୁ ୨୨ ରନ୍ ସଂଗ୍ରହ କରିଥିଲେ ହେଁ ପଞ୍ଜାବ ୬ ରନ୍ ଦୂରରେ ରହିଯାଇଥିଲା। ୨୦୦୯, ୨୦୧୧ ଓ ୨୦୧୬ରେ ☞ପୃଷ୍ଠା-୪




## ସଂକ୍ଷେପରେ

### ମଙ୍ଗୋଲିଆ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା


ଓୟୁନ୍-ଏର୍ଡେନେ ଲୁଭସାନ୍ନାମସ୍‌ରାଇ

ତାଇପେଇ,୩।୬

ମଙ୍ଗୋଲିଆର ଶିକ୍ଷା ବ୍ୟବସ୍ଥାରେ ଦୁର୍ନୀତିକୁ ନେଇ ଆନ୍ଦୋଳନ ଜୋର୍ ଧରିବା ପରେ ପ୍ରଧାନମନ୍ତ୍ରୀ ଓୟୁନ୍-ଏର୍ଡେନେ ଲୁଭସାନ୍ନାମସ୍‌ରାଇ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ମଙ୍ଗୋଲିଆରେ ରାଜନୈତିକ ଅନିଶ୍ଚିତତା ସୃଷ୍ଟି ହୋଇଛି। ତାଙ୍କ ବହିଷ୍କାର ମଙ୍ଗୋଲିଆର ନବୋଦିତ ଗଣତନ୍ତ୍ରକୁ ଦୁର୍ବଳ କରିଦେଇପାରେ ବୋଲି ପାର୍ଲାମେଣ୍ଟରେ ଆସ୍ଥା ଭୋଟ ହାରିବା ପୂର୍ବରୁ ଓୟୁନ୍ ସତର୍କ କରାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପୁଅ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରିଥିବା ରିପୋର୍ଟ ପ୍ରକାଶ ପାଇବା ପରେ ତାଙ୍କ ଇସ୍ତଫା ଦାବିରେ ଗତ କିଛି ସପ୍ତାହ ହେଲା ବିକ୍ଷୋଭ ଜାରି ରହିଥିଲା। ପ୍ରଧାନମନ୍ତ୍ରୀଙ୍କ ପୁଅ ତାଙ୍କ ମହିଳା ବନ୍ଧୁମାନଙ୍କୁ ଦାମୀ ଅଳଙ୍କାର ଦେବା ସହ ହେଲିକପ୍ଟରରେ ବୁଲାଇବାକୁ ନେଇ ଦେଶରେ ଉତ୍ତେଜନା ଦେଖାଦେଇଥିଲା। ଦେଶର ପ୍ରାକୃତିକ ସମ୍ବଳ ରପ୍ତାନିରୁ ପ୍ରଧାନମନ୍ତ୍ରୀଙ୍କ ପରିବାରର ସମ୍ପତ୍ତି ବଢ଼ିଚାଲିଥିବାବେଳେ ଦେଶର ଅଧିକାଂଶ ଲୋକ ଦାରିଦ୍ର୍ୟ ମଧ୍ୟରେ କାଳାତିପାତ କରୁଥିବା ଅଭିଯୋଗ ହୋଇଥିଲା।

### ୨ ବିଲ୍‌କୁ ମଞ୍ଜୁରୀ ଦେଲେ ତାମିଲନାଡୁ ରାଜ୍ୟପାଳ

#### ସୁପ୍ରିମକୋର୍ଟଙ୍କ ଭୟରେ କରିଥିବା କହିଲେ ଷ୍ଟାଲିନ୍


ଆର୍.ଏନ୍. ରବି

ଚେନ୍ନାଇ,୩।୬

ତାମିଲନାଡୁ ବିଧାନସଭା ଦ୍ୱାରା ଗୃହୀତ ବିଲ୍‌ଗୁଡ଼ିକୁ ରାଜ୍ୟପାଳ ଆର୍.ଏନ୍. ରବି ମଞ୍ଜୁରୀ ପ୍ରଦାନ ନ କରି ଦୀର୍ଘଦିନ ଚାପି ରଖିଥିବା ନେଇ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ୩ ମାସ ମଧ୍ୟରେ ମଞ୍ଜୁରୀ ପ୍ରଦାନ ପାଇଁ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଏହା ପରେ ରାଜ୍ୟପାଳ ରବି ମଙ୍ଗଳବାର ୨ଟି ବିଲ୍‌କୁ ଅନୁମୋଦନ କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ରାଜ୍ୟ ସରକାର ପୌରସଭାର ପ୍ରଶାସନିକ ପଦବୀ ଏବଂ ଗ୍ରାମାଞ୍ଚଳ ବିକାଶ ବିଭାଗରେ ଭିନ୍ନକ୍ଷମଙ୍କୁ ମନୋନୀତ କରିବାକୁ ସକ୍ଷମ ହେବେ। ଅନ୍ୟପକ୍ଷରେ ରାଜ୍ୟପାଳ ସୁପ୍ରିମକୋର୍ଟଙ୍କ ଭୟରେ ବିଲ୍‌କୁ ମଞ୍ଜୁରୀ ଦେଇଥିବା ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ମଞ୍ଜୁରୀ ପ୍ରଦାନ କରି ନ ଥିଲେ ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବା ଆଶଙ୍କା କରି ରାଜ୍ୟପାଳ ଭୟଭୀତ ଥାଇପାରନ୍ତି ବୋଲି ଷ୍ଟାଲିନ୍ ଗଣମାଧ୍ୟମକୁ କହିଛନ୍ତି।

# ସ୍ୱତନ୍ତ୍ର ଅଧିବେଶନ ଦାବିରେ ବିରୋଧୀ ଏକଜୁଟ

## ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଲେ

ନୂଆଦିଲ୍ଲୀ,୩।୬(ପି.ଟି.)


ବିରୋଧୀ ଇଣ୍ଡିଆ ବ୍ଲକ ନେତାଙ୍କ ବୈଠକ ପରେ ଡେରେକ୍ ଓ'ବ୍ରାଏନ୍ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ଅପରେଶନ ସିନ୍ଦୂର ସମ୍ପର୍କିତ ଆଲୋଚନା ନିମନ୍ତେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଦାବିକୁ ଜୋର୍‌ଦାର କରିବା ପାଇଁ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ଦଳଗୁଡ଼ିକ ମଙ୍ଗଳବାର ଏକାଠି ହୋଇଛନ୍ତି। ଏହି ପ୍ରସଙ୍ଗରେ ୧୬ଟି ଦଳର ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରବର୍ତ୍ତୀ ଅପରେଶନ ସିନ୍ଦୂର ସମେତ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟସ୍ଥତା କରିଥିବା ଦାବି ଏବଂ ପାକିସ୍ତାନର ଶେଲ୍ ମାଡ଼ରେ ସୀମାନ୍ତ ଅଞ୍ଚଳର କେତେ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଛି, ତାହା ଉପରେ ସବିଶେଷ ଆଲୋଚନା ହେବା ଉଚିତ ବୋଲି ବରିଷ୍ଠ ବିରୋଧୀ ନେତାମାନେ ମଙ୍ଗଳବାର ଏକ ବୈଠକରେ କହିଛନ୍ତି। ପହଲଗାମ୍ ଆକ୍ରମଣ ଏବଂ ଅପରେଶନ ସିନ୍ଦୂର ବେଳେ ବିରୋଧୀ ନେତାମାନେ ସରକାରଙ୍କ ପଛରେ ଛିଡ଼ା ହୋଇଥିଲେ। ତେଣୁ ଏବେ ସେମାନଙ୍କ ଦାବିକୁ ଗ୍ରହଣ କରି ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିବା ଉଚିତ ବୋଲି ବିରୋଧୀ ନେତା କହିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ କଂଗ୍ରେସ ନେତା ଜୟରାମ ରମେଶ ଏବଂ ଦୀପେନ୍ଦର ହୁଡ୍ଡାଙ୍କ ସମେତ ତୃଣମୂଳ କଂଗ୍ରେସର ଡେରେକ୍ ଓ'ବ୍ରାଏନ୍, ରାଷ୍ଟ୍ରୀୟ ଜନତା ଦଳର ମନୋଜ ଝା, ସମାଜବାଦୀ ପାର୍ଟିର ରାମଗୋପାଳ ଯାଦବ ଏବଂ ଶିବସେନା (ୟୁବିଟି)ରୁ ସଞ୍ଜୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସରକାର ପାର୍ଲାମେଣ୍ଟ ନିକଟରେ ଉତ୍ତରଦାୟୀ ହୋଇଥିବାବେଳେ ପାର୍ଲାମେଣ୍ଟ ଲୋକଙ୍କ ନିକଟରେ ଉତ୍ତରଦାୟୀ ବୋଲି ବୈଠକ ପରେ ଓ'ବ୍ରାଏନ୍ ଗଣମାଧ୍ୟମକୁ କହିଛନ୍ତି। କେବଳ ସଂସଦୀୟ ଦଳ ନେତା ନୁହନ୍ତି, ସମ୍ପୃକ୍ତ ଦଳଗୁଡ଼ିକର ଅଧ୍ୟକ୍ଷମାନେ ସ୍ୱତନ୍ତ୍ର ଅଧିବେଶନ ଦାବିକୁ ଜୋର୍‌ଦାର କରିବାକୁ ମିଳିତ ଉଦ୍ୟମ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ପ୍ରଧାନମନ୍ତ୍ରୀଙ୍କୁ ଲେଖାଯାଇଥିବା ପତ୍ରରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ, ଡିଏମ୍‌କେର ଟି.ଆର୍. ବାଲୁ, ଶିବସେନା (ୟୁବିଟି)ର ଅରବିନ୍ଦ ସାୱନ୍ତ ପ୍ରମୁଖ ସ୍ୱାକ୍ଷର କରିଛନ୍ତି। ଏହା ବ୍ୟତୀତ ଡିଏମ୍‌କେ, ନ୍ୟାଶନାଲ କନ୍‌ଫରେନ୍ସ, ସିପିଆଇ(ଏମ୍), ଆଇୟୁଏମ୍‌ଏଲ୍, ସିପିଆଇ, ଆର୍‌ଏସ୍‌ପି, କେରଳ କଂଗ୍ରେସ, ଏମ୍‌ଡିଏମ୍‌କେ, ସିପିଆଇ(ଏମ୍‌ଏଲ୍) ଲିବରେଶନର ନେତା ମଧ୍ୟ ପତ୍ରରେ ଦସ୍ତଖତ କରିଥିବା ଜଣାପଡ଼ିଛି। ସମାନ ଦାବି ନେଇ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପ୍ରଧାନମନ୍ତ୍ରୀଙ୍କୁ ଅଲଗା ପତ୍ର ଲେଖିବ ବୋଲି କହିଛି।

# କ୍ଷତି ନୁହେଁ, ଫଳାଫଳ ଗୁରୁତ୍ୱପୂର୍ଣ୍ଣ: ସିଡିଏସ୍

## ସାମୟିକ କ୍ଷତିରେ ପେସାଦାର ମିଲିଟାରି ପ୍ରଭାବିତ ହୁଏନି

ପୁଣେ,୩।୬

ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେଶନ ସିନ୍ଦୂର ବେଳେ ବାୟୁସେନା ଯୁଦ୍ଧବିମାନ ହରାଇଥିବା ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ କହିବାର ୨ ଦିନ ପରେ ମଙ୍ଗଳବାର ଭିନ୍ନ ବିବୃତି ଦେଇଛନ୍ତି। ଯୁଦ୍ଧ ସମୟରେ ସାମୟିକ ଝଟକା ବା କ୍ଷୟକ୍ଷତିରେ ପେସାଦାର ମିଲିଟାରି ପ୍ରଭାବିତ ହୁଏ ନାହିଁ ବୋଲି ସେ କହିଛନ୍ତି। କ୍ଷୟକ୍ଷତି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଫଳାଫଳ ଗୁରୁତ୍ୱପୂର୍ଣ୍ଣ ବୋଲି ସିଡିଏସ୍ ମତ ଦେଇଛନ୍ତି। ପୁଣେର ସାବିତ୍ରୀବାଈ ଫୁଲେ ୟୁନିଭର୍ସିଟିରେ ଉଦ୍‌ବୋଧନ ଦେଇ ଜେନେରାଲ ଚୌହାନ କହିଛନ୍ତି, ଭାରତକୁ ବାରମ୍ବାର କ୍ଷତାକ୍ତ କରି ରକ୍ତାକ୍ତ କରିବା ଆଭିମୁଖ୍ୟ ପାକିସ୍ତାନ ଆପଣାଇ ଚାଲିଥିବାବେଳେ ଅପରେଶନ ସିନ୍ଦୂର ଜରିଆରେ ନୂଆଦିଲ୍ଲୀ ସୀମାପାର ଆତଙ୍କବାଦ ବିରୋଧରେ ସମ୍ପୂର୍ଣ୍ଣ ନୂଆ ଲକ୍ଷ୍ମଣରେଖା ଟାଣିଦେଇଛି। ଅପରେଶନ ସିନ୍ଦୂରର ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତ ଅନିର୍ଦ୍ଦିଷ୍ଟ ସଂଖ୍ୟକ ଯୁଦ୍ଧବିମାନ ହରାଇଥିବା ଜେନେରାଲ ଚୌହାନ ସିଙ୍ଗାପୁରରେ ପ୍ରକାଶ କରିବା ପରେ ଏହାକୁ ସମାଲୋଚନା କରାଯାଇଥିଲା। ଏନେଇ ସେ କହିଛନ୍ତି, ବାହାରେ ତାଙ୍କୁ କ୍ଷୟକ୍ଷତି ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ କହିଥିଲେ, ସେଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଫଳାଫଳ ଏବଂ ଆମେ କିପରି କାର୍ଯ୍ୟାନୁଷ୍ଠାନ ନେଲୁ, ତାହା ଗୁରୁତ୍ୱପୂର୍ଣ୍ଣ। ଅପରେଶନ ସିନ୍ଦୂରରେ ମଧ୍ୟ ଯୁଦ୍ଧ ଏବଂ ରାଜନୀତି ସମାନ୍ତର ପ୍ରକାର ଘଟଣା ଭାବେ ଘଟିଥିଲା ବୋଲି ସେ କହିଛନ୍ତି।

# 'ଏକ ରାଷ୍ଟ୍ର ଏକ ସ୍ୱାମୀ' ମନ୍ତବ୍ୟ ଦେଇ ବିବାଦରେ ଭଗୱନ୍ତ ମାନ୍

## ନିନ୍ଦାକଲା ଭାଜପା

ଲୁଧିଆନା, ୩।୬



ପଞ୍ଜାବର ଲୁଧିଆନା ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ସମୟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଛନ୍ତି, ଭାରତୀୟ ସେନାର ଅପରେଶନ ସିନ୍ଦୂରକୁ ନେଇ ଭାଜପା ରାଜନୀତି କରୁଛି। ଏବେ ଭାଜପା ସିନ୍ଦୂର ନାମରେ ଲୋକଙ୍କୁ ଭୋଟ ମାଗୁଛି। ଭାଜପା ନେତାମାନେ ଘରକୁ ଘର ସିନ୍ଦୂର ପଠାଇ ଅପରେଶନ ସିନ୍ଦୂରର ମଜା ଉଡ଼ାଉଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି, କ'ଣ ଭାଜପା ନେତାମାନେ ଚାହୁଁଛନ୍ତି ପ୍ରତିଘରେ ମହିଳାମାନେ ମୋଦିଙ୍କ ନାଁରେ ସିନ୍ଦୂର ଲଗାଇବେ। ଏହା କ'ଣ କେନ୍ଦ୍ର ସରକାରଙ୍କର 'ଏକ ରାଷ୍ଟ୍ର ଏକ ସ୍ୱାମୀ' ଯୋଜନା କି ବୋଲି ସେ ପ୍ରଶ୍ନ କରିଛନ୍ତି। ଭଗୱନ୍ତ ମାନ୍‌ଙ୍କ ଏହି ମନ୍ତବ୍ୟକୁ ଭାଜପା ନିନ୍ଦା କରିଛି। ଭଗୱନ୍ତ ସମସ୍ତ ସୀମା ପାର୍ କରି ଭାରତୀୟ ସେନାର ଅପରେଶନ ସିନ୍ଦୂରକୁ ପରିହାସ କରିଛନ୍ତି ବୋଲି ପଞ୍ଜାବ ଭାଜପାର ମୁଖପାତ୍ର ପ୍ରୀତ୍‌ପାଲ ସିଂ ବାଲିଆୱାଲ୍ କହିଛନ୍ତି।

## ରାଷ୍ଟ୍ରବିରୋଧୀ କାର୍ଯ୍ୟ ପାଇଁ କଶ୍ମୀରର ୩ ସରକାରୀ କର୍ମଚାରୀ ବହିଷ୍କୃତ

ଶ୍ରୀନଗର,୩।୬

ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସମ୍ପୃକ୍ତି ଥିବା ଅଭିଯୋଗରେ ଜମ୍ମୁ-କଶ୍ମୀରର ୩ ଜଣ ସରକାରୀ କର୍ମଚାରୀଙ୍କୁ ଉପରାଜ୍ୟପାଳ ମନୋଜ ସିହ୍ନା ମଙ୍ଗଳବାର ବହିଷ୍କାର କରିଛନ୍ତି। ବହିଷ୍କୃତ କର୍ମଚାରୀ ହେଲେ ଜମ୍ମୁ-କଶ୍ମୀର ପୋଲିସରେ କନ୍‌ଷ୍ଟେବଲ ଥିବା ଅନନ୍ତନାଗର ମଲିକ ଇଶ୍‌ଫାକ ନାସିର, ସ୍ୱାସ୍ଥ୍ୟ ଓ ଡାକ୍ତରୀ ଶିକ୍ଷା ବିଭାଗର ଜୁନିୟର ଆସିଷ୍ଟାଣ୍ଟ ଥିବା ଶ୍ରୀନଗରର ୱାସିମ ଅହମଦ୍ ଖାନ୍ ଏବଂ ସ୍କୁଲ୍ ଶିକ୍ଷା ବିଭାଗରେ ଶିକ୍ଷକ ଥିବା ପୁଞ୍ଚ୍ ଅଞ୍ଚଳର ଐଜାଜ ଅହମଦ।

# ବାକ୍ ସ୍ୱାଧୀନତା ଅର୍ଥ ଭାବାବେଗକୁ ଆଘାତ ଦେବା ନୁହେଁ

## ଶର୍ମିଷ୍ଠାଙ୍କ ଅନ୍ତରୀଣ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

କୋଲକାତା,୩।୬


ଶର୍ମିଷ୍ଠା ପାନୋଲି

ଅପରେଶନ ସିନ୍ଦୂର ସମ୍ପର୍କିତ ଭିଡିଓରେ ଧର୍ମୀୟ ଭାବାବେଗକୁ ଆଘାତ ଦେଇଥିବା ଅଭିଯୋଗରେ ଗତ ୩୦ ତାରିଖରେ ଗିରଫ ହୋଇଥିବା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଶର୍ମିଷ୍ଠା ପାନୋଲିଙ୍କ ଅନ୍ତରୀଣ ଜାମିନ ଆବେଦନକୁ କୋଲକାତା ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଶର୍ମିଷ୍ଠା ଗିରଫ ସମ୍ପର୍କିତ କେସ୍ ଡାଇରି ୫ ତାରିଖରେ ଦାଖଲ କରିବା ଲାଗି ଅଦାଲତ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ତାଙ୍କ ଜାମିନ ଆବେଦନର ପୁନର୍ବାର ଶୁଣାଣି କରିବେ ବୋଲି କହିଛନ୍ତି। ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ଦେଶରେ ସର୍ବସାଧାରଣରେ ମନ୍ତବ୍ୟ ଦେବା ବେଳେ ସତର୍କ ରହିବା ଜରୁରୀ ବୋଲି ଶୁଣାଣି ବେଳେ ପାର୍ଥ ସାରଥି ମୁଖାର୍ଜୀ କହିଛନ୍ତି। ଶର୍ମିଷ୍ଠାଙ୍କ ମନ୍ତବ୍ୟରେ ଗୋଟିଏ ଗୋଷ୍ଠୀର ଲୋକଙ୍କ ଭାବନାକୁ ଆଘାତ ଲାଗିଛି। ଆମର ସ୍ୱାଧୀନ ମତବ୍ୟକ୍ତ କରିବା ଅଧିକାର ରହିଛି, କିନ୍ତୁ ତା' ଅର୍ଥ କାହାର ଭାବାବେଗକୁ ଆଘାତ ଦେବା ନୁହେଁ ବୋଲି ବିଚାରପତି ଟିପ୍ପଣୀ ଦେଇଛନ୍ତି।

# 'ମାଲିକ'ରେ ରାଜକୁମାରଙ୍କ ଆକ୍ସନ ଅବତାର

ମୁମ୍ବାଇ


ରାଜକୁମାର ରାଓ

ଅଭିନେତା ରାଜକୁମାର ରାଓଙ୍କ ଆଗାମୀ ଆକ୍ସନ ଫିଲ୍ମ 'ମାଲିକ'ର ଟିଜର ମଙ୍ଗଳବାର ଜାରି ହୋଇଛି। ସେଥିରେ ରାଜକୁମାରଙ୍କ ୨ଟି ଲୁକ୍ ଦେଖିବାକୁ ମିଳିଛି। ଗୋଟିଏ ଲୁକ୍‌ରେ ସେ ଅଧିକ ଦାଢ଼ି ଏବଂ ଲମ୍ବା କେଶ ସହ ନଜରକୁ ଆସିଛନ୍ତି। ଅନ୍ୟ ଏକ ଲୁକ୍‌ରେ ତାଙ୍କୁ ଲମ୍ବା କେଶ ସହ କ୍ଲିନ୍ ଶେଭ୍ ଥିବାର ଦେଖିବାକୁ ମିଳିଛି। ୧ ମିନିଟ ୨୧ ସେକେଣ୍ଡର ଏହି ଟିଜରରେ ରାଜକୁମାରଙ୍କ ଭରପୂର ଆକ୍ସନ ଅବତାର ଦେଖିବାକୁ ମିଳିଛି। ପୁଲ୍‌କିତଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଜୁଲାଇ ୧୧ରେ ମୁକ୍ତିଲାଭ କରିବାକୁ ଥିବାବେଳେ ଅଭିନେତ୍ରୀ ମାନୁଷି ଛିଲ୍ଲର ଏବଂ ମେଧା ଶଙ୍କର ମଧ୍ୟ ନଜରକୁ ଆସିବେ।

# କୋଭିଡ୍ ସକ୍ରିୟ ମାମଲା ୪ ହଜାର ଟପିଲା


## ୨୪ ଘଣ୍ଟାରେ ୫ ମୃତ

ନୂଆଦିଲ୍ଲୀ, ୩।୬


ନୂଆଦିଲ୍ଲୀଠାରେ ଲୋକମାନେ ରାସ୍ତାରେ ମାସ୍କ ପିନ୍ଧି ଯିବାଆସିବା କରୁଛନ୍ତି।

ଭାରତରେ କୋଭିଡ୍‌ର ସକ୍ରିୟ ମାମଲା ମଙ୍ଗଳବାର ବଢ଼ି ୪,୦୨୬ରେ ପହଞ୍ଚିଛି। ୨୪ ଘଣ୍ଟା ମଧ୍ୟରେ ଦେଶରେ କରୋନାର ନୂତନ ୫୧୨ଟି ସକ୍ରିୟ ମାମଲା ସାମ୍ନାକୁ ଆସିଥିବା ନେଇ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ତଥ୍ୟ ଜାରି କରାଯାଇଛି। ସେହିପରି ଦେଶରେ ୨୪ ଘଣ୍ଟା ମଧ୍ୟରେ ୫ଟି କୋଭିଡ୍ ଜନିତ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି। ଗତ ଜାନୁଆରୀ ୧ରୁ ଭାରତରେ ୩୭ ଜଣଙ୍କର କୋଭିଡ୍ ସମ୍ବନ୍ଧିତ ମୃତ୍ୟୁ ଘଟିଛି। କେରଳରେ ସର୍ବାଧିକ ୧,୪୧୬ କରୋନାର ସକ୍ରିୟ ମାମଲା ରହିଥିବାବେଳେ ମହାରାଷ୍ଟ୍ର, ଗୁଜରାଟ ଏବଂ ଦିଲ୍ଲୀରେ ଏହି ସଂଖ୍ୟା ଯଥାକ୍ରମେ ୪୯୪, ୩୯୭ ଏବଂ ୩୯୩ ରହିଛି। ପଶ୍ଚିମବଙ୍ଗରେ ୩୭୨ ଏବଂ କର୍ଣ୍ଣାଟକରେ ୩୧୧ କୋଭିଡ୍‌ର ସକ୍ରିୟ ମାମଲା ରହିଛି। ପୁରା ଦେଶର କରୋନା ସକ୍ରିୟ ମାମଲା ସଂଖ୍ୟାର କେବଳ ୭୨% ମାମଲା ଏହି ୬ ରାଜ୍ୟରୁ ଆସିଛି। ତେବେ ସମ୍ପ୍ରତି ଦେଶରେ କୋଭିଡ୍ ସ୍ଥିତି ଚିନ୍ତାଜନକ ନ ଥିବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ରଖିଛନ୍ତି। ଅଧିକାଂଶ ମାମଲାରେ ଲକ୍ଷଣ ସାମାନ୍ୟ ରହୁଥିବା ସେମାନେ କହିଛନ୍ତି। ଦେଶର କୋଭିଡ୍ ସ୍ଥିତିକୁ ନେଇ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ଡାଇରେକ୍ଟର ଜେନେରାଲ ଡକ୍ଟର ରାଜୀବ ବେହଲ୍ କହିଛନ୍ତି, ଅଧିକାଂଶ କରୋନା ଚିହ୍ନଟ ବ୍ୟକ୍ତିଙ୍କ ନିକଟରେ ସାମାନ୍ୟ ଲକ୍ଷଣ ରହୁଥିବା ସହ ଘରେ ସେମାନଙ୍କର ଚିକିତ୍ସା କରାଯାଉଛି। ଭୟଭୀତ ନ ହୋଇ ସତର୍କ ରହିବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି।






# ବର୍ଷ ପୂର୍ତ୍ତି ଅବସରରେ ପ୍ରତି ପଞ୍ଚାୟତରୁ ୧୦ ଜଣଙ୍କୁ ମିଳିବ ପକ୍କାଘର

## ୫ ଦିନ ଭିତରେ ତାଲିକା ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି: ମନ୍ତ୍ରୀ

**ଭୁବନେଶ୍ୱର, ୩।୬ (ସୁନିତ୍ ମିଶ୍ର)**

ରାଜ୍ୟ ସରକାର ତାଙ୍କର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବକୁ ବଡ଼ ଧୁମଧାମରେ ପାଳିବା ଲାଗି ଯୋଜନା କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାର କେତେକ ବଡ଼ ଧରଣର ଘୋଷଣା କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମ ସମୟରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ପକ୍କାଘର ଦେବାକୁ ଯୋଜନା କରିଛନ୍ତି। ଅନ୍ତ୍ୟୋଦୟ ଯୋଜନାରେ ସରକାର ପ୍ରତ୍ୟେକ ପଞ୍ଚାୟତରୁ ୧୦ ଜଣ ଲେଖାଏ ହିତାଧିକାରୀଙ୍କୁ ପକ୍କାଘର ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ନାଏକ କହିଛନ୍ତି, ଅନ୍ତ୍ୟୋଦୟ ଯୋଜନାରେ ପ୍ରତ୍ୟେକ ପଞ୍ଚାୟତର ୧୦ ଜଣ ଲେଖା ପକ୍କାଘର ପାଇବେ। ଏଥିଲାଗି ୫ ଦିନ ମଧ୍ୟରେ ତାଲିକା ପ୍ରଦାନ କରିବା ପାଇଁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୧୨ ତାରିଖ ପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମରେ ଏହା ପ୍ରଦାନ କରାଯିବ ବୋଲି ନାଏକ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ଲକ୍ଷେ ୭ ହଜାର ପକ୍କାଘର ଅନ୍ତ୍ୟୋଦୟ ଯୋଜନାରେ ଲୋକଙ୍କୁ ପ୍ରଦାନ କରିବା ଲାଗି ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। କେଉଁ ଜିଲାକୁ କେତେ ଘର ପ୍ରଦାନ କରାଯିବ ତା'ର ତାଲିକା ପ୍ରସ୍ତୁତ ଶେଷହେବା ସହ ଏନେଇ ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ଚିଠି ଦିଆଯାଇଥିଲା। ଜିଲାପାଳମାନେ ତୁରନ୍ତ ତାଲିକା ପ୍ରସ୍ତୁତକରି ଦେବା ଲାଗି ଯେଉଁ ସମୟ ଧାର୍ଯ୍ୟ କରାଯାଇଥିଲା ତା' ଭିତରେ ତାଲିକା ଆସିପାରି ନ ଥିବା ଜଣାପଡ଼ିଛି। ଅନ୍ୟପଟେ ଏଥିଲାଗି ଆଉ ଥରେ ବିଭାଗ ପକ୍ଷରୁ ସମୟ ଦିଆଯାଇଛି। ବିଡିଓମାନଙ୍କ ଚୂଡ଼ାନ୍ତ ତାଲିକା ଆସିବା ପରେ ତାହା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅନୁମୋଦନ ଲାଗି ଯିବ ବୋଲି ଜଣାପଡ଼ିଛି।




# ମନ୍ତ୍ରୀଙ୍କ କ୍ଷମତା କାର୍ଯ୍ୟକାରୀ କରିବେ ସଚିବ

## ବଣ୍ଟା ହେବ କ୍ଷମତା, ବଦଳିବ ପ୍ରଶାସନିକ ଢାଞ୍ଚା

**ଭୁବନେଶ୍ୱର,୩।୬ (ରବିନାରାୟଣ ଜେନା)**

ସରକାରୀ ବ୍ୟବସ୍ଥାକୁ ଅଧିକ ଦକ୍ଷ ଓ ଗତିଶୀଳ କରିବା ପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ପ୍ରଶାସନିକ ଢାଞ୍ଚାରେ କେତେକ ପରିବର୍ତ୍ତନ କରାଯିବ। କ୍ଷମତାର ମଧ୍ୟ ବିକେନ୍ଦ୍ରୀକରଣ ହେବ। ଏପରି କି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣଙ୍କ ଉପରେ ଥିବା ଦାୟିତ୍ୱକୁ ଏପାଖସେପାଖ କରାଯିବ। ଆଗାମୀ ଦିନରେ କାର୍ଯ୍ୟର ଭାର ଯେପରି ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡରେ ନ ରହିବ ଏବଂ ସରକାରଙ୍କ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ନିଆଯାଇପାରିବ, ତାହାକୁ ଦୃଷ୍ଟିରେ ରଖାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିଯୁକ୍ତି ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ସଚିବଙ୍କ ଭୂମିକା ପୂର୍ବରୁ ନ ଥିବାବେଳେ ଏବେ ସେମାନଙ୍କୁ ସମ୍ପୃକ୍ତ କରାଯିବ। ଅର୍ଥାତ୍ ସଚିବମାନେ ମନ୍ତ୍ରୀଙ୍କ କ୍ଷମତା ନିର୍ବାହ କରିବେ ବୋଲି ଜଣାପଡ଼ିଛି। ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତିକୁ ଆଧାର କରି ମେ' ୨୮ରେ ଯୋଜନା ଓ ସଂଯୋଜନା ବିଭାଗ ଅତିରିକ୍ତ ସଚିବ ମଧୁସ୍ମିତା ସାମଲ ସବୁ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି।

ସଂପ୍ରତି ରାଜ୍ୟ ସରକାରରେ ବିଭିନ୍ନ ବର୍ଗର କର୍ମଚାରୀଙ୍କ ନିଯୁକ୍ତି ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ଗ୍ରୁପ୍-ବି' ଅଧିକାରୀଙ୍କଠାରୁ ଗ୍ରୁପ୍-ଏ' ଅଧିକାରୀ(ପାହ୍ୟା-୧୨ ତଥା ଅନୁସଚିବ)ଙ୍କ ପର୍ଯ୍ୟନ୍ତ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ହିଁ ନିଷ୍ପତ୍ତି ନେଉଛନ୍ତି। ସେହିପରି ଗ୍ରୁପ୍-ଏ'(ପାହ୍ୟା-୧୨)ଠାରୁ ତଦୂର୍ଦ୍ଧ୍ୱ ପ୍ରଶାସନିକ ଅଧିକାରୀଙ୍କ ନିଯୁକ୍ତି ଏବଂ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନେଉଛନ୍ତି। ଏହାଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଉପରେ କାର୍ଯ୍ୟଭାର ବଢ଼ିଚାଲିଛି। ଏମିତି କି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଗଦା ଗଦା ଫାଇଲ ପଡ଼ି ରହିଛି। ଏହି ଚାପରୁ ମୁଖ୍ୟମନ୍ତ୍ରୀଙ୍କୁ ମୁକ୍ତକରିବା ଲାଗି କ୍ଷମତାରେ ପରିବର୍ତ୍ତନ କରାଯିବ।

ତଦନୁଯାୟୀ, ସମ୍ପୃକ୍ତ ବିଭାଗର ସଚିବମାନେ ନିଯୁକ୍ତି ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କର୍ତ୍ତୃପକ୍ଷ ଭାବେ ଦାୟିତ୍ୱରେ ରହିବେ। ପୂର୍ବରୁ ବିଭାଗୀୟ ମନ୍ତ୍ରୀମାନେ ଯେପରି ଗ୍ରୁପ୍-ବି' ଅଧିକାରୀଙ୍କଠାରୁ ଗ୍ରୁପ୍-ଏ' ଅଧିକାରୀ(ପାହ୍ୟା-୧୨ ତଥା ଅନୁସଚିବ)ଙ୍କ ନିଯୁକ୍ତି ଏବଂ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ନେଉଥିଲେ, ଏବେ ଉକ୍ତ ଦାୟିତ୍ୱ ସମ୍ପୃକ୍ତ ବିଭାଗ ସଚିବ ନିର୍ବାହ କରିବେ।

ଅନ୍ୟପକ୍ଷରେ ସମ୍ପୃକ୍ତ ବିଭାଗ ମନ୍ତ୍ରୀ ଗ୍ରୁପ୍-ଏ'(ପାହ୍ୟା-୧୨ରୁ ତଦୂର୍ଦ୍ଧ୍ୱ)ବର୍ଗର ଚାକିରିଆଙ୍କଠାରୁ ଆରମ୍ଭ କରି ଗ୍ରୁପ୍-ଏ'(ପାହ୍ୟା-୧୪ ବା ଯୁଗ୍ମସଚିବ)ଙ୍କ ପର୍ଯ୍ୟନ୍ତ ନିଯୁକ୍ତି ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ। ହେଲେ ମୁଖ୍ୟମନ୍ତ୍ରୀ କେବଳ ଗ୍ରୁପ୍-ଏ(ପାହ୍ୟା-୧୪)ବର୍ଗଙ୍କଠାରୁ ଊର୍ଦ୍ଧ୍ୱ ବର୍ଗଙ୍କ ନିଯୁକ୍ତି ଓ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ। ଏନେଇ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ସରକାରଙ୍କ ଅନୁମୋଦନ ଆଣିବା ପରେ ଏହି ପ୍ରକ୍ରିୟାରେ ପ୍ରଶାସନିକ ନିଷ୍ପତ୍ତି ନିଆଯିବ ବୋଲି ଜଣାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ମେ' ୯ରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କ୍ୟାବିନେଟ୍ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି ହୋଇଥିଲା। ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର ନିର୍ଦ୍ଦେଶନାମାରେ ଦର୍ଶାଇଥିଲେ ଯେ, ଏଣିକି କ୍ୟାବିନେଟ୍ ବୈଠକରେ ସଚିବମାନେ ବସି ପାରିବେ ନାହିଁ।

# ଭିଟିଆରରେ ଅଣାଯିବ ସୁଧାର

## ତ୍ୱରିତ୍ ଜାଣିହେବ ମତଦାନ ପ୍ରତିଶତ ହାର

**ଭୁବନେଶ୍ୱର,୩।୬ (ରବିନାରାୟଣ ଜେନା)**

ମତଦାନ ପ୍ରତିଶତ ହାର କିଭଳି ତ୍ୱରିତ୍ ଜଣାପଡ଼ିବ ସେନେଇ ଭୋଟର ଟର୍ନଆଉଟ୍(ଭିଟିଆର୍) ପ୍ରକ୍ରିୟାରେ ସୁଧାର ଆଣିବାକୁ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ସୂଚନା ଅନୁଯାୟୀ, ଆନୁମାନିକ ମତଦାନ ପ୍ରତିଶତ ଧାରା ବିଷୟରେ ଲୋକମାନଙ୍କୁ ସମୟାନୁସାରେ ଅବଗତ କରାଇବା ପାଇଁ ଏକ ସୁଗମ, ପ୍ରଯୁକ୍ତିବିଦ୍ୟା-ଚାଳିତ ବ୍ୟବସ୍ଥା ପ୍ରଚଳନ କରାଯିବ। ଏହି ନୂତନ ପ୍ରକ୍ରିୟା ପୂର୍ବ ମାନୁଆଲ୍ ରିପୋର୍ଟିଂ ପଦ୍ଧତି ସହିତ ଜଡ଼ିତ ସମୟ ଅନ୍ତରାଳକୁ ଯଥେଷ୍ଟ ଭାବରେ ହ୍ରାସ କରିବ। ନିର୍ବାଚନ ଆଚରଣ ନିୟମ-୧୯୬୧ର ନିୟମ ୪୯ଏସ୍‌ର ବୈଧାନିକ ଢାଞ୍ଚା ଅନୁଯାୟୀ, ପ୍ରିଜାଇଡିଂ ଅଫିସରମାନେ ପ୍ରାର୍ଥୀମାନଙ୍କ ଦ୍ୱାରା ମନୋନୀତ ଏବଂ ମତଦାନ ଶେଷରେ ମତଦାନ କେନ୍ଦ୍ରରେ ଉପସ୍ଥିତ ପୋଲିଂ ପ୍ରତିନିଧିମାନଙ୍କୁ ଫର୍ମ ୧୭-ସି' ପ୍ରଦାନ କରିବାକୁ ବାଧ୍ୟ, ଯେଉଁଥିରେ ରେକର୍ଡ ହୋଇଥିବା ଭୋଟ୍‌ର ହିସାବ ବିସ୍ତୃତ ଭାବରେ ଉଲ୍ଲେଖ ରହିବ। ଯଦିଓ ଏହି ଆଇନଗତ ଆବଶ୍ୟକତା ଅପରିବର୍ତ୍ତିତ ରହିଛି, ଭି.ଟି.ଆର. ଆପ୍ ଦ୍ୱାରା ଜନସାଧାରଣଙ୍କୁ ଆନୁମାନିକ ମତଦାନ ପ୍ରତିଶତ ଧାରା ବିଷୟରେ ଅବଗତ କରାଇବା ପାଇଁ ଏକ ସହଜ, ଅଣ-ବୈଧାନିକ ପଦ୍ଧତି ଭାବରେ ବିକଶିତ କରାଯାଇଥିଲା, ତାହା ମଧ୍ୟରେ ଦ୍ରୁତ ସୁଧାରକୁ ସୁନିଶ୍ଚିତ କରାଯାଉଛି। ଏହି ନୂତନ ପଦକ୍ଷେପ ଅନୁଯାୟୀ, ପ୍ରତ୍ୟେକ ମତଦାନ କେନ୍ଦ୍ରର ପ୍ରିଜାଇଡିଂ ଅଧିକାରୀ ଏବେ ମତଦାନ ଦିନ ପ୍ରତି ଦୁଇ ଘଣ୍ଟାରେ ଥରେ ନୂତନ ଇସିଆଇନେଟ୍ ଆପ୍‌ରେ ସିଧାସଳଖ ମତଦାନ ସଂଖ୍ୟା ପ୍ରବେଶ କରାଇବେ, ଯଦ୍ୱାରା ଆନୁମାନିକ ମତଦାନ ଧାରା ତ୍ୱରିତ ମିଳିପାରିବ। ଏହା ସ୍ୱୟଂଚାଳିତ ଭାବରେ ନିର୍ବାଚନମଣ୍ଡଳୀସ୍ତରରେ ଏକତ୍ରିତ ହେବ। ପୂର୍ବପରି ପ୍ରତି ଦୁଇ ଘଣ୍ଟାରେ ଥରେ ଆନୁମାନିକ ମତଦାନ ପ୍ରତିଶତ ଧାରା ପ୍ରକାଶିତ ହେବ। ମତଦାନ ବନ୍ଦ ହେବା ପରେ ପିଆରଓଙ୍କ ଦ୍ୱାରା ମତଦାନ ସଂଖ୍ୟା ତଥ୍ୟ ଇସିଆଇ ନେଟ୍‌ରେ ଅପଲୋଡ୍ କରାଯିବ, ଯାହା ଉଲ୍ଲେଖନୀୟ ଭାବରେ ବିଳମ୍ବକୁ ହ୍ରାସ କରିବ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି।

ପୂର୍ବରୁ ସେକ୍ଟର ଅଧିକାରୀମାନେ ସ୍ୱୟଂ ମତଦାନ ତଥ୍ୟ ସଂଗ୍ରହ କରୁଥିଲେ ଏବଂ ଫୋନ୍, ବାର୍ତ୍ତା କିମ୍ବା ମେସେଜିଂ ଆପ୍ ମାଧ୍ୟମରେ ରିଟର୍ନିଂ ଅଫିସରଙ୍କୁ ପଠାଉଥିଲେ; ଯାହାଫଳରେ ୪-୫ ଘଣ୍ଟା କିମ୍ବା ତା'ଠାରୁ ଅଧିକ ବିଳମ୍ବ ହେଉଥିଲା ଏବଂ ଏହା କିଛି ଲୋକଙ୍କ ମନରେ ଭୁଲ୍ ଧାରଣା ସୃଷ୍ଟି କରୁଥିଲା।

# ୫ରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲା ଗସ୍ତ

## ୮ ଶିଳ୍ପ ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନ କରିବେ

**ଛତ୍ରପୁର,୩।୬ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୫ ତାରିଖରେ ଗଞ୍ଜାମ ଜିଲା ଗସ୍ତରେ ଆସିବେ। ସେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ, ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷାକରିବା ସହ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ଗୁରୁବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ରମ୍ଭା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସେଠାରେ ସ୍ଥାପିତ ୪୧ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ଲୋକାର୍ପଣ କରିବେ। ସେଠାରୁ ଛତ୍ରପୁର ଆସି ଶିଳ୍ପପତିମାନଙ୍କ ସହ ବୈଠକ କରିବେ। ଏହାପରେ ଛତ୍ରପୁର ଖେଳପଡ଼ିଆଠାରେ ଜିଲାରେ ହେବାକୁ ଥିବା ୮ଟି ଶିଳ୍ପ ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନକରି ସଭାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ସଭାରେ ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ, ଛତ୍ରପୁର ଏବଂ ବ୍ରହ୍ମପୁର ବିଧାୟକ ଉପସ୍ଥିତ ରହି ଉଦ୍‌ବୋଧନ ଦେବେ। ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଟାଟା ଏସ୍‌ଇଜେଡ୍ ପ୍ରୋଜେକ୍ଟ ଅନ୍ତର୍ଗତ ବିଭିନ୍ନ ଶିଳ୍ପ ଅନୁଷ୍ଠାନ ପରିଦର୍ଶନକରିବା ସହ ସେଠାରେ ଚାରାରୋପଣ କରିବେ। ଉକ୍ତ ପାର୍କରେ ନିର୍ମାଣ ଚାଲିଥିବା ଦୀପକ ଫର୍ଟିଲାଇଜର ପ୍ଲାଣ୍ଟ ଅଗ୍ରଗତି ଅନୁଧ୍ୟାନ କରିବା କାର୍ଯ୍ୟକ୍ରମ ରହିଛି। ଅପରାହ୍ନ ୩ଟାରେ ବ୍ରହ୍ମପୁର ଆଙ୍କୁଲିଠାରେ ଚାଲିଥିବା ତାରାଦେବୀଙ୍କ ଯାତ୍ରାକୁ ଯାଇ ମା'ଙ୍କ ଦର୍ଶନକରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।


ମୋହନ ଚରଣ ମାଝୀ

# ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ


ଗ୍ରାମବାସୀ ମୃତଦେହ କାନ୍ଧରେ ଧରି ଗ୍ରାମକୁ ନେଉଛନ୍ତି।

- ମୃତଦେହ ବ୍ୟବଚ୍ଛେଦରେ ବିଳମ୍ବକୁ ନେଇ ଅସନ୍ତୋଷ
- ମହିଳାଙ୍କ ମୃତଦେହ ଧରି ଗ୍ରାମକୁ ଚାଲିଚାଲି ଗଲେ

**ଦାରିଙ୍ଗବାଡି, ୩।୬ (ଅରୁଣ ସାହୁ)**

କନ୍ଧମାଳ ଜିଲା ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଛି। ଚିକିତ୍ସାରେ ଅବହେଳା ଯୋଗୁ ସମ୍ପୃକ୍ତା ମହିଳାଙ୍କ ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ତେବେ ମୃତଦେହ ବ୍ୟବଚ୍ଛେଦରେ ବହୁ ବିଳମ୍ବ ଯୋଗୁ ପରିବାର ଲୋକେ ମୃତଦେହ ଧରି ଚାଲିଚାଲି ୮ କି.ମି. ଦୂର ଗ୍ରାମକୁ ଆସିଥିବା ପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା।

ଖବରରୁ ଜଣାପଡିଛି, ସିହାଙ୍ଗବାଲି ପଞ୍ଚାୟତ କାଜୁରିବାଜାରି ଗ୍ରାମର ସୁରେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ସୁନିମା ୬ମାସର ଗର୍ଭବତୀ ଥିଲେ। ସୋମବାର ରାତିରେ ତାଙ୍କର ପେଟ, ବେକ ଓ ଆଖିରେ ବ୍ୟଥା ହେବାରୁ ସୁରେନ୍ଦ୍ର ସ୍ତ୍ରୀଙ୍କୁ ଭୋର ସମୟରେ ଦାରିଙ୍ଗିବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ଓ ନର୍ସ ତାଙ୍କ ସ୍ତ୍ରୀଙ୍କୁ ଇଞ୍ଜେକ୍ସନ ଦେବା ସହ ସାଲାଇନ ଓ ଅକ୍ସିଜେନ ଦେଇଥିଲେ। ତେବେ ଡାକ୍ତର ତାଙ୍କ ପେଟ କାଟୁଥିବାରୁ ପେଟକୁ ଜୋରରେ ଚିପି ପରୀକ୍ଷା କରିଥିଲେ। ଏଥିରେ ତାଙ୍କ ସ୍ତ୍ରୀ ଭଲ ହେବା ପରିବର୍ତ୍ତେ ଯନ୍ତ୍ରଣାରେ ଛାଟିପିଟି ହୋଇଥିଲେ। କିଛି ସମୟ ପରେ ଡାକ୍ତର ଆସି ସ୍ତ୍ରୀଙ୍କୁ ମୃତ ଘୋଷଣା କରି ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ ବୋଲି ସୁରେନ୍ଦ୍ର କହିଛନ୍ତି। ତେବେ ଚିକିତ୍ସା ସମୟରେ ଡାକ୍ତରଙ୍କୁ ସୁରେନ୍ଦ୍ର ତାଙ୍କ ସ୍ତ୍ରୀ ୬ମାସର ଗର୍ଭବତୀ ଥିବା ଜଣାଇଥିଲେ। ଡାକ୍ତର ତାଙ୍କ ସ୍ତ୍ରୀଙ୍କ ପେଟକୁ ଜୋରରେ ଚିପି ନ ଥିଲେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇ ନ ଥାନ୍ତା ବୋଲି ସୁରେନ୍ଦ୍ର ଅଭିଯୋଗ କରିଛନ୍ତି।

ଖବରପାଇ ଆଇଆଇସି କନକ ମାଝୀ, ଏସ୍‌ଆଇ ଲକ୍ଷ୍ମୀ ମାଝୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ପଠାଯିବାକୁ ଡାକ୍ତର କହିଥିଲେ ମଧ୍ୟ ଆମ୍ବୁଲାନ୍ସରେ ତେଲ ନାହିଁ, ଷ୍ଟାର୍ଟ ହେଉନାହିଁ ଆଳ ଦେଖାଇ କର୍ତ୍ତୃପକ୍ଷ ଆମ୍ବୁଲାନ୍ସ ଦେଇ ନ ଥିଲେ। ଇତି ମଧ୍ୟରେ ଖବରପାଇ ସୁରେନ୍ଦ୍ରଙ୍କ ଗ୍ରାମରୁ ବହୁ ମହିଳା ପୁରୁଷ ଓ ଜନ ପ୍ରତିନିଧି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସାରିଥିଲେ। ମୃତଦେହ ବ୍ୟବଚ୍ଛେଦ ଓ ରିପୋର୍ଟ ପ୍ରସ୍ତୁତିରେ ବହୁ ବିଳମ୍ବ ହେବାରୁ ପରିବାର ଓ ଗ୍ରାମବାସୀ ଆମେ ଆଉ ମୃତଦେହ ବ୍ୟବଚ୍ଛେଦ କରିବୁନାହିଁ କହି ଡାକ୍ତର ଏବଂ ପୋଲିସର ଅବହେଳାକୁ ଦାୟୀ କରିଥିଲେ। ପରେ ଗ୍ରାମର ମହିଳାମାନେ ସୁନିମାଙ୍କ ମୃତଦେହକୁ କାନ୍ଧରେ ଧରି ଗ୍ରାମ ଅଭିମୁଖେ ବାହାରିଥିଲେ। ସେମାନଙ୍କୁ ପୋଲିସ ବୁଝାଶୁଝା କରିଥିଲେ ମଧ୍ୟ କିଛି ଶୁଣି ନ ଥିଲେ। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡା. ଜାକେଶ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଲେ, ଚିକିତ୍ସାରେ କୌଣସି ଅବହେଳା କରାଯାଇନାହିଁ।




ଭାରତର ଅଗ୍ରଣୀ ଇଞ୍ଜିନିୟରିଂ ଏବଂ ଭିତ୍ତିଭୂମି କମ୍ପାନୀ ମଧ୍ୟରୁ ଗୋଟିଏ, Larsen & Toubro, ସାରା ଓଡ଼ିଶାରେ ବୃହତ ଜଳ ଯୋଗାଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଅଭିଜ୍ଞ ଏବଂ ଦକ୍ଷ ଠିକାଦାରଙ୍କୁ ହାତ ମିଳାଇବାକୁ ଆମନ୍ତ୍ରଣ କରୁଛି।

ଆମେ ନିମ୍ନଲିଖିତ କ୍ଷେତ୍ରରେ **50 କିମ୍ବା ତା'ଠାରୁ ଅଧିକ** ଦକ୍ଷ ଶ୍ରମିକଙ୍କୁ ସଂଗ୍ରହ କରିବାକୁ ସକ୍ଷମ ଦଳ ଖୋଜୁଛୁ:

**କାର୍ଯ୍ୟ ପରିସର**

**ପାଇପଲାଇନ କାର୍ଯ୍ୟ (DI ଏବଂ HDPE)**
- DI ପାଇପଲାଇନ (Ø 100mm - 1000mm) ଏବଂ ଓଣ୍ଡ଼ଉ HDPE ପାଇପଲାଇନ (Ø 90mm - 160mm) ବିଛାଇବା
- ଖନନ, ସଂଯୋଗ, ବ୍ୟାକଫିଲିଂ, ହାଇଡ୍ରୋ-ପରୀକ୍ଷଣ, ଏବଂ ଭଲଭ ଫିକ୍ସିଂ
- ଭଲଭ ଚାମ୍ବର ଏବଂ ଥ୍ରଷ୍ଟ ବ୍ଲକ୍ ନିର୍ମାଣ
- ରାସ୍ତା/ରେଳୱେ କ୍ରସିଂ
- ପାଇପଲାଇନ୍ କମିଶନିଂ

**MS ପାଇପଲାଇନ୍ ବିଛା**
- MS ପାଇପଲାଇନ୍ ବିଛା (Ø 700mm - 1350mm)

**ଘର ସେବା ସଂଯୋଗ (HSC)**
- ପରିବାରକୁ ବ୍ୟକ୍ତିଗତ ଜଳ ସେବା ସଂଯୋଗ ସ୍ଥାପନଛ

**ସିଭିଲ୍ ଷ୍ଟ୍ରକଚର୍ ଏବଂ ରାସ୍ତା ପୁନରୁଦ୍ଧାର**
- ଓଭରହେଡ୍ ଟାଙ୍କି (କ୍ଷମତା: 50 KL ରୁ 700 KL ଷ୍ଟେଜିଂ ଉଚ୍ଚତା: 10 ମିଟର ରୁ 25 ମିଟର)
- ସୀମା କାନ୍ଥ (ଖୋଦନ, ବ୍ୟାକଫିଲିଂ, ସ୍ତମ୍ଭ ଏବଂ ପାଦ କଂକ୍ରିଟିଂ ଏବଂ ଇଟା ମସଜିନ)
- ଜଳ ବିଶୋଧନ ପ୍ଲାଣ୍ଟ (WTP) ପାଇଁ ସିଭିଲ୍ କାର୍ଯ୍ୟ - କଂକ୍ରିଟିଂ, ସଟରିଂ, ସବଳୀକରଣ, ପ୍ଲାଷ୍ଟରିଂ, ରଙ୍ଗ, ପ୍ଲମ୍ବିଂ ଏବଂ ବୈଦ୍ୟୁତିକ
- WTP, IBPS ଇତ୍ୟାଦିରେ ଇଲେକ୍ଟ୍ରୋ-ମେକାନିକାଲ୍ ଇରେକ୍ସନ୍ କାର୍ଯ୍ୟ
- ପାଇପଲାଇନ୍ କାର୍ଯ୍ୟ ପରେ ରାସ୍ତାର ପୁନରୁଦ୍ଧାର

ପ୍ରାସଙ୍ଗିକ ଅଭିଜ୍ଞତା ଏବଂ ଦକ୍ଷ ମାନବଶକ୍ତି ସହିତ ଆଗ୍ରହୀ ଠିକାଦାରମାନଙ୍କୁ ଓଡିଶାର ନିମ୍ନଲିଖିତ ପ୍ରକଳ୍ପ ସ୍ଥାନଗୁଡ଼ିକରେ ବିଭିନ୍ନ ପ୍ରକାରର ଜରୁରୀ ସାର୍ବଜନୀନ ଭିତ୍ତିଭୂମି କାର୍ଯ୍ୟରେ ନିୟୋଜିତ କରାଯିବ

- ଜଗତସିଂହପୁର
- ଭଞ୍ଜନଗର
- ଦଶପଲ୍ଲା
- ଫୁଲବାଣୀ
- ହରଭଙ୍ଗା
- ଚିଲିକା
- ବେଗୁନିଆ
- ବରଗଡ଼
- ଆଉଲ ଏବଂ ରାଜକନିକା
- କୋରାପୁଟ
- ନବରଙ୍ଗପୁର
- ଲମ୍ଫାପୁଟ

**ଆମର ବିକ୍ରେତାଙ୍କ ବୈଠକରେ ଯୋଗଦାନ କରନ୍ତୁ।**

ତାରିଖ : ଶନିବାର, 7 ଜୁନ୍ 2025
ସମୟ : ସକାଳ 9:00 ରୁ ସନ୍ଧ୍ୟା 6:00 ପର୍ଯ୍ୟନ୍ତ
ସ୍ଥାନ : ହୋଟେଲ ନନ୍ଦନ ଇଣ୍ଟରନ୍ୟାସନାଲ
ପୁରୁଣା ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଓଡ଼ିଶା - 760001

ଆମ ଠାରୁ ସିଧାସଳଖ ପ୍ରକଳ୍ପ ପରିସର, ସମୟସୀମା ଏବଂ କାର୍ଯ୍ୟ ଆଶା ବିଷୟରେ ଅଧିକ ଜାଣିବା ପାଇଁ ଏହା ଏକ ଉତ୍କୃଷ୍ଟ ସୁଯୋଗ।

**ଦୟାକରି ଯୋଗାଯୋଗ କରନ୍ତୁ:**
ଶ୍ରୀଯୁକ୍ତ ମନୋଜ ସ୍ୱାଇଁ - ମୋବ : 78941 12269 | ଶ୍ରୀଯୁକ୍ତ ସରୋଜ ବିଶ୍ୱାଳ - ମୋବ : 79786 37374

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଲ୍ ଇଣ୍ଡିଆ ଭଲୁ୍ୟଣ୍ଟାରି ବ୍ଲଡ ଡୋନର୍ସ ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ଓଡ଼ିଶାରେ ସଂଖ୍ୟାନୁପାତିକ ସଂରକ୍ଷଣ ଆଲୋଚନା ଚକ୍ର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- 'ପ୍ରତିକାର'ର ୧୮ତମ ସ୍ୱନକ୍ଷତ୍ର ଓ ଓଡ଼ିଶା ପ୍ରତିଭା ସମ୍ମାନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ସାରା ଭାରତ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଘନଘନ ବିଦ୍ୟୁତ୍ କାଟ ବନ୍ଦ, ପ୍ରିପେଡ ସ୍ମାର୍ଟ ମିଟର ପ୍ରଚଳନ ବାତିଲ ଦାବିରେ ଗଣପ୍ରତିବାଦ, ସ୍ଥାନ: ସିଡିଏ-୬ ବିଦ୍ୟୁତ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ
- ଉତ୍କର୍ଷ ନିମାପଡ଼ା ସମ୍ମିଳନୀ ଓ ସୁଭଦ୍ରା ଶକ୍ତିମେଳାର ଉଦ୍‌ଘାଟନ ସମାରୋହ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମସ୍ଥିତ ନୂଆ ବାରବାଟି ପଡ଼ି, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର
- ନିଶା ନିବାରଣ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଷଷ୍ଠଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫ୍ଏମ୍‌ୟୁ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୭ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ନଛିପୁର, ବଣ୍ଟଆ, ଭଦ୍ରକ, ସମୟ: ସକାଳ ୮ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ନାଲଗୁଣ୍ଡା, ପ୍ରତାପପୁର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଶନିଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଘରପଦା, ବନ୍ତ, ସମୟ: ସକାଳ ୯ଟା।
- ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ପ୍ରତିଯୋଗିତା, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ଅରଣ୍ଡୁଆ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା ୩୦।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ବାମନବିନ୍ଧା, ତିହିଡ଼ି, ସମୟ: ଅପରାହ୍ନ ୩ଟା ୩୦।

## ମୟୂରଭଞ୍ଜ
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ:ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରିପଦା,ସମୟ:ସକାଳ ୯ଟା।
- ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ
- ତ୍ରିବିକ୍ରେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା ପଟୁଆର, ସ୍ଥାନ: ଆସିକା ବଜାର ସାହି, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ
- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଚାଷୀ ସମାବେଶ, ସ୍ଥାନ: ପଲ୍ଲିଶ୍ରୀ ମେଳା ପଡ଼ିଆ, ମହିଷାପାଟ ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼
- ରୁକ୍ମଣୀ ବିବାହ ପ୍ରସ୍ତୁତି ବୈଠକ, ସ୍ଥାନ:କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର, ସମୟ:ଅପରାହ୍ନ ୪ଟା।

## ରାୟଗଡ଼ା
- ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନୂଆଗାଁ ଶିବ ମନ୍ଦିର ସମୀପ ଗୋଧାମ ପ୍ରାଙ୍ଗଣ, ସମୟ: ସକାଳ ୮ ଟା।
- ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ମା'ଠାକୁରାଣୀଙ୍କ ଘଟ ବିସର୍ଜନ, ସ୍ଥାନ: ଢ଼େପାଗୁଡା ଗ୍ରାମ, ଗୁଡାରୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ରେଜାଙ୍ଗାଲ ସହିଦ ମାଟିର ଦେଶବ୍ୟାପି କଳସ ଯାତ୍ରା, ସ୍ଥାନ: ବସୁଧୈବ କୁଟୁମ୍ବକମ ରାଧାକାନ୍ତ ମନ୍ଦିର, ରାୟଗଡା, ସମୟ: ମଧ୍ୟାହ୍ନ ୧ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ଯାଦବ ସମାଜର ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର
- ଖପ୍ରାଖୋଲ ବ୍ଲକରେ ବିକଶିତ କୃଷି ସଂକଳ୍ପ ଅଭିଯାନ, ଚାଷୀ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ, ସମୟ: ସକାଳ ୯ଟା।
- ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ଭେଲୁଆଖୋଲ, ଖପ୍ରାଖୋଲ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ:ଗୌଡପାଲି, ଖପ୍ରାଖୋଲ ବ୍ଲକ, ସମୟ:ଅପରାହ୍ନ ୩ଟା।

## ରାଉରକେଲା
- ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଗୀତାଯଜ୍ଞ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୭ଟା।
- ଜୀବନ ଜୀବିକା କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼
- ସଂଯୁକ୍ତ କୃଷକ ସଂଗଠନର ମଣ୍ଡି ପରିଦର୍ଶନ,ସ୍ଥାନ:ସହରାଟିକ୍ରା, ଭେଡେ଼ନ,ସମୟ:ସକାଳ ୯ଟା।
- ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ତମାଖୁ ନିବାରଣ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ ବସ୍‌ସେବା ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣା ନୂତନ ବସ୍ ଟର୍ମିନାଲ, ସମୟ: ଅପରାହ୍ନ ୫ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ବୌଦ୍ଧ
- ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଶୁଭାରମ୍ଭ, ସ୍ଥାନ:ହରିଶଙ୍କର କଳାମଣ୍ଡପ, କଣ୍ଟାମାଳ, ବୌଦ୍ଧ, ସମୟ:ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର
- ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା ବୈଠକ, ସ୍ଥାନ : ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ସକାଳ ୮ଟା।

## ନୂଆପଡ଼ା
- ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଦ୍ୱିତୀୟ ଦିବସ, ସ୍ଥାନ: କେଏନ୍ କିଡ୍‌ସ ପବ୍ଲିକ ସ୍କୁଲ ନୂଆପଡ଼ା, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ପଞ୍ଚାୟତ ମୂଷାପାଲି ଗାଁ, ସମୟ: ସକାଳ ୯ଟା ୩୦।
- କୋମନା ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଯେଉଁ କାମ ଆରମ୍ଭ କରିବେ ସେଥିରେ ସଫଳତା ପାଇବା କଷ୍ଟକର ହେବ। ଅବଶ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ ଦୂରେଇବାରେ ଲାଗିବ। ରାଜନୀତିରେ ଲୋକ ସମର୍ଥନ ଅବ୍ୟାହତ ରହିବା ଯୋଗୁ ଆଗେଇ ଯିବେ। ପିଲାଙ୍କ ଉଚ୍ଚ ଶିକ୍ଷା ସକାଶେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି।

**ବୃଷ** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ କାମ ହାସଲରେ ସମର୍ଥ ହୋଇପାରନ୍ତି। ବନ୍ଧୁଙ୍କ କାର୍ଯ୍ୟ କଳାପ ଅସନ୍ତୋଷଜନକ ହେଲେ ମଧ୍ୟ ସମ୍ମୁଖରେ କିଛି କହିପାରିବେ ନାହିଁ। ବାଣିଜ୍ୟରେ ଉନ୍ନତି, ପରିବହନରେ ଝଗଡ଼ାର ସମ୍ଭାବନା ରହିଛି। ଅବହେଳାବଶତଃ ଗୁରୁତ୍ୱପୂର୍ଣ୍ଣ କାମଟିକୁ କରି ନ ପାରି ଦୁଃଖ ଅନୁଭବ କରିପାରନ୍ତି।

**ମିଥୁନ** ଆଜିର ପ୍ରତ୍ୟୁଷ ଯାତ୍ରା ଲକ୍ଷ୍ୟ ହାସଲରେ ଅନୁକୂଳତା ପ୍ରଦାନ କରିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ଉଚିତ ମନେକରିପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ପାରନ୍ତି। ଧାତୁ, ଅଳଙ୍କାର, ଗୃହୋପକରଣ କିମ୍ବା ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବାକୁ ମନସ୍ଥ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ବିଶେଷ ଭଲ ନୁହେଁ।

**ସିଂହ** ପରିବାରର ଆର୍ଥିକ ଅନଟନ କାରଣରୁ କେତେକ ସ୍ଥଗିତ କାମ ରହିଯାଇପାରେ। ଅଫିସରେ କମନ କଥା ମନରେ ମାରି ରହିବାକୁ ବାଧ୍ୟ ହେବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ, ଗୃହ, ଜମି, ପରିବହନ ପ୍ରଭୃତିରୁ ଖୁସି ରହିବେ। ସଭାସମିତିରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ କିମ୍ବା ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**କନ୍ୟା** ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେନି। ଲେଖାପଢ଼ା, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତିରେ ଶୁଭଫଳ ପାଇବେ। ବନ୍ଧୁଙ୍କ ଆଶ୍ୱାସନା ଲାଭ କରି ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଦୂର ହେବ। ପଡ଼ୋଶୀଙ୍କ ସହାୟତାରେ ଅର୍ଥ ସଂଗ୍ରହରେ ତତ୍ପରତା ନିଷ୍ଫଳ ହେବନି।

**ତୁଳା** ଆଜି ମନର ଭାବନାକୁ ମନରେ ରଖି ଅନ୍ୟମାନଙ୍କର ନିକଟତର ହେବାକୁ ଚେଷ୍ଟା କରିବେ। ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସୀ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି। ବାରମ୍ବାର ରୋଗପୀଡ଼ା ଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**ବିଛା** ମିଠା କଥା କହି ଅନ୍ୟକୁ ଆପଣେଇ ନେବେ। ଇଚ୍ଛା ଅନୁଯାୟୀ କାମ ସମ୍ପନ୍ନ ହେବାରୁ ମାନସିକ ସ୍ଥିରତା ରହିବ। ଅନ୍ୟମାନଙ୍କ ଉପରେ ଭରସାକରି ବସି ରହିଲେ ସମସ୍ୟା ଭିତରେ ଛନ୍ଦି ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ସାମ୍ବାଦିକତା, ଚୁକ୍ତିପତ୍ର, ସଭାସମିତି ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ହାସଲ କରିବେ।

**ଧନୁ** ପ୍ରତିବନ୍ଧକ କାରଣରୁ ବିଭିନ୍ନ ନକାରାତ୍ମକ ଚିନ୍ତା ବ୍ୟତିବ୍ୟସ୍ତ କରାଇପାରେ। ଆନୁଷ୍ଠାନିକ କାମରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ନିଜ ଲୋକ ଶତ୍ରୁତା କରି ସମସ୍ୟାକୁ ବଢ଼ାଇଦେଇପାରନ୍ତି। ଆଜି ଯାତ୍ରା, ଆଲୋଚନା, ଚୁକ୍ତିପତ୍ର ପ୍ରଭୃତି ତରବରିଆ ଭାବେ କରିବା ଠିକ୍ ହେବନାହିଁ।

**ମକର** ଅଟକି ରହିଥିବା ଅମୀମାଂଶିତ ସମସ୍ୟାଟି ଆକସ୍ମିକ ଭାବରେ ସମାଧାନ ହୋଇଯିବ। ବନ୍ଧୁଙ୍କ ପରାମର୍ଶରେ କର୍ମ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲି ହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ହଠାତ୍ କୌଣସି ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବା ତେଣେ ଥାଉ, ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଆଜି ଅସାବଧାନତା ସହକାରେ ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ ଚଳାଇବା ଠିକ୍ ହେବ ନାହିଁ।

**ମୀନ** ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାମ ସାହାଯ୍ୟ ସହଯୋଗ ଭିତ୍ତିରେ ସମ୍ପନ୍ନ ହେବାର ସୂଚନା ରହିଛି। ଧାତୁ,ଅଳଙ୍କାର ଔଷଧ ପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ।

ଆଜି ଜୁନ୍ ୪ ତାରିଖ, ଜ୍ୟେଷ୍ଠ ଶୁକ୍ଳ ନବମୀ ବୁଧବାର, ରାଶିନକ୍ଷତ୍ର- ଉତ୍ତରାଫାଲଗୁନୀ/କନ୍ୟା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୭.୪୮ମି. ଗତେ ଘ.୦୮.୨୭ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୨୩ମି. ମଧ୍ୟେ ରାହୁ କାଳ।

# ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ: ୪ ମୃତ

**ନବରଙ୍ଗପୁର,୩।୬(ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ପଡ଼ାଲଗୁଡ଼ା ଗାଁରେ ମଙ୍ଗଳବାର ଏକ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୪ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଏନ୍. ସନ୍ତୁ( ୩୩), ଅମିୟ ଖୁରା( ୩୧), ଲାଲୁ ରଣା( ୩୨), ତ୍ରିଲୋଚନ ଭତ୍ରା (୩୦)। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାକୁ ନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ସକାଳ ପ୍ରାୟ ୯ଟା ୩୦ରେ ମୋହନ ନାଗଙ୍କ ନିର୍ମାଣାଧୀନ ପାଇଖାନା ଭିତରେ ଜମିଥିବା ପାଣି କାଢ଼ିବା ଓ ସେଣ୍ଟରିଂ ହଟାଇବା ପାଇଁ ତ୍ରିଲୋଚନ ଓ ଲାଲୁ ଓହ୍ଲାଇଥିଲେ। ଦୀର୍ଘ ସମୟ ବିତିବା ପରେ ମଧ୍ୟ ସେମାନେ ଫେରି ନ ଥିଲେ। ଏହାର କାରଣ ଜାଣିବା ପାଇଁ ଅମିୟ ଏବଂ ଏମ୍. ସନ୍ତୁ ପାଇଖାନା ଟାଙ୍କିକୁ ଓହ୍ଲାଇଥିଲେ। ପରେ ସେମାନେ ମଧ୍ୟ ଆଉ ବାହାରକୁ ଆସି ନ ଥିଲେ। ଏହା ଦେଖି ମୋହନ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ୍, ଡିଏସ୍‌ପି କୃଷ୍ଣଚନ୍ଦ୍ର ଭତରା, ନବରଙ୍ଗପୁର ଥାନାଧିକାରୀ ସମ୍ବିତ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଦମକଳ ବାହିନୀ ପହଞ୍ଚି ଟାଙ୍କି ଭିତରୁ ଅଚେତ ଅବସ୍ଥାରେ ୪ଜଣ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ୍ ଡାକ୍ତରଖାନାରୁ ଆମ୍ବୁଲାନ୍ସ ଡକାଇ ସେଥିରେ ଶ୍ରମିକମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମାଲିକଙ୍କ ଅସାବଧାନତା ଓ ଅବହେଳାରୁ ମୃତ୍ୟୁ ହୋଇଥିବା ନେଇ ପୋଲିସ ନଂ. ୨୧୭/୨୫ରେ ଏକ ମାମଲା ରୁଜୁକରିଛି। ରେଡ୍‌କ୍ରସ୍ ପକ୍ଷରୁ ମୃତକଙ୍କ ପରିବାରକୁ ୧୫ ହଜାର ଟଙ୍କା ଲେଖାଏ ଦିଆଯାଇଥିବା ନବରଙ୍ଗପୁର ଥାନାଧିକାରୀ ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ କରାଯାଉଛି।

# କେନ୍ଦ୍ରୀୟ ଡେପୁଟେଶନରେ ଯିବେ ଆଶିଷ ଠାକ୍‌ରେ

**ଭୁବନେଶ୍ୱର,୩।୬(ସୁନିତ୍ ମିଶ୍ର)**



ରାଜ୍ୟରୁ ଆଉ ଜଣେ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର୍ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ୨୦୧୧ ବ୍ୟାଚ୍ ଓଡ଼ିଶା ଆଇଏଏସ୍ ଅଫିସର ଆଶିଷ ଠାକ୍‌ରେଙ୍କୁ କେନ୍ଦ୍ର ଭିନ୍ନକ୍ଷମ ଓ ମାନବ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ ଭାବେ ନୂଆ ନିଯୁକ୍ତି ପାଇଛନ୍ତି। ଏହି ବିଭାଗରେ ସେ ୫ ବର୍ଷ ପାଇଁ ସେଣ୍ଟ୍ରାଲ ଷ୍ଟାଫିଙ୍ଗ୍ ଯୋଜନାରେ କାର୍ଯ୍ୟ କରିବେ। ଯେବେଠାରୁ ସେ ଦାୟିତ୍ୱ ଗ୍ରହଣ କରିବେ ସେହିଦିନ ଠାରୁ ୫ ବର୍ଷ ପାଇଁ ସେ ଏହି ଦାୟିତ୍ୱ ତୁଲାଇବେ। ତାଙ୍କୁ ତୁରନ୍ତ ରାଜ୍ୟ ସରକାର ରିଲିଭ କଲେ ସେ ତାଙ୍କ ନୂଆ ଦାୟିତ୍ୱରେ ଯୋଗଦେଇପାରିବେ ବୋଲି ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଡିଓପିଟି ବିଭାଗ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏହିବିଜ୍ଞପ୍ତିଜାରିହେବାର୩ସପ୍ତାହ ମଧ୍ୟରେ ଅଫିସର ତାଙ୍କ ପଦରେ ଦାୟିତ୍ୱ ଗ୍ରହଣ କରିବେ। ସୂଚନାଯୋଗ୍ୟ, ଆଶିଷ ଠାକ୍‌ରେ ଏବେ ରାଜସ୍ୱ ବୋର୍ଡର ସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି। ପୂର୍ବରୁ ସେ କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାପାଳ ଭାବେ କାର୍ଯ୍ୟ କରିଥିଲେ। ରାଜ୍ୟରୁ ଗତ ବର୍ଷକ ମଧ୍ୟରେ ଏକାଧିକ ଆଇପିଏସ୍ ଏବଂ ଆଇଏଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଯାଇସାରିଲେଣି। ନିକଟରେ ଭିନିଲ କ୍ରିଷ୍ଣା, ନିକୁଞ୍ଜ ବିହାରୀ ଧଳ ପ୍ରମୁଖ କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତିନ୍ତୁଳି ପତର ସରୁ
ପୁଅ କାଢ଼ିଦେଲା ବାପକୁ ଘରୁ
ବାପ କିପରି ଚଳିବ ଚଳୁ।**

ବୃଦ୍ଧାବସ୍ଥାରେ ସାହାଭରସା ମିଳିବା ଆଶାରେ ଅନେକେ ପୁଅଟିଏ ଆଶା କରିଥାନ୍ତି। ତେବେ କିଛି ଅବିବେକୀ ପୁଅ ପୋଷିବା ତ ଦୂରର କଥା ବୃଦ୍ଧାବସ୍ଥାରେ ଦୂର୍ ଦୂର୍ ମାର୍ ମାର୍ କରୁଥିବାର ଜଣାଯାଏ। ଏପରିକି ମୁଣ୍ଡରୁ ବୋଝ ହଟାଇବା ନେଇ ରାସ୍ତାରେ ଅସହାୟ ଭାବେ ଛାଡ଼ି ଚାଲି ଯାଉଥିବାର ଦେଖାଯାଏ। ଏପରି ସ୍ଥିତିରେ ଅସହାୟ ହୋଇପଡୁଥିବା ବୃଦ୍ଧ ପିତାର ମାନସିକ ସ୍ଥିତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତିନି ତୁଣ୍ଡରେ ଛେଳି କୁକୁର।**

ସାଧାରଣତଃ ଏକାଧିକ ବ୍ୟକ୍ତି ସତ୍ୟକୁ ମିଥ୍ୟା ଓ ମିଥ୍ୟାକୁ ସତ୍ୟ ବୋଲି ପ୍ରକାଶ କଲେ ଅନ୍ୟମାନେ ତାହାକୁ ଅତି ସହଜରେ ବିଶ୍ୱାସ କରିଯାନ୍ତି। ମିଥ୍ୟା କଥା ସମାନ ଭାବରେ ବହୁ ଲୋକଙ୍କ ଆଗରେ ବ୍ୟକ୍ତ କଲେ ତାହା ସତ ବୋଲି ଧରି ନିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ

# ଦେବଗଡ଼ରେ ୨୦୫ କୋଟିର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/ଦେବଗଡ଼,୩।୬
(ସୁନିତ୍ ମିଶ୍ର/ଶଶାଙ୍କ ଶେଖର ଝାଙ୍କର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦେବଗଡ଼ ଜିଲା ଗସ୍ତରେ ଯାଇ ସେଠାରେ ପ୍ରାୟ ୨୦୫ କୋଟି ଟଙ୍କା ମୂଲ୍ୟର ୧୫ଟି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ଦେବଗଡ଼ ଜିଲା ପାଇଁ ୩୦୦ ଶଯ୍ୟା ବିଶିଷ୍ଟ ନବନିର୍ମିତ ଡାକ୍ତରଖାନା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସୂଚନାଯୋଗ୍ୟ, ଏହି ପ୍ରକଳ୍ପଗୁଡିକ ମଧ୍ୟରେ ୧୧ଟି ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଏବଂ ୪ଟି ଶିକ୍ଷା ଭିତ୍ତିଭୂମି ଉନ୍ନତୀକରଣ ପ୍ରକଳ୍ପ ରହିଛି। ଏହି ଅବସରରେ ରାଜ୍ୟର ସମସ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କ ପାଇଁ ୪୧ କୋଟି ୧୭ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିରେ କେନ୍ଦୁପତ୍ର ତୋଳାଳିଙ୍କୁ ଚପଲ ପାଇଁ ୧୬୦ ଟଙ୍କା, କେରି ସଂଗ୍ରହ କପଡା ପାଇଁ ୨୦୦ ଟଙ୍କା, ତୋଳାଳି ଓ ସିଜନାଲ ଷ୍ଟାଫ୍‌ଙ୍କ ଟୋପି ପାଇଁ ୧୦୦ ଟଙ୍କା, ବନ୍ଧାଳିମାନଙ୍କ ପାଇଁ ମଶାରି ଓ କମ୍ବଳ ପାଇଁ ଜଣ ପିଛା ୭୦୦ ଟଙ୍କା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରାୟ ୯ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜନାଲ ଷ୍ଟାଫ୍ ଉପକୃତ ହେବେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେବଗଡ଼ ଜିଲାର ବିକାଶ ପାଇଁ ସମସ୍ତ ସାମର୍ଥ୍ୟ ଅଛି। ଆମେ ତାହାର ଠିକ୍ ଉପଯୋଗକରି ଜିଲାକୁ ରାଜ୍ୟ ବିକାଶଧାରାର ମୁଖ୍ୟସ୍ରୋତରେ ଯୋଡ଼ିବୁ। ଆମ ସରକାର ଆସିବା ପରେ ଓଡ଼ିଶାର ୩୦ ଜିଲାର ସମାନୁପାତିକ ବିକାଶକୁ ଗୁରୁତ୍ୱ ଦେଉଛୁ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ ସେଥିପ୍ରତି ଆମେ ଗୁରୁତ୍ୱ ଦେଉଛୁ। ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ସମୃଦ୍ଧ ଓଡ଼ିଶା ଗଠନର ସ୍ୱପ୍ନ ସମ୍ଭବ ହୋଇପାରିବ। ସମସ୍ତଙ୍କୁ ନେଇ ସବୁ କ୍ଷେତ୍ରର ବିକାଶ ଜରିଆରେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି। ଦେବଗଡ଼କୁ ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ଜିଲା ଭାବେ ଗଢି ତୋଳିବା ଆମର ପ୍ରାଥମିକ ଲକ୍ଷ୍ୟ। ଏହି ଲକ୍ଷ୍ୟକୁ ପୂରଣ କରିବା ପାଇଁ ଜିଲାର ସମସ୍ତ ଜନସାଧାରଣଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ବିଜୁଳି ଓ ଗମନାଗମନ ଭଳି ମୌଳିକ ସୁବିଧା ଯୋଗାଇଦେବା ପାଇଁ ଆମ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଓଡ଼ିଶାର ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ଆମେ ଲୋକଙ୍କ ସେବା କରିବାର ଦାୟିତ୍ୱ ନେଇଛୁ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଗୋଟିଏ ମିନିଟ୍ ବି ନଷ୍ଟ କରିନାହୁଁ। ଆମ ସରକାର ଆସିବାର ବର୍ଷେ ହେବାକୁ ମାତ୍ର ୯ ଦିନ ବାକି ଅଛି। ଏହି ବର୍ଷକ ଭିତରେ ଆମେ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ଜିଲା ତଥା ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଅନେକ ଉନ୍ନୟନମୂଳକ ଓ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛୁ ତା'ର ହିସାବ ଦେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ କବୀନ୍ଦ୍ର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱମୋହନ ମିଶ୍ର ଧନ୍ୟବାଦ ଦେଇଛନ୍ତି।

**୩୦୦ ଶଯ୍ୟା ବିଶିଷ୍ଟ ନବନିର୍ମିତ ଡାକ୍ତରଖାନା ଉଦ୍‌ଘାଟିତ**



## ପ୍ରଥମ ପୃଷ୍ଠାରୁ...

### ୭ ମାସର ଝିଅକୁ...

ପରେ ସ୍ଥାନୀୟ ଲୋକମାନେ ଉତ୍କ୍ଷିପ୍ତ ହୋଇ ସଞ୍ଜୟଙ୍କୁ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ କଙ୍କଡ଼ାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଜନନୀଙ୍କ ଅଭିଯୋଗକ୍ରମେ ପୋଲିସ ସଞ୍ଜୟଙ୍କ ବିରୋଧରେ ଏକ ହତ୍ୟା ମାମଲା(ନଂ. ୧୧୭/୨୦୨୫) ରୁଜୁ କରିଛି। ସଞ୍ଜୟ ଚିକିତ୍ସାଧୀନ ଅଛନ୍ତି। ହସ୍ପିଟାଲରୁ ବାହାରିବା ପରେ ତାଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରିଣୀ ବେହେରା କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ ସଞ୍ଜୟ ୨ ବର୍ଷ ପୂର୍ବେ କଣ୍ଟାପାଳ ୪ ନଂ କଲୋନି ଅନ୍ତର୍ଗତ ନୋଟାରୀପଶିର ଜନନୀ ମୁଣ୍ଡାଙ୍କୁ ପ୍ରେମ ବିବାହ କରି ସେଠାରେ ରହୁଥିଲେ। ସଞ୍ଜୟ ଜଣେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଅଧିକାଂଶ ସମୟରେ ନିଶାସେବନ କରି ଘରେ ଗଣ୍ଡଗୋଳ କରନ୍ତି। ବିଶେଷକରି ବାହାଘର ପରଠାରୁ ଜନନୀଙ୍କୁ ସଞ୍ଜୟ ମାଡ଼ ମାରିବା ସହ ନିର୍ଯାତନା ଦେଇ ଆସୁଥିଲେ। ସୋମବାର ଚାଉଳ କିଣିବା ପାଇଁ ସ୍ୱାମୀସ୍ତ୍ରୀ ବଜାରକୁ ଯାଇଥିବାବେଳେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସଞ୍ଜୟ ନିଶାସକ୍ତ ହୋଇ ରାତିରେ ଘରକୁ ଫେରିବା ପରେ ମଧ୍ୟ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରେମ ସମ୍ପର୍କର ସନ୍ତକକୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବି ବୋଲି କହି ୭ମାସର ଶିଶୁକନ୍ୟାକୁ କଚାଡ଼ି ମାରିଦେଇଥିଲେ। ଘଟଣାସ୍ଥଳରେ ଶିଶୁ କନ୍ୟାର ମୃତ୍ୟୁ ହୋଇଯାଇଥିଲା। ମା' ଜନନୀ ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ଆସି ସଞ୍ଜୟଙ୍କୁ କାବୁ କରିଥିଲେ।

### ଆଇନ ସତ୍ତ୍ୱେ ବଢୁଛି...

କାର୍ଯ୍ୟ ସମ୍ପାଦନ କରିବାକୁ କୁହାଯାଇଛି। ୬ ସପ୍ତାହ ମଧ୍ୟରେ ଏହି ନିଯୁକ୍ତି ପ୍ରଦାନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ଘରୋଇ ହିଂସାର ଶିକାର ହେଉଥିବା ପୀଡ଼ିତାଙ୍କୁ ସଚେତନ କରିବା ପାଇଁ ଆଇନର ଧାରା ୧୧ ଥିବା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସୁପ୍ରିମକୋର୍ଟ କହିଥିଲେ। ଉକ୍ତ ଧାରାରେ ରହିଥିବା ବ୍ୟବସ୍ଥାକୁ ନିୟମିତ ବ୍ୟବଧାନରେ ପ୍ରଚାର କରିବାକୁ କୁହାଯାଇଥିଲା। ଘରୋଇ ହିଂସା ପୀଡ଼ିତାଙ୍କୁ ମାଗଣାରେ ଆଇନଗତ ସହାୟତା ଯୋଗାଇଦେବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆଇନ ସେବା କର୍ତ୍ତୃପକ୍ଷ ଆଇନର ଧାରା ୧୨ ଅନୁଯାୟୀ ବିପଦରେ ଥିବା ମହିଳାମାନେ ଆଇନଗତ ସେବା ପାଇବାକୁ ହକ୍‌ଦାର। ଏଥିପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆଇନ ସେବା କର୍ତ୍ତୃପକ୍ଷଙ୍କ ସଦସ୍ୟ ସଚିବଙ୍କୁ ଜଣାଇବା ପାଇଁ ଏନ୍‌ଏଏଲ୍‌ଏସ୍‌ଏର ସଦସ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଘରୋଇ ହିଂସା ଆଇନର ବ୍ୟବସ୍ଥାଗୁଡ଼ିକର ଲକ୍ଷ୍ୟ ସମ୍ପର୍କରେ ପର୍ଯ୍ୟାପ୍ତ ପ୍ରଚାର କରିବାକୁ ରାଜ୍ୟ, ଜିଲା ଏବଂ ତାଲୁକ୍‌ସ୍ତରୀୟ ସଦସ୍ୟ ସଚିବଙ୍କୁ କୁହାଯାଇଥିଲା। ଏହା ବ୍ୟତୀତ ପୀଡ଼ିତାମାନେ ଯେପରି ଅଧିକ ସୁବିଧାରେ ଆଶ୍ରୟ ଗୃହ ପାଇପାରିବେ, ସେଥିପାଇଁ ୧୦ ସପ୍ତାହ ମଧ୍ୟରେ ସେଗୁଡ଼ିକୁ ଚିହ୍ନଟ କରି ବିଜ୍ଞପ୍ତି ପ୍ରକାଶ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

### ଆର୍‌ସିବି ଚାମ୍ପିୟନ...

ରନରଅପ୍‌ରେ ସନ୍ତୁଷ୍ଟ ହୋଇଥିବା ଆର୍‌ସିବି କିନ୍ତୁ ଏଥର ପିନ୍ଧିଛି ବିଜୟ ମୁକୁଟ। ଅନ୍ୟପକ୍ଷରେ ଦୀର୍ଘ ୧୧ ବର୍ଷ ପରେ ଫାଇନାଲରେ ପ୍ରବେଶ କରିଥିବା ପଞ୍ଜାବର ପ୍ରତୀକ୍ଷା ବଢ଼ିଛି। ଦଳର ଆରମ୍ଭ ଭଲ ହୋଇଥିଲେ ହେଁ ମିଡିଲ ଅର୍ଡର ବିଫଳତା ଯୋଗୁ ଇନିଂସ ଦିଗହରା ହୋଇ ଯାଇଥିଲା। ପ୍ରିୟାଂଶ ଆର୍ଯ୍ୟ (୨୪) ଓ ପ୍ରଭସିମରନ ସିଂ (୨୬) ଓପନିଂ ଯୋଡ଼ିରେ ୪୩ ରନ ସଂଗ୍ରହକରି ଭଲ ପ୍ଲାଟ୍‌ଫର୍ମ ପକାଇଥିଲେ। ଜୋସ୍ ଇଂଲିଶ୍ ମଧ୍ୟ ୨୩ ବଲ୍‌ରୁ ୩୯ ରନ କରି ଇନିଂସକୁ ଆଗେଇ ନେଇଥିଲେ। ମାତ୍ର ଅଧିନାୟକ ଶ୍ରେୟସ ଆୟର(୧), ନେହାଲ ୱାଧେରା (୧୫), ମାର୍କସ ଷ୍ଟୋଇନିଂସ (୬) ଓ ଆଜମତୁଲ୍ଲା ଓମାରଜାଇ (୧)ଙ୍କ ବିଫଳତା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଶଶାଙ୍କ ୩୦ ବଲ୍‌ରୁ ୬୧ ରନରେ ଅପରାଜିତ ରହିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଆର୍‌ସିବି ବୋଲରଙ୍କ ମଧ୍ୟରେ ଭୁବନେଶ୍ୱର କୁମାର ଓ କୃନାଲ ପାଣ୍ଡ୍ୟା ୨ଟି ଲେଖାଏ ଏବଂ ଜୋସ୍ ହାଜେଲଉଡ୍, ଯଶ ଦୟାଲ ଓ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର। ଆର୍‌ସିବିର ଆରମ୍ଭ ଭଲ ହୋଇ ନ ଥିଲା। ବିସ୍ଫୋରକ ଓପନର ଫିଲ୍ ସଲ୍ଟ ମାତ୍ର ୧୬ ରନକରି ଆଉଟ ହେବାରୁ ୧୮ ରନରେ ପ୍ରଥମ ଝଟକା ଖାଇଥିଲା ଆର୍‌ସିବି। ବିରାଟ କୋହଲି ଓ ମୟଙ୍କ ଅଗ୍ରୱାଲ ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର ଦ୍ୱିତୀୟ ଉଇକେଟରେ ୩୮ ରନ ଯୋଗ ହେବାପରେ ଅଗ୍ରୱାଲ ୨୪ ରନକରି ଆଉଟ ହୋଇଯାଇଥିଲେ। କୌଣସି ଉଇକେଟରେ ବଡ଼ ଭାଗୀଦାରି ନ ହୋଇପାରିବାରୁ ଆର୍‌ସିବି ଆଶାନୁରୂପ ସ୍କୋର କରିପାରି ନ ଥିଲା। ମିଡିଲ ଅର୍ଡରରେ ସମସ୍ତ ବ୍ୟାଟର ଭଲ ଆରମ୍ଭ କରିଥିଲେ। ମାତ୍ର ତାହାକୁ କେହି ଜଣେ ହେଲେ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ପୂର୍ବ ମ୍ୟାଚଗୁଡ଼ିକ ଭଳି ଆଙ୍କର ଭୂମିକା ଗ୍ରହଣ କରିଥିବା କୋହଲି ଆକ୍ରମଣାତ୍ମକ ହୋଇ ଆସିବା ସମୟରେ ଆଉଟ ହୋଇ ଯାଇଥିଲେ। ସେ ୩୫ ବଲ୍‌ରୁ ୪୩ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରଜତ ପତିଦାର ୧୬ ବଲ୍‌ରୁ ୨୬, ଲିଆମ ଲିଭିଂଷ୍ଟୋନ ୧୫ ବଲ୍‌ରୁ ୨୫, ଜୀତେଶ ଶର୍ମା ୧୦ ବଲ୍‌ରୁ ୨୪ ଓ ରୋମାରିଓ ଶେଫର୍ଡ ୯ ବଲ୍‌ରୁ ୧୭ ରନକରି ପ୍ୟାଭିଲିୟନ ଫେରିଥିଲେ। ଇନିଂସର ଶେଷ ଓଭରରେ ଅର୍ଶଦୀପ ସିଂ ମାତ୍ର ୩ ରନ ଦେଇ ୩ଟି ଉଇକେଟ ନେବାରୁ ଆର୍‌ସିବି ୧୯୦ରେ ସୀମିତ ରହିଯାଇଥିଲା। ଅନ୍ୟ ବୋଲରଙ୍କ ମଧ୍ୟରେ କାଏଲ ଜେମିସନ ୩ଟି ଏବଂ ଆଜମତୁଲ୍ଲା ଓମାରଜାଇ, ବିଜୟ କୁମାର ବ୍ୟଶକ ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଜିଲା ବାହାରକୁ ବଦଳି ଆବେଦନ କରିପାରିବେ ଶିକ୍ଷକ

## ପୁଣି ବଦଳିଲା ପ୍ରାଥମିକ ଶିକ୍ଷକଙ୍କ ବଦଳି କ୍ୟାଲେଣ୍ଡର

ଭୁବନେଶ୍ୱର,୩।୬(ସୁଚିସ୍ମିତା ସାହୁ)

୨୦୨୫-୨୬ ଶିକ୍ଷାବର୍ଷ ଲାଗି ସରକାରୀ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକମାନଙ୍କ ବଦଳି ଆବେଦନ ଆରମ୍ଭ ହୋଇଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ମଙ୍ଗଳବାର ପୁଣି ଥରେ ସଂଶୋଧିତ କ୍ୟାଲେଣ୍ଡର ପ୍ରକାଶ ପାଇଛି। ଜୁଲାଇ ୧୯ ସୁଦ୍ଧା ବଦଳି ପ୍ରକ୍ରିୟା ଶେଷ କରିବାକୁ ଓସେପା, ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ଶିକ୍ଷକମାନେ ଜିଲା ଭିତରେ ଓ ବାହାରକୁ ବଦଳି ହେବାକୁ ଚାହିଁଲେ ଆବେଦନ କରିପାରିବେ।

ଉକ୍ତ କ୍ୟାଲେଣ୍ଡର ଅନୁଯାୟୀ, ମେ ୧୫ରୁ ଜୁନ ୬ ପର୍ଯ୍ୟନ୍ତ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନେ ବଦଳି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଜୁନ ୯ରୁ ୧୬ ସୁଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲା ଶିକ୍ଷା ଅଧିକାରୀମାନେ ଆବେଦନ ଫର୍ମଗୁଡିକର ଯାଞ୍ଚ କରିବା ସହିତ ଅପ୍‌ଲୋଡ୍ କରିବେ। ଜୁନ୍ ୨୦ରୁ ୨୧ ତାରିଖ ସୁଦ୍ଧା ମେଡିକାଲ ମାମଲାଗୁଡ଼ିକୁ ମେଡିକାଲ ବୋର୍ଡକୁ ପଠାଯିବ। ୩୦ରେ ମେଡିକାଲ ରିପୋର୍ଟ ମିଳିବା ପରେ ଜୁଲାଇ ୪ରୁ ୫ ଭିତରେ ରିପୋର୍ଟଗୁଡ଼ିକୁ ଅପ୍‌ଲୋଡ୍ କରାଯିବ। ୭ରୁ ୯ ତାରିଖ ମଧ୍ୟରେ ନିଜ ପସନ୍ଦ ଅନୁସାରେ ବଦଳି ଆବେଦନ କରିଥିବା ଚିଠିର ଅନୁଧ୍ୟାନ କରାଯିବ। ଏହାପରେ ଜୁଲାଇ ୧୦ରୁ ୧୬ ତାରିଖ ମଧ୍ୟରେ ଏକ ବୈଠକ ଜରିଆରେ ଯୋଗ୍ୟ ପ୍ରାର୍ଥୀଙ୍କ ଡ୍ରାଫ୍ଟ ଲିଷ୍ଟ ପ୍ରସ୍ତୁତ କରାଯିବ। ପରେ ଫାଇନାଲ ମେରିଟ ଲିଷ୍ଟ ଜୁଲାଇ ୧୮ରେ ଓସେପା ୱେବ୍‌ସାଇଟରେ ପ୍ରକାଶ ପାଇବ। ଜୁଲାଇ ୧୮ରୁ ୧୯ରେ ବଦଳି ପାଇଁ ଶିକ୍ଷକଙ୍କୁ ଚିଠି କରାଯିବ। ଜୁଲାଇ ୨୫ରେ ବଦଳି ସ୍ଥାନରେ ଯୋଗଦେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ରହିଛି। ଅନେକ ଶିକ୍ଷକ ବଦଳି ପାଇଁ ସ୍ଥାନୀୟ ବିଧାୟକଙ୍କ ସୁପାରିସ ଚାହୁଁଥିଲେ ଓ ତାହା ମିଳିବାରେ ବିଳମ୍ବ ହେଉଥିଲା, ତେଣୁ ବଦଳି ସମୟସୀମାକୁ ବୃଦ୍ଧି କରାଯାଇଛି। ଯଦ୍ଦ୍ୱାରା ବଦଳି ଆବେଦନରୁ ବଞ୍ଚିତ ହୋଇଥିବା ଶିକ୍ଷକମାନେ ପୁଣି ଆବେଦନ କରିପାରିବେ।

# ବିସ୍ଫୋରକ ଗୋଦାମ, ଖଣି ଅଞ୍ଚଳରେ ଯାଞ୍ଚ


ବଣାଇଁ ପୋଲିସ ପକ୍ଷରୁ ଏକ ବାରୁଦ ଗୋଦାମରେ ଯାଞ୍ଚ କରାଯାଉଛି।

ସୁନ୍ଦରଗଡ଼/ବଣାଇଁ, ୩।୬(ଜୟନାରାୟଣ ମେଣ୍ଡୁଲି/ ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲାରେ ମାଓବାଦୀଙ୍କ ଦ୍ୱାରା ବିସ୍ଫୋରକ ସାମଗ୍ରୀ ଲୁଟ୍ ଘଟଣା ପରେ ରାଜ୍ୟ ପୋଲିସ ଏବେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ମଙ୍ଗଳବାର ସୁନ୍ଦରଗଡ଼, ରାଉରକେଲା, କେନ୍ଦୁଝର ପୋଲିସ ଜିଲା ଅଧୀନରେ ଥିବା ବିଭିନ୍ନ ବିସ୍ଫୋରକ ଗୋଦାମ, ଖଣି ଅଞ୍ଚଳରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଛି। ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ପଶ୍ଚିମାଞ୍ଚଳ ପୋଲିସ ଡିଆଇଜି ବ୍ରିଜେଶ୍ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬୧ଟି ସ୍ଥାନରେ ଯାଞ୍ଚ ହୋଇଛି। ସେଥିମଧ୍ୟରେ କେନ୍ଦୁଝର ପୋଲିସ ଜିଲାର ୩୨, ରାଉରକେଲାର ୨୧, ସୁନ୍ଦରଗଡ଼ର ୮ଟି ସ୍ଥାନ ରହିଛି। ସୁନ୍ଦରଗଡ଼ ପୋଲିସ ଜିଲାର ଏମ୍‌ସିଏଲ, ଏନ୍‌ଟିପିସି, ଦର୍ଲିପାଲି ପାୱାର ପ୍ଲାଣ୍ଟ, ଏନ୍‌ଟିପିସି ଡୁଲିଙ୍ଗା କୋଇଲା ଖଣି, ମନୋହରପୁର ଓସିପିଏଲ କୋଇଲା ଖଣି, ବେଦାନ୍ତର ଜାମକାନି କୋଇଲା ଖଣି, ଡାଲମିଆ ସିମେଣ୍ଟର ଲାଞ୍ଜିବେର୍ଣା ଚୂନପଥର ଖଣିରେ ଥିବା ମାଗାଜିନ ଓ ବିସ୍ଫୋରକ ସାମଗ୍ରୀଗୁଡ଼ିକ ଯାଞ୍ଚ କରାଯାଉଛି। ଏହି ପ୍ରକ୍ରିୟା କ୍ରମେ ବଣାଇଁ ସହରଠାରୁ ୫ କିମି ଦୂରରେ ଥିବା ତଳିତା ନିକଟ ନୂଆପାଲିରେ ଏକ ବାରୁଦ ଗୋଦାମରେ ସକାଳେ ବଣାଇଁ ପୋଲିସର ଏକ ଟିମ୍ ପହଞ୍ଚି ଯାଞ୍ଚ ଚଳାଇଥିଲା। ଦୁଇଦିନ ପୂର୍ବରୁ ବଣାଇଁ ଥାନା ଅଧିକାରୀ ନିଜେ ସମସ୍ତ କାଗଜପତ୍ର ଯାଞ୍ଚ କରିଥିଲେ ହେଁ ରାଜ୍ୟସ୍ତରୀୟ ନିଷ୍ପତ୍ତିକ୍ରମେ ପୁନର୍ବାର ଯାଞ୍ଚ କରାଯାଇଛି। ଏହି ଗୋଦାମକୁ ବାରୁଦ ଆସେ ଏବଂ ଗଚ୍ଛିତ ରହେ। ଗଚ୍ଛିତ ଓ ପରିବହନ ପାଇଁ ଥରକୁ ୨୦ ଟନ୍‌ର ଅନୁମତି ମିଳେ। ବର୍ତ୍ତମାନ ପରିସ୍ଥିତିରେ ଏହି ଗୋଦାମର ସ୍ଥିତି, ଅବସ୍ଥିତି ଓ କାର୍ଯ୍ୟକଳାପ ସାଙ୍ଗକୁ ଆବଶ୍ୟକ କାଗଜପତ୍ରର ଯାଞ୍ଚ ପୋଲିସ କରିଛି। ଯାଞ୍ଚ ପରେ ସେଭଳି କିଛି ମିଳି ନ ଥିବା ତଥା ଅନ୍‌ଲାଇନ ଯାଞ୍ଚ ପରେ ସବୁ ସ୍ପଷ୍ଟହେବ ବୋଲି ବଣାଇଁ ଥାନା ଭାରପ୍ରାପ୍ତ ଅଧିକାରୀ ଜ୍ଞାନରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# ବୁଣାକାର ହେବେ ଦକ୍ଷ: ବଢ଼ିବ ଆର୍ଥିକ ମାନଦଣ୍ଡ

**ସରକାରଙ୍କ ସୃଜନିକା ଏସ୍‌ଓପି**

**ଗୋଟିଏ ଛାତ ତଳେ ମିଳିବ ସବୁ ସୁବିଧା**

ଭୁବନେଶ୍ୱର,୩।୬ (ରବିନାରାୟଣ ଜେନା)

ରାଜ୍ୟରେ ଥିବା ବୁଣାକାର କିଭଳି ଦକ୍ଷ ହେବେ ଏବଂ ଗୋଟିଏ ଛାତ ତଳେ ସବୁପ୍ରକାର ସୁବିଧା ସୁଯୋଗ ପାଇପାରିବେ ସେଥିନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ଦେଖାଦେଇଛି।

ଏହି କ୍ରମରେ ମଙ୍ଗଳବାର ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର(ଏସ୍‌ଓପି) ଜାରି ହୋଇଛି। ବିଭାଗୀୟ ସଚିବ ଗୁହା ପୁନମ୍ ତାପସ କୁମାର ଏସ୍‌ଓପିରେ ଦର୍ଶାଇଛନ୍ତି ଯେ, ରାଜ୍ୟର ବିଭିନ୍ନ ଶିଳ୍ପପୁଞ୍ଜରେ ବୁଣାକାରଙ୍କ ସାମଗ୍ରିକ ଉନ୍ନତି ପାଇଁ କମନ ଫାସିଲିଟି ସେଣ୍ଟର(ସିଏଫ୍‌ସି) କରାଯିବ। ଏହାସହ ଅନ୍ୟାନ୍ୟ ଢାଞ୍ଚା ଯଥା କ୍ରାଫ୍ଟ ଟୁରିଜମ୍ ସେଣ୍ଟର, କଞ୍ଚାମାଲ ବ୍ୟାଙ୍କ, ମାର୍କେଟିଂ ଆଉଟ୍‌ଲେଟ୍, ବିପଣନ ଭବନ, ବ୍ୟାଖ୍ୟାକରଣ ସେଣ୍ଟର, ରାସ୍ତାପାର୍ଶ୍ୱ ସୁବ୍ୟବସ୍ଥିତ ଗୃହ ପ୍ରତିଷ୍ଠା କରାଯିବ।

ସିଏଫ୍‌ସି ଓ ଅନ୍ୟାନ୍ୟ ଢାଞ୍ଚାଗୁଡ଼ିକ ବୁଣାକାରମାନଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ସେମାନଙ୍କ ଡିଜାଇନ୍‌ରେ ଉନ୍ନତି ଆଣିବ। ଆଧୁନିକ ଯନ୍ତ୍ରପାତି ବ୍ୟବହାର ମାଧ୍ୟମରେ ପ୍ରଯୁକ୍ତିଗତ ସହଯୋଗ ମିଳିବ ଏବଂ କଞ୍ଚା ମାଲ୍ ସୁବିଧାରେ ମିଳିବା ଦ୍ୱାରା ଉତ୍ପାଦନ ବଢ଼ିବ। ସୃଜନିକା ମାଧ୍ୟମରେ ବୁଣାକାରଙ୍କ ବିକାଶ ସମ୍ଭବ ହୋଇପାରିବ। ଏସ୍‌ଓପି କାର୍ଯ୍ୟକାରୀ ବେଳେ ହସ୍ତତନ୍ତ ସମବାୟ ସମିତିକୁ ଅଧିକ ଗୁରୁତ୍ୱ ଦିଆଯିବ। ଉତ୍ପାଦନ କମ୍ପାନୀ ଏବଂ ଉତ୍ପାଦନ ଗ୍ରୁପ୍‌ର ୨ ବର୍ଷର ଅଭିଜ୍ଞତାକୁ ବିଚାରକୁ ନିଆଯିବ। ଯେଉଁ ଉତ୍ପାଦକ କମ୍ପାନୀ ଏବଂ ଗ୍ରୁପ୍ ଅଧିକ ବ୍ୟବସାୟ କରିବେ ସେମାନଙ୍କୁ ଅଧିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବ। ଏହାସହ ଅନ୍ୟାନ୍ୟ ସୁବିଧା ସୁଯୋଗ ବ୍ୟବସ୍ଥିତ ଢଙ୍ଗରେ ମିଳିବ। ବୁଣାକାରଙ୍କ ଉତ୍ପାଦିତ ସାମଗ୍ରୀକୁ କିଭଳି ବ୍ରାଣ୍ଡିଂ କରାଯିବ ଏବଂ ଏହାର ସୁପରିଚାଳନା ହେବ ସେଥିପାଇଁ ଏସ୍‌ଓପିରେ ସ୍ପଷ୍ଟ ଉଲ୍ଲେଖ ରହିଛି।

# ଥାନା ଆଗରେ ଯୁବକଙ୍କ ମୃତଦେହ ରଖି ବିକ୍ଷୋଭ


ଥାନା ସମ୍ମୁଖରେ ମୃତଦେହ ରଖି ପରିବାର ଓ ଗ୍ରାମବାସୀ ବିକ୍ଷୋଭ କରୁଛନ୍ତି।

- ଗୁରୁତର ଅବସ୍ଥାରେ ଆନ୍ଧ୍ର ସୀମାନ୍ତ ବ୍ରିଜ ତଳୁ ହୋଇଥିଲେ ଉଦ୍ଧାର
- ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ
- ହତ୍ୟା ଅଭିଯୋଗ ଆଣିଲେ ପରିବାର

ନନ୍ଦପୁର, ୩।୬(ତୁଷାରକାନ୍ତ ମହାନ୍ତି)

ଓଡ଼ିଶା ସୀମାନ୍ତ ଆନ୍ଧ୍ର ଡୁମୁରିଗୁଡ଼ା ବ୍ରିଜ୍ ତଳୁ ଗତ ମେ ୨୫ରେ ଜଣେ ଯୁବକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଯୁବକଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକ ହେଲେ ନନ୍ଦପୁର ବ୍ଲକ୍ ଚିଲିପୁଟ ଗ୍ରାମର କାସପତି ହନ୍ତାଳ(୨୫)। ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ନନ୍ଦପୁର ଥାନା ସମ୍ମୁଖରେ ମୃତଦେହ ରଖି ମାମଲା ରୁଜୁ କରିବା ସହ ଏଥିରେ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ନନ୍ଦପୁର ପୋଲିସ ଆନ୍ଧ୍ର ଅଞ୍ଚଳରେ ଘଟଣା ଘଟିଥିବାରୁ ଆନ୍ଧ୍ର ଡୁମୁରିପୁଟ କିମ୍ବା ଆରକୁ ଥାନାରେ ମାମଲା ରୁଜୁ କରିବାକୁ କହିବାରୁ ଥାନା ସମ୍ମୁଖରେ ଉତ୍ତେଜନା ବଢ଼ିଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, କାସପତିଙ୍କୁ ମେ ୨୫ରେ ଥିବା ପଞ୍ଚାୟତର ତାଙ୍କର ୨ ସାଙ୍ଗ ଗୋପୀ ତାଲିଆ ଓ ଯୋଗେଶ ହନ୍ତାଳ ଫୋନ କରି ଡାକି ନେଇଥିଲେ। ଉକ୍ତ ଦିନ ଅପରାହ୍ନରେ କାସପତିଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆନ୍ଧ୍ର ଡୁମୁରିଗୁଡ଼ାର ଏକ ବ୍ରିଜ୍ ତଳୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବିଶାଖାପାଟଣାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ବେଳେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଛି। କାସପତିଙ୍କୁ ତାଙ୍କର ୨ ସାଙ୍ଗ ମାରି କ୍ଷତାକ୍ତ କରି ଫିଙ୍ଗିଥିବା ନେଇ ପରିବାର ନନ୍ଦପୁର ଥାନାରେ ଏତଲା ଦେଇଥିଲେ। କିନ୍ତୁ ଘଟଣାଟି ଆନ୍ଧ୍ର ଅଞ୍ଚଳରେ ଘଟିଥିବା ଦର୍ଶାଇ ନନ୍ଦପୁର ପୋଲିସ ଏକ ଜିଡି ଏଣ୍ଟ୍ରି କରି ପରିବାର ଲୋକଙ୍କୁ ଆନ୍ଧ୍ର ଆରକୁ ଓ ଡୁମୁରିଗୁଡା ପୋଲିସ ନିକଟରେ ଏତଲା ଦେବାକୁ ପରାମର୍ଶ ଦେଇଥିଲେ। ଏ ନେଇ କାସପତିଙ୍କ ପରିବାର ଆରକୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆରକୁ ପୋଲିସ ପ୍ରଥମେ ଗଞ୍ଜେଇ ଧରପଗଡ଼ ବେଳେ ଯୁବକ ବ୍ରିଜ୍ ତଳକୁ ଖସି ପଡ଼ିଥିବା କହି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ପରିବାର କାସପତିଙ୍କ ଚିକିତ୍ସାକୁ ପ୍ରାଥମିକତା ଦେଇଥିଲେ। ମଙ୍ଗଳବାର କାସପତିଙ୍କ ମୃତ୍ୟୁ ଖବର ପାଇ ଗୋପୀ ଓ ଯୋଗେଶ ତାଙ୍କ ଶଳାଙ୍କ ଫୋନ ପେ ନମ୍ବରରେ ମୃତଦେହ ସତ୍କାର ପାଇଁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପଠାଇଥିଲେ। ଏହାପରେ କାସପତିଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାରଙ୍କ ସନ୍ଦେହ ଘନୀଭୂତ ହୋଇଥିଲା। ସେମାନେ ମୃତଦେହକୁ ହସ୍ପିଟାଲରୁ ଆଣି ନନ୍ଦପୁର ଥାନା ସମ୍ମୁଖରେ ରଖି ଘଟଣାର ଠିକ୍ ତଦନ୍ତ କରିବା ସହ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ଥାନା ଅଧିକାରୀ ମମତା ପଣ୍ଡା ଓ ଅନ୍ୟ ପୋଲିସ ଅଧିକାରୀ ମୃତକଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା ଜାରି ରଖିଥିବା ବେଳେ ଉତ୍ତେଜନା ଲାଗି ରହିଥିଲା।

# ଟ୍ରାଫିକ୍‌ପୋଷ୍ଟ ଡିଭାଇଡରରେ ଲାଗିବ ତୁଳସୀଗଛ

ଭୁବନେଶ୍ୱର, ୩।୬ (ବନ୍ଦନା ସେଠୀ)

ସହରାଞ୍ଚଳ ଟ୍ରାଫିକ୍ ପୋଷ୍ଟ ନିକଟ ଡିଭାଇଡରରେ ତୁଳସୀ ଗଛ ଲଗାଯିବ। ଏନେଇ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସମସ୍ତ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହ ଜୁନ୍ ୨୦ରେ ଆରମ୍ଭ ହେବାକୁ ଥିବା ଏହି ଅଭିଯାନରେ ବ୍ୟାପକ ଭାବେ ସହଭାଗୀ ହେବାକୁ କହିଛନ୍ତି। ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ତୁଳସୀ ଗଛର ମହନୀୟତା ରହିଛି। ସେହିପରି ଅମ୍ଳଜାନ ଦେଉଥିବା ଗଛଗୁଡ଼ିକ ମଧ୍ୟରେ ଏହାର ଶ୍ରେଷ୍ଠତା ରହିଛି। ରାସ୍ତାରେ ଯାତାୟାତ ବେଳେ ଭିଡ଼ ଯୋଗୁ ଅନେକ ସମୟରେ ଆମକୁ ଅଟକିବାକୁ ପଡୁଛି। ଡିଭାଇଡରରେ ଅନେକ ପ୍ରକାରର ଗଛ ଲାଗୁଥିବାବେଳେ ତୁଳସୀ ଗଛ ଲଗାଇଲେ ଆହୁରି ଭଲ ହେବ। ଟ୍ରାଫିକରେ ଅଟକିବା ସମୟରେ ତୁଳସୀ ଗଛରୁ ମିଳୁଥିବା ଅମ୍ଳଜାନ ଲୋକ ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଭାଜପା ସରକାର



ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଛି। ଏହି ଅବସରରେ ସହରାଞ୍ଚଳର ଟ୍ରାଫିକ ନିକଟ ଡିଭାଇଡରରେ ତୁଳସୀ ଗଛ ଲଗାଇବାକୁ ଚିନ୍ତା କରାଯାଉଛି। ଆସନ୍ତା ୨୦ ତାରିଖରେ ଗୋଟିଏ ସମୟରେ ସମସ୍ତ ୟୁଏଲ୍‌ବିରେ ହଜାର ହଜାର ତୁଳସୀ ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଛି। ସେହିପରି ଘର ଓ କାର୍ଯ୍ୟାଳୟରେ ତଥା ସୁରକ୍ଷିତ ସ୍ଥାନରେ ତୁଳସୀ ଗଛ ସମେତ ଅଁଳା, ଶଜନା, ବାରମାସୀ ଶାଗଗଛ ପ୍ରଭୃତି ଲଗାଇବାକୁ ମନ୍ତ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି।

# ମନମୋହନଙ୍କ ମିଥ୍ୟା ସତ୍ୟପାଠ ତାଙ୍କ ନୈତିକତା ଉପରେ ପ୍ରଶ୍ନ ଉଠାଉଛି: ବିଜେଡି

ଭୁବନେଶ୍ୱର,୩।୬(ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବାର୍ କାଉନସିଲ ଓ ନିର୍ବାଚନ କମିଶନଙ୍କୁ ଅଲଗା ଅଲଗା ସତ୍ୟପାଠ ଜରିଆରେ ବିଭିନ୍ନ ମିଥ୍ୟା ତଥ୍ୟ ଦେଇଥିବା ନେଇ ବିଜେଡି ପ୍ରଶ୍ନ ଉଠାଇଛି। ରାଷ୍ଟ୍ରୀୟ ଦଳର ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରି ଆସୁଥିବା ମନମୋହନଙ୍କ ମିଥ୍ୟା ସତ୍ୟପାଠ ତାଙ୍କ ନୀତି ଓ ନୈତିକତା ଉପରେ ପ୍ରଶ୍ନ ସୃଷ୍ଟି କରିଛି ବୋଲି ବିଜେଡି କହିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ୨୦୧୫ରେ ମନମୋହନ ରାଜ୍ୟ ବାର୍ କାଉନସିଲ ପାଖରେ ଦାଖଲ କରିଥିବା ସତ୍ୟପାଠରେ ସେ ୧୯୮୬ରୁ ଚାନ୍ଦବାଲି କୋର୍ଟରେ ଓକିଲାତି କରୁଥିବା ଦର୍ଶାଇଥିଲେ। ଏହି ସତ୍ୟପାଠରେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟ ମନ୍ତ୍ରିମଣ୍ଡଳରେ ଖାଦ୍ୟ ଯୋଗାଣ ଓ ରାଜସ୍ୱ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ବୋଲି ସୂଚନା ଦେଇ ନ ଥିଲେ। ସେହିପରି ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ନିର୍ବାଚନ କମିଶନରଙ୍କ ପାଖରେ ଦାଖଲ କରିଥିବା ସତ୍ୟପାଠରେ ସେ ଓକିଲାତି କରୁଥିବା ଉଲ୍ଲେଖ କରି ନ ଥିଲେ। ଏହି ସତ୍ୟପାଠରେ ସମାଜସେବା ତାଙ୍କର ପେସା ବୋଲି ଉଲ୍ଲେଖ କରିଛନ୍ତି। ଏ ସମ୍ବନ୍ଧରେ ଏକ ଅଭିଯୋଗ ପାଇବା ପରେ ରାଜ୍ୟ ବାର୍ କାଉନସିଲ ଦ୍ୱାରା ମନମୋହନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଲେନିନ୍ କହିଛନ୍ତି। ମନମୋହନ କାରଣ ଦର୍ଶାଅ ନୋଟିସର ଉତ୍ତର ରଖିବା ସହ ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

# ବିଏସ୍‌ଏଫ୍ ଯବାନଙ୍କ ଆତ୍ମହତ୍ୟା

ଫୁଲବାଣୀ,୩।୬ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାରେ କାର୍ଯ୍ୟରତ ଜଣେ ବିଏସ୍‌ଏଫ ଯବାନ ମଙ୍ଗଳବାର ତାଙ୍କ କାର୍ଯ୍ୟାଳୟରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ତାମିଲନାଡୁ ରାଜ୍ୟ କନ୍ୟାକୁମାରୀ ଜିଲା ତିରିବାତରା ଥାନା ଅଞ୍ଚଳର ଏଲ.ଡାଭି। ଡାଭି କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ଜଣାପଡିନାହିଁ। ସୂଚନା ଅନୁଯାୟୀ, ଯବାନ ଜଣକ ଜିଲା ପୋଲିସ ରିଜର୍ଭ କାର୍ଯ୍ୟାଳୟ ପରିସରରେ ଥିବା ବିଏସ୍‌ଏଫ କାର୍ଯ୍ୟାଳୟରେ କାମ କରୁଥିଲେ। ମଙ୍ଗଳବାର ସକାଳେ କାର୍ଯ୍ୟାଳୟରେ କେହି ନ ଥିବାର ସୁଯୋଗ ନେଇ ବେକରେ ରଶି ବାନ୍ଧି ଝୁଲି ପଡିଥିଲେ। କିଛି ସମୟ ପରେ ଅନ୍ୟ ଜଣେ ଯବାନ କାର୍ଯ୍ୟାଳୟକୁ ଆସିବାରେ ଏହା ଦେଖି ତୁରନ୍ତ ଫୁଲବାଣୀ ଟାଉନ ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ଭୁବନେଶ୍ୱର ନେଇଛି। ସେଠାରୁ ବିମାନ ଯୋଗେ ମରଶରୀରକୁ ତାମିଲନାଡୁ ପଠାଯିବ। ଏ ନେଇ ଥାନାରେ ନଂ.୨୪/୨୫ରେ ମାମଲା ରୁଜୁ ହୋଇଛି। ଯବାନ ଜଣକ ୨ ବର୍ଷ ହେଲା ବିବାହ କରିଥିଲେ ବୋଲି ଜଣାପଡିଛି।

# ସୋଲାର ଫେନ୍ସିଂ ତାରରେ ଲାଗି ମାଈ ହାତୀ ମୃତ

## ଫାର୍ମ ହାଉସ ମାଲିକଙ୍କୁ ପଚରାଉଚରା, ମେଶିନ ଜବତ

ଛେଣ୍ଡିପଦା,୩।୬ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଡଙ୍ଗାପାଳ ବିଟ୍‌ର ନାଳିଆ ସାହିରେ ସୋମବାର ରାତି ୮ଟା ବେଳେ ଏକ ମାଈ ହାତୀର ମୃତ୍ୟୁ ହୋଇଛି। ଏକ ଫାର୍ମ ହାଉସର ସୋଲାର ଫେନ୍ସିଂ ତାରରେ ଲାଗି ହାତୀଟି ପ୍ରାଣ ହରାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଖବରପାଇ ରାତିରେ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ର ଓ ଛେଣ୍ଡିପଦା ପ୍ରାଣୀଧନ ଚିକିତ୍ସକ ଟିମ୍ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ମଙ୍ଗଳବାର ସକାଳେ ଅନୁଗୋଳ ଡିଏଫଓ ନୀତୀଶ କୁମାର, ଏସିଏଫ୍ ବିଦ୍ୟାସାଗର, ଭୁବନେଶ୍ୱରରୁ ଟାସ୍କ ଫୋର୍ସ ନିରୀକ୍ଷକ ସୁଧାକର ସିଂ, ସାତକୋଶିଆ ଡାକ୍ତରୀ ଟିମ୍ ଓ ଛେଣ୍ଡିପଦା ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ପହଞ୍ଚି ତଦନ୍ତ କରିଥିଲେ। ସୋଲାର କରେଣ୍ଟ ଲାଗି ହାତୀର ଜୀବନ ଯିବା ଜିଲାରେ ପ୍ରଥମ ଘଟଣା ହୋଇଥିବାରୁ ଏହା କେମିତି ସମ୍ଭବ ହେଲା ତାହାକୁ ନେଇ ବନ ବିଭାଗ ପକ୍ଷରୁ ତଦନ୍ତକୁ ଜୋର୍‌ଦାର କରାଯାଇଛି।

ସୂଚନା ଅନୁଯାୟୀ, ଡଙ୍ଗାପାଳ ସଂରକ୍ଷିତ ଜଙ୍ଗଲରୁ ଏକ ୧୭ ଟିକିଆ ହାତୀ ପଲ ବନବିଭାଗ କରିଥିବା ସୋଲାର ଫେନ୍ସିଂ ଅତିକ୍ରମ କରି ଡଙ୍ଗାପାଳ ଗାଁର ନାଳିଆ ସାହିରେ ଥିବା ସୁଦାମ ପ୍ରଧାନଙ୍କ ଫାର୍ମ ହାଉସ ନିକଟକୁ ଆସିଥିଲେ। ଫାର୍ମ ହାଉସ ତଥା ଗାଁକୁ ହାତୀ ନ ଆସିବା ପାଇଁ ସୁଦାମ ଗତ ୫ ବର୍ଷ ହେଲା ସୋଲାର


ସୋଲାର ଫେନ୍ସିଂ ତାର ଲାଗି ମରିପଡ଼ିଥିବା ମାଈ ହାତୀ।

ଫେନ୍ସିଂ କରିଥିବାବେଳେ ତାଙ୍କଠାରୁ ପଙ୍କଜ ପ୍ରଧାନ ସଂଯୋଗ ନେଇ ସୋଲାର ବାଡ଼ କରିଥିଲେ। ରାତି ପ୍ରାୟ ୮ଟା ବେଳେ ଉକ୍ତ ହାତୀପଲରୁ ଏକ ମାଈ ହାତୀ ପଙ୍କଜ ଲଗାଇଥିବା ସୋଲାର ବାଡ଼ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲା। ଖବରପାଇ ଅଧିକାରୀମାନେ ପହଞ୍ଚି ଫାର୍ମ ହାଉସ ମାଲିକଙ୍କୁ ପଚରାଉଚରା କରିବା ସହ ସୁଦାମଙ୍କ ଫାର୍ମରେ ଲାଗିଥିବା ସୋଲାର ଫେନ୍ସିଂ ମେଶିନ ଓ ହାତୀ ଦେହରେ ଲାଗିଥିବା ତାରକୁ ଜବତ କରିଥିଲେ। ପିସିସିଏଫ୍‌ଙ୍କ ନିର୍ଦ୍ଦେଶରେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଥିବା ବେଳେ ସୋଲାର ଫେନ୍ସିଂ ମେଶିନ କେତେ ଝଟ୍‌କା ଦେଉଛି ଏବଂ ଏହି ମେଶିନରେ କିଛି ସମସ୍ୟା ରହିଛି, କିମ୍ବା ଅନ୍ୟ କିଛି କାରଣରୁ ହାତୀ ମରିଛି ତାହାର ତଦନ୍ତ କରାଯାଉଛି। ମୃତ ହାତୀର ବୟସ ୨୫ବର୍ଷ ହୋଇଥିବା ଅନୁମାନ କରାଯାଉଥିବା ବେଳେ ବ୍ୟବଚ୍ଛେଦ ପରେ ସେଠାରେ ପୋତି ଦିଆଯାଇଥିବା ଅନୁଗୋଳ ଡିଏଫ୍‌ଓ ନୀତୀଶ କୁମାର ପ୍ରକାଶ କରିଛନ୍ତି।

### କିପରି କାଳ ସାଜିଲା ତଦନ୍ତ ହେଉ

ସାଧାରଣତଃ ଜନବସତି, ଚାଷୀଙ୍କ ଫସଲକୁ ହାତୀ ଦାଉରୁ ସୁରକ୍ଷା ଦେବାକୁ ବନ ବିଭାଗ ପକ୍ଷରୁ ସୋଲାର ଫେନ୍ସିଂ କରାଯାଇଥାଏ। ଗାଁ ମୁହାଁ ହାତୀଙ୍କ ପାଇଁ ଉକ୍ତ ସୋଲାର ବାଡ଼ ପ୍ରତିବନ୍ଧକ ସାଜେ। ସୋଲାର ବାଡ଼ ସଂସ୍ପର୍ଶରେ ହାତୀ ଆସିଲେ ପ୍ରବାହିତ ବିଦ୍ୟୁତ୍‌ର ସାମାନ୍ୟ ଝଟ୍‌କା ଲାଗେ। ଫଳରେ ହାତୀ ପୁନର୍ବାର ବାଡ଼ ନିକଟକୁ ଆସି ନ ଥାଏ। କିନ୍ତୁ ଏହି ସୋଲାର ଫେନ୍ସିଂ ଛେଣ୍ଡିପଦା ବନାଞ୍ଚଳରେ କିପରି ଏକ ମାଈ ହାତୀର ଜୀବନ ନେଲା ତାହାର ବିଧିବଦ୍ଧ ତଦନ୍ତ ହେବା ଆବଶ୍ୟକ ବୋଲି ଡଙ୍ଗାପାଳ ଗ୍ରାମର ବନ ସୁରକ୍ଷା ସମିତି ସଭାପତି ବିଶ୍ୱେଶ୍ୱର ସାହୁ, ଜିଲାପରିଷଦ ସଦସ୍ୟ ନଗେନ ପ୍ରଧାନ, ଆଶିଷ କୁମାର ପ୍ରଧାନ, ରବିନାରାୟଣ ଦେହୁରୀ, ଗୋପୀନାଥ ପ୍ରଧାନ, ତରଣୀ ସେନ ଦେହୁରୀ ପ୍ରମୁଖ ଦାବି କରିଛନ୍ତି।

### ୩ ଦିନରେ ମଲେଣି ୨ ହାତୀ

ମେ ୩୦ ତାରିଖ ରାତିରେ ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ପମ୍ପାସର ସେକ୍ସନ ତଳସିରା ଗାଁର ଚାଷୀ ରଞ୍ଜନ କୁମାର ସାହୁ ଫାର୍ମ ହାଉସ ଚାରିପଟେ ଦେଇଥିବା ସୋଲାର ବାଡ଼ରେ ବିଦ୍ୟୁତ୍ ସଂଯୋଗ କରିଥିବାରୁ ଏକ ଦନ୍ତା ହାତୀର ଜୀବନ ଯାଇଥିଲା। ସେହିପରି ଗତ ୨ ତାରିଖ ରାତିରେ ଛେଣ୍ଡିପଦା ବନାଞ୍ଚଳ ଡଙ୍ଗାପାଳ ବିଟ୍‌ର ନାଳିଆ ସାହିରେ ସୋଲାର ଫେନ୍ସିଂ କରେଣ୍ଟ ଲାଗି ଏକ ମାଈ ହାତୀର ମୃତ୍ୟୁ ହୋଇଛି। ଅନୁଗୋଳ ଜିଲାରେ ୩ଦିନ ମଧ୍ୟରେ ୨ ହାତୀଙ୍କ ଜୀବନ ଯିବା ଘଟଣାକୁ ନେଇ ପରିବେଶବିତ୍‌ମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାକୁ ମିଶାଇ ୫ମାସ ମଧ୍ୟରେ ଜିଲାରେ ୬ ହାତୀ ଅକାଳରେ ମୃତ୍ୟୁ ମୁଖରେ ପଡ଼ିଛନ୍ତି।

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା



# ଉତ୍ତରପୂର୍ବାଞ୍ଚଳରେ ଭୂସ୍ଖଳନ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗତ ସପ୍ତାହରେ କେରଳ ଛୁଇଁଥିଲା। ଦୀର୍ଘ ୧୬ ବର୍ଷ ପରେ ଏହା ସଅଳ ଆସିଥିବାରୁ ଗରମ ଗୁଳୁଗୁଳିରୁ ସମସ୍ତେ ତ୍ରାହି ପାଇବା ସହ ଖୁସି ବ୍ୟକ୍ତ କରିଥିଲେ। କାରଣ ଭଲ ମୌସୁମୀ ବର୍ଷା କୃଷି ଉତ୍ପାଦନ ବୃଦ୍ଧି କରେ ଓ ଅର୍ଥନୀତିକୁ ସୁହାଏ। କିନ୍ତୁ ଆରମ୍ଭରୁ ମୌସୁମୀ ପ୍ରବେଶ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିଛି। ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଏହା ପହଞ୍ଚିବା ପରେ ପ୍ରବଳ ବର୍ଷିବା ଯୋଗୁ ବନ୍ୟା ଓ ଭୂସ୍ଖଳନ ଘଟି ଏଯାବତ୍ ୩୬ ଜଣଙ୍କର ମୃତ୍ୟୁ ହୋଇସାରିଲାଣି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଜୁନ ୨ରେ ସିକିମ୍‌ର ଚେତନଠାରେ ଚାଲିଥିବା ଏକ ମିଲିଟାରି କ୍ୟାମ୍ପରେ ଭୂସ୍ଖଳନ ଯୋଗୁ ୩ ଯବାନଙ୍କ ମୃତ୍ୟୁ ହେବା ସହ ୬ ଜଣ ନିଖୋଜ ଅଛନ୍ତି। ଉତ୍ତର ପୂର୍ବାଞ୍ଚଳର ୮ଟି ରାଜ୍ୟ ମଧ୍ୟରୁ ବିଶେଷକରି ଆସାମ, ଅରୁଣାଚଳ ପ୍ରଦେଶ, ମେଘାଳୟ, ସିକ୍କିମ, ତ୍ରିପୁରା ଓ ମଣିପୁରରେ ବନ୍ୟା ଏବଂ ଭୂସ୍ଖଳନ କାରଣରୁ ପାଖାପାଖି ୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଆସାମ ସବୁଠୁ ବେଶୀ ପ୍ରଭାବିତ ହୋଇଛି ଏବଂ ସେଠାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅରୁଣାଚଳପ୍ରଦେଶରେ ୧୦ ଜଣଙ୍କ ପ୍ରାଣ ଯାଇଛି।

ଦେଖିବାକୁ ଗଲେ ପାହାଡ଼ିଆ ଅଞ୍ଚଳରେ ପ୍ରବଳ ବର୍ଷା ହୁଏ। ବନ୍ୟା ମଧ୍ୟ ହୋଇଥାଏ। କିନ୍ତୁ ପାହାଡ଼ ଅଞ୍ଚଳରେ କ୍ଷୟକ୍ଷତି ଅତ୍ୟନ୍ତ ସୀମିତ ରହିଥାଏ। ତେବେ ଭାରତବର୍ଷର ଉତ୍ତରାଖଣ୍ଡ ରାଜ୍ୟରୁ ଆରମ୍ଭ କରି ଅରୁଣାଚଳ ପର୍ଯ୍ୟନ୍ତ ତଥାକଥିତ ବିକାଶ ନାମରେ ଯେଉଁଭଳି ପରିବେଶକୁ ଧ୍ୱଂସ କରାଯାଉଛି, ସେଥିପାଇଁ ଜୀବନ ଏବଂ ସମ୍ପତ୍ତି ହାନି ବୃଦ୍ଧି ପାଉଛି। ବିଗତ ଦଶନ୍ଧିରେ ଉତ୍ତରପୂର୍ବାଞ୍ଚଳରେ ବର୍ଷା ଓ ତଜ୍ଜନିତ ଭୂସ୍ଖଳନ ତୀବ୍ରତା ଅନେକ ଗୁଣ ବୃଦ୍ଧି ପାଇଛି। ମୌସୁମୀ ବ୍ୟତୀତ ଅନିୟମିତ ପାଣିପାଗ ଯୋଗୁ ବର୍ଷର ଅନ୍ୟ ସମୟରେ ହେଉଥିବା ପ୍ରବଳ ବର୍ଷା ମଧ୍ୟ ଉତ୍ତରପୂର୍ବ ରାଜ୍ୟରେ ହଠାତ୍ ବନ୍ୟା ଓ ଭୂସ୍ଖଳନର କାରଣ ପାଲଟୁଛି। ଜିଓଗ୍ରାଫିକାଲ ସର୍ଭେ ଅଫ୍ ଇଣ୍ଡିଆ ତଥ୍ୟ ଅନୁଯାୟୀ, ୨୦୧୭ରୁ ୨୦୨୪ ମଧ୍ୟରେ ୫୯୨ଟି ଭୂସ୍ଖଳନ ହୋଇଥିବାବେଳେ କେବଳ ୨୦୨୪ରୁ ଏଯାବତ୍ ୧୯୬ଟି ଘଟିସାରିଲାଣି। ତେବେ ଏବେ ଘଟୁଥିବା ବନ୍ୟା ଓ ଭୂସ୍ଖଳନର ଭୟଙ୍କର ରୂପ ପଛରେ ଥିବା ବଡ଼ କାରଣ ହେଉଛି ପାଣିପାଗ ପ୍ରଣାଳୀରେ ପରିବର୍ତ୍ତନ ଓ ମଣିଷକୃତ କାର୍ଯ୍ୟକଳାପ। ପାହାଡ଼ ଓ ଘଞ୍ଚ ଜଙ୍ଗଲଘେରା ଏହି ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜୋରସୋରରେ ଚାଲିଛି। ଏଥିପାଇଁ ପାହାଡ଼ ଫଟାଇବାଠାରୁ ଆରମ୍ଭ କରି ଜଙ୍ଗଲ ଧ୍ୱଂସ କରାଯାଉଛି। କ୍ଷୁଦ୍ର ପ୍ରାକୃତିକ ଜଳଧାରର ଗତିରୋଧ ମଧ୍ୟ କରାଯାଉଛି। ବିଶେଷକରି ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ବ୍ରହ୍ମପୁତ୍ର ଓ ବରାକ୍ ଦୁଇ ମୁଖ୍ୟ ନଦୀ ସହିତ ତିସ୍ତା, ଦିବଙ୍ଗ, ଟିଆଲ, ଡୋୟାଙ୍ଗ, ଲଙ୍ଗାଇ ଭଳି ଅନେକ ଛୋଟବଡ଼ ନଦୀ ପ୍ରବାହିତ ହେଉଛି। ଏବେ ଏହିସବୁ ନଦୀରେ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ତଥା ଏହାର ତଟବର୍ତ୍ତୀ ଅଞ୍ଚଳରେ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ସହ ନିକଟରେ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି ଯେ, ଅରୁଣାଚଳପ୍ରଦେଶ, ଆସାମ, ନାଗାଲାଣ୍ଡ, ମଣିପୁର ଓ ତ୍ରିପୁରାରେ ୧୮୬ଟି ଜାତୀୟ ରାଜପଥ ପ୍ରକଳ୍ପ କାମ ଚାଲିଛି। ଉଦ୍‌ବେଗର ବିଷୟ ହେଉଛି, ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (ଆଇଏସ୍‌ଏଫ୍‌ଆର୍)ର ତଥ୍ୟ। ଏଥିରେ ଦର୍ଶାଯାଇଛି ଯେ, ୨୦୧୩ରୁ ୨୦୨୩ ମଧ୍ୟରେ ସମଗ୍ର ଉତ୍ତରପୂର୍ବାଞ୍ଚଳରୁ ପାଖାପାଖି ୪ ହଜାର ବର୍ଗ କିଲୋମିଟର ଜଙ୍ଗଲ ନଷ୍ଟ କରାଯାଇସାରିଲାଣି, ଯାହା ଗୋଆର ଆକାରଠାରୁ ଅଧିକ।

ଏହା ସତ ଯେ, ପରିବର୍ତ୍ତିତ ଜଳବାୟୁ ଯୋଗୁ ପାଣିପାଗ ମଧ୍ୟ ବଦଳି ଚାଲୁଛି। ତାହାକୁ ସାମ୍ନା କରିବା ଲାଗି ସବୁସ୍ତରରେ ପ୍ରସ୍ତୁତି ହେବା ଆବଶ୍ୟକ। ଅନ୍ୟପକ୍ଷରେ ଉତ୍ତର ପୂର୍ବାଞ୍ଚଳରେ ଗମନାଗମନ ଓ ପରିବହନକୁ ଗୁରୁତ୍ୱ ଦିଆଯିବା ଭଲ କଥା। କିନ୍ତୁ ସେଠାକାର ଭୌଗୋଳିକ ସ୍ଥିତି ଓ ଭଙ୍ଗୁର ଭୂପୃଷ୍ଠକୁ ଦେଖି ପରିସଂସ୍ଥାନକୁ କ୍ଷତି ନ ପହଞ୍ଚାଇଲା ଭଳି ଭିତ୍ତିଭୂମି ବିକଶିତ କରାଯିବା ଦରକାର। ଯେଉଁଠାରେ ସେସବୁକୁ ଅଣଦେଖା କରାଯାଉଛି, ସେଭଳି ସ୍ଥଳେ ବିପର୍ଯ୍ୟୟ ବଡ଼ ଆକାରରେ ଆସୁଛି। ଭିତ୍ତିଭୂମି ବିକାଶ ଯୋଜନା ପରିବେଶ ଉପଯୋଗୀ ହେଲେ ଅର୍ଥାତ୍ ପାହାଡ଼ ଓ ଜଙ୍ଗଲର କ୍ଷତି ହ୍ରାସ କରାଯାଇପାରିଲେ, ହୁଏତ ବିପତ୍ତିର ତୀବ୍ରତା କମ୍ କରାଯାଇପାରିବ। ଏଥିପାଇଁ ଆଗକୁ ଏକ ସମ୍ମିଳିତ ଯୋଜନା ହାତକୁ ନେବା ସହ ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ଗଠନ ପାଇଁ ପ୍ରସ୍ତୁତ ହୋଇ ରହିଲେ ଦେଶର ସବୁ ପାହାଡ଼ିଆ ଅଞ୍ଚଳରେ ଅଧିବାସୀଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ହୁଏତ ଏହାର ପନ୍ଥା ହୋଇପାରେ ଏକ ନୂଆ ମନ୍ତ୍ରଣାଳୟ ସୃଷ୍ଟି। ସେହି ବିଭାଗ କେବଳ ଏହିଭଳି ପରିସଂସ୍ଥାଗତ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଯେତେ ପ୍ରକାରର ବିକାଶ ପ୍ରକଳ୍ପ ହାତକୁ ନିଆଯିବ, ସେସବୁ ତାହାଦ୍ୱାରା ପରିଚାଳିତ ହେବ। ବିଶେଷ ଦୃଷ୍ଟି ଦିଆ ନ ଗଲେ ଏହିଭଳି କ୍ଷତି ଭବିଷ୍ୟତରେ ମଧ୍ୟ ଲାଗି ରହିବ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | | 7 | | |
| 3 | | 7 | | | | | | |
| | 8 | | 4 | 7 | | | | |
| | | | 5 | | 1 | | 3 | |
| | 5 | | 6 | 9 | | | 1 | |
| 6 | | 2 | | | | | 9 | |
| | 4 | | | | | 2 | | 1 |
| | | | | | 6 | | | 8 |
| | 3 | | | | | 5 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 9 | 1 | 6 | 7 | 5 | 3 | 8 |
| 3 | 1 | 7 | 8 | 5 | 9 | 6 | 4 | 2 |
| 8 | 6 | 5 | 2 | 3 | 4 | 1 | 7 | 9 |
| 4 | 9 | 3 | 5 | 7 | 8 | 2 | 6 | 1 |
| 7 | 2 | 6 | 3 | 9 | 1 | 4 | 8 | 5 |
| 1 | 5 | 8 | 4 | 2 | 6 | 7 | 9 | 3 |
| 6 | 3 | 2 | 7 | 8 | 5 | 9 | 1 | 4 |
| 5 | 7 | 1 | 9 | 4 | 3 | 8 | 2 | 6 |
| 9 | 8 | 4 | 6 | 1 | 2 | 3 | 5 | 7 |

ଗତକାଲିର ଉତ୍ତର



# ବ୍ୟକ୍ତିବାଦ ସହ ଟେକ୍ନୋଲୋଜିର ଟକ୍କର

ସହଦେବ ସାହୁ

ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ଲୋକଙ୍କ ସାଧାରଣ ଜ୍ଞାନ ଯେ ଲେଜିସ୍‌ଲେଟର (ବିଧାୟିକା), ଏକ୍‌ଜିକ୍ୟୁଟିଭ୍ (କାର୍ଯ୍ୟପାଳିକା) ଓ ଜୁଡିସିଆରି (ନ୍ୟାୟପାଳିକା) ନାମକ ସରକାରଙ୍କ ତିନୋଟି ଶାଖା ଭିତରେ ବାଲାନ୍ସ (ଛକାପଞ୍ଝା) ରହିଥାଏ, କେହି କାହାକୁ ସୀମାବାହାରକୁ ଯିବାକୁ ଛାଡ଼ିବେ ନାହିଁ, ତେଣୁ ଆଇନର ଶାସନ ଚାଲେ। ମାର୍କିନ ଗଣତନ୍ତ୍ରରେ ଡୋନାଲ୍ଡ ଟ୍ରମ୍ପ ତାଙ୍କର ଦ୍ୱିତୀୟ ଥରର ରାଷ୍ଟ୍ରପତିତ୍ୱରେ (ମାର୍କିନ୍ ସମ୍ବିଧାନର ଧାରା ୨କୁ ଉଦ୍ଧାର କରି) କାର୍ଯ୍ୟପାଳିକା କ୍ଷମତାର ଏମିତି ବ୍ୟବହାର କରୁଛନ୍ତି ଯେ ନ୍ୟାୟପାଳିକା ଓ ବିଧାୟିକା ଉଭୟ ନ୍ୟୂନ ମନେହେଉଛନ୍ତି: ଆଇନ ଟ୍ରମ୍ପଙ୍କ ବାଟରେ ଚାଲୁଛି। କଂଗ୍ରେସ (ଆମର ସଂସଦର ପ୍ରତିରୂପ) ଚୁପ୍ ରହିଛି। ଇଂଲିଶରେ କଥା ଅଛି: ପିପୁଲ ଡିଜର୍ଭ ଦ ଗଭର୍ନମେଣ୍ଟ ଦେ ଗେଟ୍; ଲୋକଙ୍କୁ ସେମାନଙ୍କ ଇଚ୍ଛାର ସରକାର ମିଳେ। ସରକାର ବୋଇଲେ ସାଧାରଣ ଲୋକେ କାର୍ଯ୍ୟପାଳିକାକୁ ବୁଝନ୍ତି। ରାଷ୍ଟ୍ରପତି ତା'ର ମୁଖ୍ୟ। ୟୁଏସ୍‌ଏରେ ସରକାରଙ୍କ କାମ ମାନେ ରାଷ୍ଟ୍ରପତି ଟ୍ରମ୍ପଙ୍କ କାମ: ଆସନ୍ତୁ ଦେଖିବା ତାଙ୍କ କାମ କିପରି ଆଭ୍ୟନ୍ତରୀଣ ଶାସନକ୍ରିୟାକୁ ଆଉ ଅନ୍ତର୍ଜାତୀୟ ସ୍ତରର ରାଜନୀତିକୁ ପ୍ରଭାବିତ କରୁଛି।

ଟ୍ରମ୍ପଙ୍କ ପ୍ରଥମ କାମ ହେଲା ନିର୍ବାଚନୀ ଖର୍ଚ୍ଚରେ ସାହାଯ୍ୟ କରିଥିବା ଡିଜିଟାଲ୍ ଯୁଗର ଜଣେ କୁବେର ଏଲନ୍ ମସ୍କଙ୍କୁ ସେ ସମ୍ବିଧାନାତିରିକ୍ତ କ୍ଷମତା ଦେଇ ସରକାର-ବାହାରେ ସେକ୍ରେଟାରୀ (ଆମ ଦେଶର ମନ୍ତ୍ରୀ ଭଳି) ପାହ୍ୟା ଦେଇ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ)ର ମୁଖ୍ୟ କରିଦେଲେ। ସରକାରରେ ବଦ୍‌ଖର୍ଚ୍ଚ କମାଇବା ଲକ୍ଷ୍ୟରେ ମସ୍କ କାର୍ଯ୍ୟପାଳିକାର ବିଭିନ୍ନ ସ୍ତର ଓ ଶାଖାକୁ ଘାଣ୍ଟି ପକାଇଲେ, ଅଯଥା ଖର୍ଚ୍ଚ କହି ସେ ବିଦେଶୀ ସରକାର ଓ ସଂସ୍ଥାକୁ ତଥା ଦେଶ ଭିତରର ସଂସ୍ଥା ଓ ଅନୁଷ୍ଠାନଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତା ବନ୍ଦ କଲେ, ଦେଶ ଭିତରେ ବହୁତ ସରକାରୀ ସଂସ୍ଥାକୁ ଅଦରକାରୀ କହି ସେମାନଙ୍କ ସେବା ବନ୍ଦ କଲେ, ତାଙ୍କ ହିସାବରେ ବଳକା ମନେ ହେଉଥିବା କର୍ମଚାରୀମାନଙ୍କୁ ଛଟେଇ କଲେ, ସରଜମିନ୍‌ରୁ କର୍ମଚାରୀମାନଙ୍କୁ ମୁଖ୍ୟ ଅଫିସ୍‌କୁ ଫେରାଇ ଆଣିଲେ। ଅଫିସରେ ଜାଗା ନାହିଁ, ଚେୟାର୍ ଟେବୁଲ ନାହିଁ, ପାନୀୟ ଜଳ ଯୋଗାଣ ଯନ୍ତ୍ର ଅସଜଡା, ହାତଧୋଇବା ସାବୁନ ଓ ହାତପୋଛିବା କାଗଜ ନାହିଁ, ଅସୁତରା ପରିବେଶରେ ଦିନକୁ ପୂରା ୮ଘଣ୍ଟା କାମ, ଓଭର୍‌ଟାଇମ୍ ନାହିଁ। କୌଣସି ଫେଡେରାଲ୍ କର୍ମଚାରୀ କ୍ରେଡିଟ୍ କାର୍ଡ ଜରିଆରେ ଦିନକୁ ଏକ ଡଲାରରୁ ବେଶି ଖର୍ଚ୍ଚ କରିପାରିବେ ନାହିଁ। ଘରର ନିତିଦିନିଆ ଖର୍ଚ୍ଚ ତୁଲାଇବାରେ ଅସୁବିଧା ସାଙ୍ଗକୁ ବର୍ଜ୍ୟ ପରିବେଶରେ ଅଫିସ ଭିତରେ ଗେଞ୍ଜି ହୋଇ କାମ କରିବା କର୍ମଚାରୀଙ୍କ ଭିତରେ ଡିପ୍ରେଶନ୍ (ମାନସିକ ଅବସାଦ) ଆଣୁଛି।

ଦେଶର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ଆଳରେ, ମେକ୍ ଆମେରିକା ଗ୍ରେଟ୍ ଏଗେନ୍



ନାରା ଦେଇଥିବା ଟ୍ରମ୍ପ୍ ଧମକ ଦେଇଛନ୍ତି ଯେ ଦରିଆପାରି ମାର୍କିନ୍ କମ୍ପାନୀମାନେ ଦେଶକୁ ଫେରନ୍ତୁ, ନ ହେଲେ ସେମାନଙ୍କ ସାମଗ୍ରୀ ଉପରେ ଉଚ୍ଚହାରର ଶୁଳ୍କ ବସାଯିବ। ଯେଉଁ ଦେଶମାନେ ଆମେରିକାର ରପ୍ତାନି ଦ୍ରବ୍ୟ ଉପରେ ଶୁଳ୍କ ବସାଇଛନ୍ତି ସେମାନଙ୍କ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହାର ଖୁବ୍ ଉଚ୍ଚା କରୁଛନ୍ତି ବା କରିବାର ଧମକ ଦେଇଛନ୍ତି (ସମ୍ବିଧାନ କାର୍ଯ୍ୟପାଳିକାକୁ ଏପରି କ୍ଷମତା ଦେଇ ନାହିଁ ବୋଲି ଫେଡେରାଲ୍ କୋର୍ଟର ଏକ ବେଞ୍ଚ ଏବେ ରାୟ ଦେଇଛନ୍ତି)।

ଦେଶ ବିଦେଶର ଗ୍ରାହକମାନେ ଇ-ମେଲ୍‌ରୁ ୱେବ୍ ଯାଏ ଦଣ୍ଡାଳିଲା (ବ୍ରାଉଜିଂ) ବେଳେ ଆମେରିକାରେ ଥିବା ସମ୍ପୃକ୍ତ କମ୍ପାନୀମାନେ ସାଇତି ରଖି ପାରୁଛନ୍ତି ଏବଂ ଟ୍ରମ୍ପଙ୍କ ସରକାରଙ୍କୁ ଯାଞ୍ଚ ବେଳେ ସାହାଯ୍ୟ କରୁଛନ୍ତି ବୋଲି ଅନ୍ୟ ଦେଶମାନଙ୍କ ଧାରଣା, କାରଣ ଏହା ଚିହ୍ନିତ ବା ସନ୍ଦିଗ୍ଧ ବ୍ୟକ୍ତିଙ୍କ ଆଚରଣ ଓ ଉଚ୍ଚାରଣକୁ ପରୀକ୍ଷା କରି ଆମେରିକା ସରକାର ତାଙ୍କର ବୈଦେଶିକ ନୀତି ତିଆରି କରନ୍ତି ବୋଲି ଅନେକଙ୍କ ଧାରଣା। ୟୁକ୍ରେନକୁ ବା ଦକ୍ଷିଣ ଆଫ୍ରିକାକୁ ଗାଳିଦେବା, ଚାଇନା ଓ ରୁଷିଆକୁ ନାଲିଆଖି ଦେଖାଇବା, ଗୋରା ଦକ୍ଷିଣ ଆଫ୍ରିକୀୟଙ୍କୁ ମାଗଣା ନାଗରିକତ୍ୱ ପ୍ରଦାନ କରିବା, ଗାଜାରେ ଗୃହନିର୍ମାଣ ଯୋଜନା ପ୍ରସ୍ତାବ ଦେବା ଭଳି କାମ ହାତକୁ ନେବା ମୂଳରେ ଆମେରିକୀୟ ଟେକ୍ କମ୍ପାନୀମାନଙ୍କ ମେମୋରି ଭଣ୍ଡାର କାମ ଦେଉଛି, ସେମାନଙ୍କ କ୍ଲାଉଡ୍ ଷ୍ଟୋରେଜ୍‌ର କଣ୍ଟ୍ରୋଲ ଆମେରିକାରେ ଅଛି। ଟ୍ରମ୍ପଙ୍କ ଦାଦାଗିରି କେବଳ ଅନ୍-ଲାଇନ୍ ବ୍ୟବସ୍ଥାକୁ କଣ୍ଟ୍ରୋଲ କରୁନାହିଁ, ସେମାନଙ୍କର ସାର୍ବଭୌମତ୍ୱ କ୍ଷୁଣ୍ଣ କରୁଛି। ତେଣୁ ସେମାନେ ନିଜର କ୍ଲାଉଡ୍ ଷ୍ଟୋରେଜ୍ ତିଆରି କଲେଣି। ଫ୍ରାନ୍ସ ଓ ଜର୍ମାନୀ ସରକାର ଗୁଗଲ ଡକ୍ସ (ଡକ୍ୟୁମେଣ୍ଟସ୍)ସହ ପ୍ରତିଦ୍ୱନ୍ଦ୍ୱିତା କରି ନିଜର ଡକ୍ସ ଓ ୱାର୍ଡ ପ୍ରସେସର୍ ଆରମ୍ଭ କଲେଣି। (ଯେମିତି ଭାରତ ତା'ର ନ୍ୟାଶ୍‌ନାଲ୍ ଇନଫର୍‌ମେଟିକ୍ସ କର୍ପୋରେଶନ୍ - ଏନ୍‌ଆଇସି - ଜରିଆରେ ଡାଟା ଭଣ୍ଡାର ତିଆରି ଆରମ୍ଭ କରିଛି, ଏସିଆ ମହାଦେଶର ଯେ କୌଣସି ସ୍ଥାନକୁ ଠିକ୍ ଚିହ୍ନଟ କରିବାର ନିଜସ୍ୱ ଜିପିଏସ୍ ତିଆରି କଲାଣି, ଆମେ ଅପରେଶନ୍ ସିନ୍ଦୂର ବେଳେ ଜାଣିଲୁ କିପରି ବାୟୁମଣ୍ଡଳରେ ଇଲେକ୍ଟ୍ରୋନିକ୍ ମାଧ୍ୟମ ସାମରିକ ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରେ।) ୟୁରୋପିଆନ୍ ୟୁନିୟନ୍‌ର ୯ଟି ଯାକ ଦେଶ ସନ୍ଦେହ କରୁଛନ୍ତି ରୁଷିଆ ଆକ୍ରମଣରେ ଟ୍ରମ୍ପଙ୍କ ଆମେରିକା ଯଥେଷ୍ଟ ସାହାଯ୍ୟ କରି ନ ପାରେ। ୟୁକ୍ରେନ-ରୁଷିଆ ଯୁଦ୍ଧ ସମ୍ପର୍କରେ ଟ୍ରମ୍ପ-ପୁଟିନଙ୍କ ଆଲୋଚନା ଏକ ସାମରିକ ମିଳାମିଶା ଭଳି ଦିଶୁଛି, ବିଶ୍ୱ ଏକ ତ୍ରିଶକ୍ତି (ଆମେରିକା, ରୁଷିଆ ଓ ଚାଇନା) ବଳୟ ଭିତରକୁ ଯାଉଥିବାର ସନ୍ଦେହ ହେଉଛି। ରୁଷିଆ ଦ୍ୱାରା ଆକ୍ରାନ୍ତ ୟୁକ୍ରେନ୍ ରାଷ୍ଟ୍ରପତି ଏବଂ ଦେଖାକରିବାକୁ ଆସିଥିବା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତିଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର ୟୁରୋପିଆନ୍ ୟୁନିୟନ୍‌ର ସଭ୍ୟ ରାଷ୍ଟ୍ରମାନଙ୍କୁ ଆମେରିକାଠାରୁ ରାଜନୈତିକ ଦୂରତା ପାଇଁ ପ୍ରସ୍ତୁତ କଲାଣି। ମାର୍ଚ୍ଚ (୨୦୨୫)ରେ କରାହୋଇଥିବା ଏକ ମତ ଗ୍ରହଣ (କଞ୍ଜୁମର୍ ପୋଲ୍)ରେ ୟୁରୋପୀୟ ସଂଘର ୬୨% ଲୋକ ଭାବୁଛନ୍ତି ଯେ ଆମେରିକାର ଟେକ୍ କମ୍ପାନୀମାନେ ୟୁରୋପୀୟ ମହାଦେଶର ସାର୍ବଭୌମତ୍ୱ ପ୍ରତି ବିପଦ। ତେଣୁ ସେ ଦେଶଗୁଡିକ ଡିଜିଟାଲ୍ ପ୍ରାଇଭେସି (ବ୍ୟକ୍ତି/କମ୍ପାନୀର ଗୋପନୀୟତା) ରକ୍ଷା ଲାଗି ନିଜର ୱେବ୍, ବ୍ରାଉଜର୍ ଓ ସର୍ଚ୍ଚ ଇଞ୍ଜିନ ତିଆରିରେ ଲାଗିଛନ୍ତି। ସୁଇଡେନର ମଲ୍‌ବାଡ୍, ନରୱେର ଭିବାଲ୍ଡି ଗୋଟିଏ ଗୋଟିଏ ଅନ୍‌ଲାଇନ୍ ସେବା। ଫ୍ରାନ୍ସର କ୍ୱାଣ୍ଟ୍, ବିଲାତର ମୋଜିକ୍, ନେଦରଲାଣ୍ଡର ଷ୍ଟାର୍ଟପେଜ୍ ଓ ଜର୍ମାନୀର ଇକୋଶିଆ ଗୋଟିଏ ଗୋଟିଏ ସର୍ଚ୍ଚ ଇଞ୍ଜିନ୍। ସୁଇଜରଲାଣ୍ଡର ପ୍ରୋଟନମେଲ୍ ଓ ଜର୍ମାନୀର ଟୁଟାନୋଟା ଗୋଟିଏ ଗୋଟିଏ ଇମେଲ୍ ସର୍ଭିସ୍। ଟ୍ରମ୍ପଙ୍କ କାଳରେ ସବୁ କର୍ମଚାରୀ ଅଫିସରେ ରହି କାମ କରିବେ ବୋଲି ସେ ଆଦେଶ ଦେଇଥିବାରୁ ୱାଇଫାଇ ବ୍ୟବସ୍ଥା ନିମ୍ନଗାମୀ ହୋଇଛି।

ଦିନ ଆସୁଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ, କୃତ୍ରିମ ବୁଦ୍ଧିମତ୍ତା) ଉନ୍ନତ ହୋଇ ସବୁ ସ୍ମାର୍ଟ ଫୋନକୁ କଣ୍ଟ୍ରୋଲ କରିବ, ସବୁ ସ୍ମାର୍ଟ ଫୋନ୍‌ର ଅପରେଟିଂ ସିଷ୍ଟମ୍ (ଓଏସ୍) ହୋଇଯିବ ତ ବ୍ୟବହାରକାରୀର ଡିଜିଟାଲ୍ ସ୍ୱରୂପ ନେଇ କାମ କରିବ; ଚୋର ନେଲେ ଚୋରର ପୁରୁଣା ଫୋନରୁ ସବୁ ଉତାରି ଆଣିବ ନୂଆ ଫୋନକୁ, ଚୋର ପୁରୁଣା ଫୋନ ସଫା ସିଲଟ ଭଳି ରହିଯିବ ଯେ ପର୍ଯ୍ୟନ୍ତ ଆଉ ଜଣେ ଫୋନ୍ ରଖି ନ ଥିବା ଲୋକ ତାକୁ ନ ନେଇଛି। ସ୍ମାର୍ଟ ଫୋନ୍ ଚୋରି ବନ୍ଦ ହୋଇଯିବ। ପୃଥିବୀସାରା ଲୋକେ ଗୋଟିଏ ଆପ୍ ଥିବା ସ୍ମାର୍ଟ ଫୋନ୍ ବ୍ୟବହାର କରୁଥିବାରୁ ଦାମ୍ କେବଳ ଶସ୍ତା ହେବ ନାହିଁ ଫୋନ୍ ସ୍ୱୟଂ ବ୍ୟବହାରକାରୀର ଖର୍ଚ୍ଚକରିବାର ସାମର୍ଥ୍ୟ ନିର୍ଣ୍ଣୟ କରି ନିଜର ଦର କଷିବ, ତାହା ଉତ୍ପାଦନକାରୀ କମ୍ପାନୀର ଆକାଉଣ୍ଟକୁ ଆପେ ଆପେ ଚାଲିଯିବ। ଏ ଫୋନ୍ ବ୍ୟବହାରକାରୀର ହାଇପୋଥାଲାମସ୍ ଉପରେ ପ୍ରଭାବ ପକାଇ ତା'ର ଆଚରଣକୁ ଉଚିତ ମାର୍ଗରେ ନେବ, ଯେ ଯାଏ ଲୋକଟି ତାକୁ ଫୋପାଡି ନ ଦେଇଛି। କିନ୍ତୁ ନୂଆ ଫୋନ୍ ନେଲେ ତ ସେହି ଶିକ୍ଷା ଫୋନରୁ ମିଳିବ। ବିଲାତୀ ହାଇଫାଇ ବ୍ରାଣ୍ଡ କେଇଏଫ୍ ସହିତ ସହବନ୍ଧ ହୋଇ 'କିଛି ନୁହେଁ, ନଥିଂ ଫୋନ୍ ନାଁରେ ପରୀକ୍ଷାମୂଳକ ଫୋନ୍ ବାହାରିଛି। ନୂଆ ଏଆଇ ଅପରେଟିଂ ସିଷ୍ଟମ୍ (ଓଏସ୍) ଥିବା ଫୋନ୍ ସବୁଠି କାମ କରିବ, ପୃଥିବୀ ବାହାରେ ଅନ୍ୟ ଗ୍ରହରେ ଓ ମହାକାଶରେ। ଏ ସ୍ୱୟଂକ୍ରିୟ ଫୋନ୍ ଆପେ ଆପେ ସୁଧାରିନେବ (agentic and automated and proactive ହେବ, ଆଜେଣ୍ଟିକ୍ ମାନେ ମାଲିକର ମନ ଅନୁଯାୟୀ କାମ କରୁଥିବା ଗୁମାସ୍ତା)। ଆଉ ୧୦ବର୍ଷ ଅପେକ୍ଷା କରନ୍ତୁନା!

sahadevas@yahoo.com



# ଫେରିଯିବା ବାଲ୍ୟକାଳକୁ

ଇପ୍ସିତା ମହାନ୍ତି

ଗତ କିଛି ବର୍ଷ ହେଲା ଲୋକଙ୍କ ମଧ୍ୟରେ ଏପରି ଏକ ଧାରଣା ସୃଷ୍ଟିହୋଇଛି ଯେ ବାଲ୍ୟକାଳରେ ନିଜକୁ ଖୁସି ଦେଇଥିବା ପରିବେଶକୁ ପୁନର୍ନିର୍ମାଣ କରି ଜଣେ ବ୍ୟକ୍ତି ମାନସିକ ଚାପ ହ୍ରାସ କରିପାରିବ। ବିନା ସଙ୍କୋଚରେ ପିଲାଙ୍କ ଭଳି ଯେକୌଣସି କାର୍ଯ୍ୟ କରି ଆନନ୍ଦ ନେବା ପ୍ରକ୍ରିୟାକୁ ଏହା ବୁଝାଇଥାଏ, ଯାହାକୁ ଇଂରାଜୀରେ କିଡିଂ କହନ୍ତି। ଓଡ଼ିଆରେ ଏହା ପିଲାଳିଆମୀ ବା ଶିଶୁସୁଲଭ ଆଚରଣ ନାମରେ ପରିଚିତ। କିନ୍ତୁ ପ୍ରଶ୍ନ ହେଉଛି କୃତ୍ରିମ ଉପାୟରେ ଅତୀତର ସ୍ମୃତିକୁ ପୁନର୍ନିର୍ମାଣକରି ପୂର୍ବର ସେହି ଖୁସି, ଆନନ୍ଦ ଅନୁଭବ କରିବା ପ୍ରକୃତପକ୍ଷେ ସମ୍ଭବ କି ? ସେ ଯେକୌଣସି କାର୍ଯ୍ୟ ହେଉନା କାହିଁକି ସେଥିପ୍ରତି ପିଲାମାନେ ଯଦି ଆଗ୍ରହୀ ତେବେ ତାହା ସେମାନଙ୍କ ପାଇଁ ସର୍ବଦା ଆନନ୍ଦଦାୟକ ହୋଇଥାଏ। କାରଣ ପିଲାମାନେ ସେହି ଜିନିଷ କିମ୍ବା ନିଜ ବିଷୟରେ ସଚେତନ ନ ଥାନ୍ତି। ଏହା ସମ୍ପାଦନ ବେଳେ ପିଲାମାନେ ପ୍ରତ୍ୟେକ କାର୍ଯ୍ୟକଳାପରେ ପୂର୍ଣ୍ଣ ରୂପେ ସଂଶ୍ଳିଷ୍ଟ ହୋଇଯାନ୍ତି। ଏତିକିବେଳେ ସେମାନଙ୍କ ମନ ଓ ମସ୍ତିଷ୍କ ଭିନ୍ନ ଭିନ୍ନ ଭାଗରେ ବିଭକ୍ତ ହୋଇ ନ ଥାଏ। କିନ୍ତୁ ଯୁବକ, ବୟସ୍କ ଏବଂ ପ୍ରାପ୍ତ ବୟସ୍କଙ୍କ ପାଇଁ ନିଜ ପିଲାଦିନକୁ ଫେରିପାଇବାରେ ଏକ ବଡ଼ ପ୍ରତିବନ୍ଧକ ରହିଛି।

ପ୍ରାରମ୍ଭିକ ପର୍ଯ୍ୟାୟରେ 'କିଡିଂ'କୁ ଅବସାଦ ଦୂରକରିବା ଔଷଧ ରୂପେ ବିବେଚନା କରାଯାଉଥିଲା। ବର୍ତ୍ତମାନ ଏହା ଏକ ରୋଗରେ ପରିଣତ ହୋଇଛି। ଅନ୍ୟମାନଙ୍କ ଦ୍ୱାରା ଆବିଷ୍କୃତ କୌଶଳଗୁଡ଼ିକ ଫ୍ୟାଶନରେ ପରିଣତ ହେବା ଆଧୁନିକ ସଭ୍ୟତା ପାଇଁ ଏକ ବଡ଼ ଅଭିଶାପ। ଏହା ବ୍ୟକ୍ତିଙ୍କୁ ସାହାଯ୍ୟ କରେ ନାହିଁ। ଏଭଳି ପ୍ରୟାସ ମାଧ୍ୟମରେ ସ୍ମୃତିକୁ ପୁନର୍ଜୀବିତ କରିବାର ପ୍ରଚେଷ୍ଟା ତାହାକୁ ନିଷ୍କ୍ରିୟ କିମ୍ବା ମୃତ କରିଦିଏ। ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ପିତାମାତା, ପଡ଼ୋଶୀ ଏବଂ ବାଲ୍ୟକାଳର ବନ୍ଧୁଙ୍କ ନିକଟରେ ପହଞ୍ଚିବା ଏକ ଉପାୟ ହୋଇପାରେ। କିନ୍ତୁ ଏଭଳି ପରିବେଶ ପୁନର୍ନିର୍ମାଣ ପ୍ରଚେଷ୍ଟାରେ ସହାୟକ ହେବନାହିଁ। ଆଜିର ଯୁବଗୋଷ୍ଠୀ ଦାୟିତ୍ୱରୁ ବର୍ତ୍ତିବା ପାଇଁ ସମୟ ସମୟରେ ପ୍ରଚାରିତ ହେଉଥିବା ଏପରି ଖେଳ ଖେଳିବାରେ ଅଭ୍ୟସ୍ତ। କୋପେନ୍‌ହାଗେନ ବିଶ୍ୱବିଦ୍ୟାଳୟର ଅପରାଧ ବିଜ୍ଞାନର ପ୍ରଫେସର ତଥା 'ଇନ୍‌ଫେଣ୍ଟିଲାଇଜ୍‌ଡ' ପୁସ୍ତକର ରଚୟିତା କିଥ୍ ହେୱାର୍ଡଙ୍କ ମତରେ ଯୁବକମାନେ ପିଲା ହୋଇ ରହିବାକୁ ଚାହୁଁଛନ୍ତି। ସେମାନଙ୍କ ବ୍ୟବହାର ଏବଂ ମାନସିକତା କିଶୋରମାନଙ୍କ ପରି ହୋଇଛି। ଏପରି ଛଳନାକରି ସର୍ବଶେଷରେ ସେମାନେ ସେଥିରେ ଫସିଯାନ୍ତି।

ଆମେ ସମ୍ପାଦନ କରୁଥିବା ପ୍ରତ୍ୟେକ କାର୍ଯ୍ୟ ଯେତେ ଛୋଟ ହେଲେ ମଧ୍ୟ ତାହା ଆମ ବ୍ୟକ୍ତିତ୍ୱର ଏକ ଅଂଶ ବିଶେଷ ହୋଇଥାଏ। ଜଣଙ୍କର କର୍ମ ଅବା କାର୍ଯ୍ୟ କରିବାର ଶୈଳୀ ହିଁ ତାହାର ମାନସିକତାକୁ ପରିପ୍ରକାଶ କରିଥାଏ। ଆଜିର ଯୁବ ସୁଲଭ ଗୁଣ ଖୁବ୍ ଶୀଘ୍ର ଏକ ନୂତନ ଧାରଣାକୁ ଆବୋରିନେଉଛି। ଏହା ଭିନ୍ନ ଜିନିଷ ପାଇଁ ଭିନ୍ନ ଭିନ୍ନ ନାମ ରଖିଥାଏ। ସେମାନେ ସାଧାରଣତଃ ଏହାକୁ ଏକ ସଉକ ଅବା ଅଭ୍ୟାସ ବୋଲି କହିବାକୁ



ପସନ୍ଦ କରନ୍ତି। ଯେଉଁଥିରେ ସହନଶୀଳତା ଅନୁଭବ ହୋଇଥାଏ। କିନ୍ତୁ ସହନଶୀଳତାର ସନ୍ଧାନ ଏପରି ଦିଗକୁ ସ୍ୱତଃ କାହିଁକି ଟାଣିନେଉଛି ? ଏହା ଏକ ବିରାଟ ପ୍ରଶ୍ନ ! ଅସହନଶୀଳତାର କାରଣ ନ ଜାଣି ମନୋବୈଜ୍ଞାନିକଙ୍କ ପରାମର୍ଶରେ ଅସ୍ଥାୟୀ ସମାଧାନ ଗ୍ରହଣ ବେଳେ ଏହା ଏକ ନୂତନ ଫ୍ୟାଶନର ଅଂଶ ବିଶେଷ ହେବା ବ୍ୟତୀତ ଏହାର ପରିଣାମ କ'ଣ ହେବ ସେ ବିଷୟରେ ଚିନ୍ତା ନ କରିବା ବୋଧହୁଏ ସହନଶୀଳତାର ଏକ ସୂତ୍ର। ଚାପ ଦୂରକରିବା ପ୍ରକ୍ରିୟାରେ ସର୍ବଦା ସମାଧାନର ନୂତନ ଚାପ ସୃଷ୍ଟିହେବା ସମ୍ଭାବନା ରହିଛି। ଚଳଚ୍ଚିତ୍ର ଏବଂ ସାମାଜିକ ଗଣମାଧ୍ୟମ ଏଭଳି ଧାରାକୁ ପ୍ରୋତ୍ସାହିତ କରୁଛି। ଏଠାରେ ୬୦ବର୍ଷର ନାୟକଙ୍କୁ ୨୦ ବର୍ଷର ବାଳକଙ୍କ ପରି ଧାଁଦୌଡ଼, ଡିଆଁଡେଇଁ କରୁଥିବା ଦେଖାଯାଉଛି।

ଏହା ସତ୍ୟ ଯେ ଆଜିର ବ୍ୟସ୍ତବହୁଳ, ଚାପଗ୍ରସ୍ତ ଏବଂ ପ୍ରତିଯୋଗିତାପୂର୍ଣ୍ଣ ଜୀବନରେ 'କିଡିଂ' କିଛି କ୍ଷଣ ପାଇଁ ଶାନ୍ତି, ମୁକ୍ତି ଏବଂ ଆନନ୍ଦ ପାଇଁ ସ୍ଥାନ ସୃଷ୍ଟି ଭଳି କାର୍ଯ୍ୟକରେ। ମନ୍ଥର ଗତିରେ ଆରୋଗ୍ୟ ପରି ଏକ ପ୍ରଭାବ ମଧ୍ୟ ଦେଖିବାକୁ ମିଳେ। ସେଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଶିଶୁସୁଲଭ ଧାରା ବା ପିଲାଳିଆମୀ ପ୍ରବୃତ୍ତି ମାନସିକ ସ୍ୱାସ୍ଥ୍ୟ ପାଇଁ ଏକ ପ୍ରଭାବଶାଳୀ ସମାଧାନ ରୂପେ ବିବେଚିତ ହେଉଥିଲା। ଏଠାରେ ଅଭିନବ ଉପାୟରେ କିଛି କରିବାକୁ କୌତୂହଳର ପ୍ରତୀକ ଭାବରେ ବିବେଚନା କରାଯାଏ। ବୟସ ଏବଂ ଶାରୀରିକ ଦୃଷ୍ଟିରୁ ଯେଉଁମାନେ ଯୁବକ ସେମାନେ ନିଜକୁ ପିଲା ଭାବନ୍ତି। ଦୈନନ୍ଦିନ ଜୀବନରେ ଏମାନେ ନିରନ୍ତର ନିର୍ଦ୍ଦେଶ ଏବଂ ସୁରକ୍ଷା ଆବଶ୍ୟକ କରନ୍ତି। ଏଭଳି ଆଚରଣ 'ବିଳମ୍ବିତ ବୟସ୍କତା' ଭାବରେ ବିବେଚିତ। ପ୍ରଶ୍ନ ହେଉଛି ଏସବୁ କେତେ ଦିନ ଚାଲିବ ? ଏକ ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟନ୍ତ ଏହାକୁ ଅଭିନୟ ରୂପେ କରାଯିବା ଯଦିଓ ସମ୍ଭବପର କିନ୍ତୁ ଏହା ସହ ଆଗକୁ ବଢ଼ିପାରିବା ନାହିଁ।

କେତେକ ଅଧ୍ୟୟନରେ ଏହା ଦେଖାଯାଇଛି ଯେ ଆଜିର ଯୁବକ ଦାୟିତ୍ୱକୁ ଏଡ଼ାଇଯିବାକୁ ଚାହାନ୍ତି। ଏମାନେ ନିଜକୁ ପିଲା ବୋଲି ଭାବନ୍ତି। ଏହା ସତ୍ୟ ଯେ ପ୍ରତ୍ୟେକ କାର୍ଯ୍ୟ କିପରି ଆନନ୍ଦରେ ହୋଇପାରିବ ତାହା ଆମେ ପିଲାମାନଙ୍କଠାରୁ ଶିଖିପାରିବା। କିନ୍ତୁ ଏଥିପାଇଁ ଶିଶୁସୁଲଭ ମନୋଭାବ ସହ ପିଲାଳିଆମୀ ପ୍ରବୃତ୍ତି ଯେ ଆବଶ୍ୟକ ତାହା ଜରୁରୀ ନୁହେଁ। ପିଲାଦିନେ ଖୁସି ଦେଇଥିବା ଜିନିଷଗୁଡ଼ିକ ସମୟ ବଦଳିବା ସହିତ ସେପରି ହୋଇ ରହେନାହିଁ। ତାହା କେବଳ ସ୍ମୃତି ପାଲଟିଯାଏ। ଆଜିର ମଣିଷଙ୍କ ପାଇଁ ସ୍ମୃତି ମଧ୍ୟ ଏକ ଚାପ। ଏମାନେ ଏପରି ସ୍ଥାନରେ ରହିବାକୁ ପସନ୍ଦ କରନ୍ତି ଯେଉଁଠାରେ ମନକୁ କୌଣସି ବିଷୟରେ ଚିନ୍ତା କରିବାକୁ ପଡ଼େନାହିଁ। କିନ୍ତୁ ଏହା ଆଉ ସମ୍ଭବ ନୁହେଁ। ପ୍ରତ୍ୟାବର୍ତ୍ତନର ପ୍ରୟାସ ଆମକୁ ଏକ ଭଲ ସ୍ମୃତିରୁ ମଧ୍ୟ ବଞ୍ଚିତ କରିପାରେ। କରୋନା ମହାମାରୀ ସମୟରେ 'କିଡିଂ'ର ପ୍ରସାରିତ ହୋଇଥିଲା। ଏହା ସତ୍ୟ ଯେ ଜଡ଼ ସହ ଜଡ଼ିତ ରହି ଜଣେ ବ୍ୟକ୍ତି ଅଗ୍ରସର ହେବା ପାଇଁ ଉତ୍ତମ ଉପାୟ ଖୋଜିପାଇବ। କିନ୍ତୁ ଚାପରୁ ମୁକ୍ତି ପାଇଁ ନୂତନ ଚାପଯୁକ୍ତ ସମସ୍ୟା ଖୋଜିବା ଶୂନ୍ୟ କିମ୍ବା ପ୍ରତିକ୍ରିୟାଶୀଳ ଫଳାଫଳ ଦେଇପାରେ।

ବୈପାରିଗୁଡ଼ା, କୋରାପୁଟ
ମୋ:୬୩୭୦୬୭୯୪୦୫

## ଏଇ ଭାରତରେ

ଚାକିରି ଛାଡ଼ି ଯମୁନା ନଦୀ ସଫା କରିବାରେ ଲାଗିଛନ୍ତି ପଙ୍କଜ କୁମାର। ପଙ୍କଜ ଓ ତାଙ୍କ ଟିମ୍ ପ୍ରତି ରବିବାର ସକାଳୁ ଯମୁନା ନଦୀର କାଳିନ୍ଦୀକୁଞ୍ଜ ଘାଟରେ ପହଞ୍ଚି ଯାଉଛନ୍ତି। ହାତରେ ଗ୍ଲୋଭ୍ସ ପିନ୍ଧି ପୂରା ଟିମ୍ ବର୍ଜ୍ୟ ସଫା କରିବାରେ ଲାଗିଯାଉଛି। ବିଶେଷକରି ସେମାନେ ପ୍ଲାଷ୍ଟିକ୍ ବର୍ଜ୍ୟ ସଫା କରୁଛନ୍ତି। ଏହି ପଦକ୍ଷେପ ଏକ ଅଳିଆଗଦା ସଫା କରିବା ଭଳି କାମ ନୁହେଁ, ବରଂ ପ୍ରଦୂଷଣ ଯୋଗୁ ମୃତାବସ୍ଥାକୁ ଯାଉଥିବା ଏକ ନଦୀ(ଯମୁନା)ର ପୁନରୁଦ୍ଧାର। ପଙ୍କଜ ପୂର୍ବରୁ କର୍ପୋରେଟ୍ ପ୍ରଫେସନାଲ ଥିଲେ। ତାକୁ ଛାଡ଼ି ଏବେ ସେ ସମ୍ପୂର୍ଣ୍ଣ ସମୟ ଯମୁନା ସଫେଇରେ ଲଗାଇ ଦେଇଛନ୍ତି। ଏଥିପାଇଁ ସେ 'ଆର୍ଥ ୱାରିୟର' ନାମକ ଏକ ସଂସ୍ଥା ଗଠନ କରିଛନ୍ତି। ଏହି ସଂସ୍ଥା ଯମୁନା ନଦୀ ସଫା କରିବା ସହ ୧୨ଟି ରାଜ୍ୟରେ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟଗୁଡ଼ିକୁ ଯାଞ୍ଚ କରୁଛି ଏବଂ ତ୍ରୁଟି ଥିଲେ ନ୍ୟାୟିକ ଅଭିଯୋଗ କରୁଛି ଓ ଏଥିପାଇଁ ନଗର ଉନ୍ନୟନ କର୍ତ୍ତୃପକ୍ଷକୁ ଦାୟୀ କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଜୁନ୍ ୧୯୭୬

- ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ ପକ୍ଷରୁ ଦେଶର ୨୪ ହଜାର ଗ୍ରାମ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି।
- ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲି ଅହମ୍ମଦ ବମ୍ବେଠାରେ ୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ହଜ୍ ତୀର୍ଥଯାତ୍ରୀଙ୍କ ପାଇଁ ଏକ ୨୦ ମହଲା ଭବନ ଶିଳାନ୍ୟାସ କରିଛନ୍ତି।

## ଚିରନ୍ତନୀ

ରକତ ମାଂସର ଯେତେ ହସ୍ତ
ନିର୍ମିଲା ଏ ପ୍ରସ୍ତର ସମସ୍ତ,
ତାହାରି ସକାଶେ
ଏ ପାଷାଣ ପାଶେ
ନମସ୍କାର ବାରମ୍ବାର !
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚିକିତ୍ସା ଭତ୍ତା ମିଳୁ

ମହାଶୟ,

ରାଜ୍ୟର ଅବସରପ୍ରାପ୍ତ କର୍ମଚାରୀମାନେ ଚିକିତ୍ସା ଭତ୍ତା ପାଇବା ସେମାନଙ୍କର ଦୀର୍ଘଦିନର ନ୍ୟାଯ୍ୟ ଦାବି। ଏହି ଦାବି ପ୍ରତି ପୂର୍ବ ସରକାରମାନେ କର୍ଣ୍ଣପାତ କରିନାହାନ୍ତି। କେନ୍ଦ୍ରର ପେନ୍‌ସର, ୨୪ଟି ରାଜ୍ୟର ପେନ୍‌ସନର ଓ ରାଜ୍ୟର ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀ ଏହି ଭତ୍ତା ପାଉଥିବାରୁ ରାଜ୍ୟ ପେନସନରମାନଙ୍କର ଏହା ଏକ ଯୁକ୍ତିଯୁକ୍ତ ଦାବି। ଏବେର ଡବଲ ଇଞ୍ଜିନ ସରକାର ଗତ ଏକ ବର୍ଷ ମଧ୍ୟରେ ଏହିପରି ଅନେକ ଦାବି ପୂରଣ କରିସାରିଲେଣି। ଏଣୁ ରାଜ୍ୟ ସରକାର ରାଜ୍ୟ ପେନସନରମାନଙ୍କ ପାଇଁ ଚିକିତ୍ସା ଭତ୍ତା ମଞ୍ଜୁର କରିବାକୁ ଅନୁରୋଧ। ଏହାଦ୍ୱାରା ରାଜ୍ୟର ୬୫ ଲକ୍ଷ ପେନସନର ଓ ସେମାନଙ୍କର ପରିବାର ଉପକୃତ ହେବେ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜେଲ ଫେରନ୍ତାଙ୍କୁ ଅପହରଣକରି ହତ୍ୟା

## ପୂର୍ବ ଶତ୍ରୁତା ସନ୍ଦେହ, ଗୋଟିଏ ପରିବାରର ୩ ଅଟକ

ବ୍ରହ୍ମପୁର,୩।୬
(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଅପରାଧ ଥମିବାର ନାଁ ନେଉନାହିଁ। ସୋମବାର ରାତିରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ବଡ଼ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ ଜଣେ ଯୁବକଙ୍କ ମୁଣ୍ଡ ଗଡ଼ିଛି। ସେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ଧର୍ମନଗରର ବିଦ୍ୟାଧର ପାଣିଗ୍ରାହୀ(୨୧)। ବିଦ୍ୟାଧର ୧୫ଦିନ ତଳେ ଜେଲରୁ ଫେରିଥିଲେ। ସାନବଜାର ଛକରୁ ସୋମବାର ରାତିରେ ତାଙ୍କୁ ଓ ପାଖରେ ଥିବା ସାଙ୍ଗ ନରସିଂହ ସାହୁଙ୍କୁ ଅପହରଣ କରାଯାଇଥିଲା। ଅପହରଣକାରୀମାନେ ବିଦ୍ୟାଧରଙ୍କୁ ସଂଘବଦ୍ଧ ଭାବେ ହତ୍ୟାକରିଥିବା ବେଳେ ନରସିଂହ ଆହତ ହୋଇଛନ୍ତି। ନୃସିଂହଙ୍କ ବୟାନ ଆଧାରରେ ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛି। ଆକ୍ରମଣକାରୀଙ୍କ ପରିବାରର ୩ ଜଣଙ୍କୁ ରାତାରାତି ଥାନାକୁ ଉଠାଇନେଇ ପଚରାଉଚରା କରୁଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ଏଥିରେ ୬ଜଣଙ୍କ ସମ୍ପୃକ୍ତି ରହିଛି। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତମାନଙ୍କ ଗତିବିଧି ଟ୍ରାକିଂ କରାଯାଉଛି।

ଗତ ଏପ୍ରିଲ ୨୦ ତାରିଖରେ ଆଗାସାହି ଛକରେ ବସିଥିବା ବଳିଆ ନାୟକଙ୍କୁ ୨ ଜଣ ଯୁବକ ଖଣ୍ଡାରେ ଆକ୍ରମଣ କରିଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୫୭/୨୫ରେ ମାମଲା ରୁଜୁକରି ଅଭିଯୁକ୍ତ ରଞ୍ଜନ କୁମାର ପାତ୍ର ଓ ତାଙ୍କ ସହଯୋଗୀ ଧର୍ମନଗରର ବିଦ୍ୟାଧରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଉଭୟେ ମେ ୧୭ ତାରିଖରେ ଜାମିନ ପାଇ ଜେଲରୁ ମୁକୁଳିଥିଲେ। ସୋମବାର ବିଦ୍ୟାଧର, ତାଙ୍କ ସାଙ୍ଗ ନରସିଂହଙ୍କ ସମେତ ୪ ଯୁବକ ସନ୍ଧ୍ୟାରେ ବ୍ରହ୍ମପୁର ରେଳଷ୍ଟେଶନ ନିକଟସ୍ଥ ଏକ ମଦଦୋକାନକୁ ଯାଇଥିଲେ। ସେଠାରୁ ୨ଟି ବାଇକ୍‌ରେ ସେମାନେ ଫେରିଥିଲେ। ସାନବଜାର ଛକରୁ ୨ଜଣ ଚାଲି ଯାଇଥିବା ବେଳେ ବିଦ୍ୟାଧର ଓ ନରସିଂହ ସେଠାରେ ଛିଡ଼ାହୋଇଥିଲେ। ରାତି ପ୍ରାୟ ୧୦ଟାରେ ୩ଟି ବାଇକ୍‌ରେ ୬ଜଣ ଯୁବକ ଆସି ଉଭୟଙ୍କୁ ଧମକାଇ ଅପହରଣକରି ନେଇଥିଲେ। ଜଗବନ୍ଧୁ ସାହି ନିକଟରେ ଥିବା ଏକ ଆପାର୍ଟମେଣ୍ଟ ରାସ୍ତା ଉପରେ ବିଦ୍ୟାଧରଙ୍କୁ ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ହାଣିଥିଲେ। ସେମାନଙ୍କ ଆକ୍ରମଣରେ ନରସିଂହ ଆହତ ହୋଇଥିଲେ। ରାତି ପ୍ରାୟ ୨ଟାରେ ସେ ସେଠାରୁ ଖସି ଆସି ଘଟଣା ସମ୍ପର୍କରେ ବିଦ୍ୟାଧରଙ୍କ ବାପାଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ବିଦ୍ୟାଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତିକରିଥିଲେ। ରାତି ୩ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁକରିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନକରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ଡିଲ୍ ବେଳେ ମାଡ଼ିବସିଲା ଅବକାରୀ ବିଭାଗ: ୧୪୫ ଗ୍ରାମ୍ ବ୍ରାଉନସୁଗାର ଜବତ, ଦମ୍ପତି ଗିରଫ

ଭୋଗରାଇ,୩।୬(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ. ଜାତୀୟ ରାଜପଥ ଜଗନ୍ନାଥପୁର ଛକଠାରେ ସୋମବାର ରାତି ପ୍ରାୟ ଗୋଟାଏ ବେଳେ ବ୍ରାଉନସୁଗାର ବିକ୍ରି ଲାଗି ଡିଲ୍ ଚାଲିଥିବା ବେଳେ ଧରାପଡିଛନ୍ତି ବେପାରୀ ଦମ୍ପତି। ବାଲେଶ୍ୱର ଅବକାରୀ ମୋବାଇଲ ଟିମ୍ ଓ ଭୋଗରାଇ ଅବକାରୀ ବିଭାଗ ମିଳିତ ଭାବେ ଆକସ୍ମିକ ଚଢ଼ାଉ କରି ସମ୍ପୃକ୍ତ ଦମ୍ପତିଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୧୪୫ ଗ୍ରାମ ବ୍ରାଉନସୁଗାର ଓ ନଗଦ ୫ହଜାର ୫ ଶହ ଟଙ୍କା ଜବତ କରିଛି। ଗିରଫ ଦମ୍ପତି ହେଲେ ଜଗନ୍ନାଥପୁର ଗ୍ରାମର ରାଜୀବ ସାମଲ ଓ ତାଙ୍କ ସ୍ତ୍ରୀ ଜ୍ୟୋତିରାଣୀ ଭୂୟାଁ। ଏମାନଙ୍କ ବିରୋଧରେ ଅବକାରୀ ଥାନାରେ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଜାରି ରହିଛି। ପ୍ରକାଶ ଯେ, ଗତବର୍ଷ ଡିସେମ୍ବର ୨୩ରେ କମର୍ଦ୍ଦା ବଜାରରେ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଅବକାରୀ ବିଭାଗ ଓ ପୋଲିସ ସହିତ ସଂଘର୍ଷ କରି ଉକ୍ତ ଦମ୍ପତି ଗିରଫ ହୋଇଥିଲେ।

# ଗୋମାଂସ ବେପାରୀଙ୍କ ମୁହଁରେ ଗୋବର ବୋଳିଲେ, ପୋଷାକ ଖୋଲି ଗାଁ ବୁଲାଇଲେ



୨ ଗୋ ମାଂସ ବେପାରୀଙ୍କୁ ଲୋକେ ଚଲାଇ ଚଲାଇ ନେଉଛନ୍ତି।

ମୋରଡ଼ା,୩।୬(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ୨ଜଣ ଗୋମାଂସ ବେପାରୀଙ୍କୁ ଧରି ଲୋକେ ନିଘୁଞ୍ଚ ମାଡ଼ମାରିବା ସହ ସେମାନଙ୍କ ମୁହଁ ଓ ଦେହରେ ଗୋବର ବୋଳି ଗାଁ ବୁଲାଇବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ମୋରଡ଼ା ବ୍ଲକ୍ ଅଧୀନ ବାରମାଇଲ ଇଦର ଗ୍ରାମର ପୀତାମ୍ବର ମୁଖୀ ଏବଂ ମୋହନପୁରର ସୁନାରାମ ମୁର୍ମୁ ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳରୁ ଏକ ବାଇକ୍ ଯୋଗେ ୩୮ କି.ଗ୍ରା. ଗୋମାଂସ ଆଣି ଆସୁଥିଲେ। ଖବରପାଇ ବଜରଙ୍ଗ ସେନା ସଦସ୍ୟ ଯୁଧିଷ୍ଠିର ଭଦ୍ର, ଛତିଶ ମହାନ୍ତ, ବୁଦ୍ଧେଶ୍ୱର ମହାନ୍ତ ଏବଂ ଅନ୍ୟମାନେ ଭୋର ୫ଟା ୩୦ ମିନିଟ୍ ସମୟରେ ଚିତ୍ରଡ଼ାର ପାଟପୁର ଛକରୁ ଉଭୟଙ୍କୁ ପିଛାକରି ମାଗାଦ ବନ୍ଧ ପୋଲ ନିକଟରେ କାବୁକରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋମାଂସ ବେପାରୀଙ୍କ ବାଇକ୍‌କୁ ଲୋକେ ଭାଙ୍ଗିଦେଇଥିଲେ। ପରେ ଉତ୍ତ୍ୟକ୍ତ ଲୋକେ ୨ ବେପାରୀଙ୍କ ପୋଷାକ ଖୋଲି ମୁହଁ ଓ ଦେହରେ ଗୋବର ବୋଳି ଚଲାଇ ଚଲାଇ ଶୀର୍ଷାପାଳ ଛକକୁ ନେଇଥିଲେ। ଖବରପାଇ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୫୧/୨୫) ରୁଜୁହୋଇଥିବା ବେଳେ ବେପାରୀଦ୍ୱୟଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

# ୪ ମାସ ପରେ କେନ୍ଦୁଝରରୁ ଅଭିଯୁକ୍ତ ଗିରଫ

## ଜୟଦେବ ଜେନାଙ୍କୁ ହତ୍ୟା ଧମକ ଘଟଣା

ଭୁବନେଶ୍ୱର,୩।୬
(ସତ୍ୟଜିତ୍ ରାଉତ)

ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନାଙ୍କୁ ହତ୍ୟା ଧମକ ଦେବା ସହ ଟଙ୍କା ଦାବି କରିବା ଘଟଣାରେ କ୍ୟାପିଟାଲ ଥାନା ପୋଲିସ କେନ୍ଦୁଝରରୁ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅନ୍ତର୍ଗତ ଜାମ୍ବରା ଗାଁର ସୋମନାଥ ଓରଫ କୁଳମଣି ସେନାପତି (୪୫)। ତାଙ୍କଠାରୁ ସିମ୍‌କାର୍ଡ ବିନା ଏକ ସ୍ମାର୍ଟଫୋନ୍ ଜବତ କରାଯାଇଛି। ମଙ୍ଗଳବାର ସୋମନାଥଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ଅଭିଯୁକ୍ତ କୁଳମଣି ସେନାପତି।

ପୋଲିସ ସୂଚନା ଅନୁଯାୟୀ, ଗତ ଫେବୃଆରୀ ୩ ତାରିଖ ଦିନ ପ୍ରାୟ ୧୨ଟା ୪୦ରେ ଜୟଦେବଙ୍କ ମୋବାଇଲକୁ ଏକ ଅଜଣା ଫୋନ୍ ନମ୍ବରରୁ ଧମକପୂର୍ଣ୍ଣ କଲ୍ ଆସିଥିଲା। ଗଣମାଧ୍ୟମରେ ଜୟଦେବଙ୍କ ଦ୍ୱାରା ଦିଆଯାଇଥିବା ବୟାନକୁ ଉକ୍ତ କଲ୍‌ରେ କୁଳମଣି ବିରୋଧ କରିଥିଲେ। ଜୟଦେବଙ୍କ ଜୀବନ ପ୍ରତି ବିପଦ ଥିବା ଚେତାବନୀ ଦେଇଥିଲେ। ଜୟଦେବ ପରିଚୟ ପଚାରିବାରୁ କୁଳମଣି କଲ୍‌କୁ କାଟି ଦେଇଥିଲେ। ତେବେ ପରେ ସେହିଦିନ ସନ୍ଧ୍ୟା ପ୍ରାୟ ୭ଟା ୧୦ରେ ପୁଣି ଜୟଦେବଙ୍କୁ କୁଳମଣି କଲ୍ କରି ହତ୍ୟା ଧମକ ଦେଇଥିଲେ। ସେହିପରି ୫୦ ହଜାର ଟଙ୍କା ଦାବି କରିବା ସହ ବାରମ୍ବାର କଲ୍ କରିଥିଲେ। ଏନେଇ ଜୟଦେବଙ୍କ ଏତଲାକ୍ରମେ କ୍ୟାପିଟାଲ ଥାନା ପୋଲିସ ଫେବୃଆରୀ ୫ରେ ଭାରତୀୟ ନ୍ୟାୟ ସଂହିତା ଦଫା ୩୦୮(୩), ୩୫୧(୪)ରେ ଏକ ମାମଲା (ନଂ.୪୨/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୋମବାର କେନ୍ଦୁଝର ଜିଲାର ଘଷିପୁରା ଥାନା ପୋଲିସ ସହାୟତାରେ ସ୍ଥାନୀୟ ଅଞ୍ଚଳରୁ କୁଳମଣିଙ୍କୁ ଗିରଫ କରାଯାଇଥିଲା। ଘଟଣା ପରେ କୁଳମଣି ଅପରାଧ ପାଇଁ ବ୍ୟବହୃତ ମୋବାଇଲ୍ ଓ ସିମ୍ ନଷ୍ଟ କରିଦେଇଥିବା ପୋଲିସର ଜେରା ବେଳେ ସ୍ୱୀକାର କରିଥିଲେ। ସୋମନାଥଙ୍କ ନାଁରେ ନନ୍ଦିପଦା ଥାନାରେ ଏକ ମାମଲା ଥିବା ପୋଲିସ ସୂଚନା ଦେଇଛି।

# ଝାଡ଼ଖଣ୍ଡରୁ ଆସି ବଡ଼ବିଲରେ ନିଶା ବେପାର

## ୫୦ କିଲୋ ଅଫିମ ଡେଙ୍ଗ ଜବତ, ୩ ବେପାରୀ ଗିରଫ



ଜବତ ହୋଇଥିବା ଅଫିମ ଡେଙ୍ଗ ଓ ଗିରଫ ୩ ବେପାରୀ।

ବଡ଼ବିଲ, ୩।୬
(ଦେବପ୍ରିୟ ରଣା)

ଝାଡ଼ଖଣ୍ଡରୁ କେନ୍ଦୁଝର ଜିଲା ବଡ଼ବିଲକୁ ନିଶା ବେପାର କରିବାକୁ ଆସି ୩ ବେପାରୀ ମଙ୍ଗଳବାର ପୋଲିସ ହାତରେ ଧରାପଡ଼ିଛନ୍ତି। ବଡ଼ବିଲ ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୫୦ କିଲୋ ଅଫିମ ଡେଙ୍ଗ ଜବତ କରିଛି। ଗିରଫ ବେପାରୀମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଶଢ଼େଇକଳା ଜିଲା କଳାଗାଜୁ ଅଞ୍ଚଳର ପଓନ ମାହାତୋ, ପଶ୍ଚିମ ସିଂହଭୂମ ଜିଲା ଚକ୍ରଧରପୁର ଥାନା ଅଧୀନ କେରା ଗ୍ରାମର ଭୋଳାନାଥ ମଣ୍ଡଳ ଏବଂ ଝିକପାଣି ଥାନା ଅନ୍ତର୍ଗତ ଚକ୍ରଧରପୁର ଗୁଦୁଡ଼ି ହଟିଂ ଅଞ୍ଚଳର ସୁରୁ ଦାସ।

ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଝାଡ଼ଖଣ୍ଡର ୩ଜଣ ଚୋରା ନିଶାଦ୍ରବ୍ୟ ବେପାରୀ ବେଲକୁଣ୍ଡିସ୍ଥିତ ଫୁଟ୍‌ବଲ ପଡ଼ିଆଠାରେ ସ୍ଥାନୀୟ ଚୋରା ବେପାରୀଙ୍କୁ ଅପେକ୍ଷା କରିଥିବା ବଡ଼ବିଲ ପୋଲିସ ଖବର ପାଇଥିଲା। ତୁରନ୍ତ ପୋଲିସ ସଦଳବଳ ସେଠାରେ ପହଞ୍ଚି ସେମାନେ ଧରିଥିବା ବ୍ୟାଗ୍ ତନଖି କରିଥିଲା। ସେମାନଙ୍କ ନିକଟରୁ ଦୁଇଟି ପ୍ୟାକେଟ ଭର୍ତ୍ତି ୫୦.୩୦୫ କିଲୋଗ୍ରାମ୍ ଅଫିମ ଡେଙ୍ଗ ଜବତ କରିଥିଲା। ପୋଲିସ ଏନେଇ ଏକ ମାମଲା (ନଂ.୧୭୦/୨୫) ରୁଜୁ କରି ୩ ଜଣଙ୍କୁ ଗିରଫ କରିଥିଲା। ବଡ଼ବିଲ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ରାକେଶ ପଣ୍ଡାଙ୍କ ଉପସ୍ଥିତିରେ ପୋଲିସ ସେମାନଙ୍କଠାରୁ ଉକ୍ତ ଦ୍ରବ୍ୟ ଜବତ କରିଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଅଭିଯୁକ୍ତମାନଙ୍କଠାରୁ ଏକ ମୋବାଇଲ ଓ ନଗଦ ୧ ହଜାର ଟଙ୍କା ଜବତ କରାଯାଇଛି। ସେମାନେ ଝାଡ଼ଖଣ୍ଡରୁ ଆସି ବଡ଼ବିଲସ୍ଥ ସ୍ଥାନୀୟ ଚୋରା ବେପାରୀଙ୍କୁ ଅଫିମ ଡେଙ୍ଗ ଯୋଗାଉଥିଲେ ବୋଲି ଜାଣିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର କେଉଁ କେଉଁ ନିଶା ବେପାରୀ ଏହି ଚୋରା ବେପାରରେ ସମ୍ପୃକ୍ତ ଅଛନ୍ତି, ତାହା ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଥିବା ବଡ଼ବିଲ ଥାନା ଇନ୍‌ସପେକ୍ଟର ଅଶୋକ ନାୟକ କହିଛନ୍ତି।

# ଅଣ୍ଡା ତରକାରି ନ ଦେବାରୁ ସ୍ତ୍ରୀଙ୍କୁ ଚୁଲିଫୁଙ୍କାରେ ପିଟି ହତ୍ୟା

ଉଦଳା,୩।୬
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ କୁଟଲିଂ ବନ୍ଧସାହି ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଖାଇବା ବେଳେ ଅଣ୍ଡା ତରକାରି ନ ଦେବାରୁ ନୃଶଂସ ସ୍ୱାମୀ ଚୁଲିଫୁଙ୍କାରେ ପିଟିପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି।

ସୂଚନା ଅନୁଯାୟୀ, ଗ୍ରାମର ଲମା ବାସ୍କେ ମଙ୍ଗଳବାର ଅପରାହ୍ନ ୨ଟାରେ କାମ ସାରି ଘରକୁ ଫେରି ଖାଇବାକୁ ବସିଥିଲେ। ଏହି ସମୟରେ ସ୍ତ୍ରୀ ବାସନ୍ତୀ ଭାତ ଏବଂ ତରକାରି ବାଢ଼ି ଦେଇଥିଲେ। ହେଲେ ସ୍ୱାମୀ ଲମା ଆଣି ଦେଇଥିବା ଅଣ୍ଡା ତରକାରି କାହିଁ ବୋଲି ମାଗିଥିଲେ। ବାସନ୍ତୀ ଅଣ୍ଡା ତରକାରି ନ ଦେବାରୁ ଲମା ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ପ୍ରଥମେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଲମା ଏକ ଚୁଲିଫୁଙ୍କାରେ ବାସନ୍ତୀଙ୍କୁ ନିର୍ଘାତ ପିଟିଥିଲେ। ମୁଣ୍ଡରେ ଆଘାତ ଲାଗିବାରୁ ଘଟଣାସ୍ଥଳରେ ବାସନ୍ତୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୧୯/୨୫)ରୁଜୁ ହୋଇଛି।

# ୫ ଆନ୍ତଃ ରାଜ୍ୟ ଲୁଟେରା ଗିରଫ

## ତାଲା ବନ୍ଦ ଘରକୁ ଟାର୍ଗେଟକରି ଚୋରି କରୁଥିଲେ

ରାୟଗଡ଼ା,୩।୬
(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଟାଉନ ଥାନା ପୋଲିସ ମଙ୍ଗଳବାର ୫ଜଣ ଆନ୍ତଃ ରାଜ୍ୟ ଲୁଟେରା ଗ୍ୟାଙ୍ଗକୁ ଗିରଫକରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ କୁମାରଗଞ୍ଜ ଥାନା ଅଧୀନ ଶାହାପୁକୁନ୍ ଗ୍ରାମର ଅଶ୍ରଫୁଲ ଶେଖ୍, ମଧ୍ୟପ୍ରଦେଶ ଅଧରତାଲ ଥାନା ବଡ଼ମଦର ଗ୍ରାମର ମହମ୍ମଦ ରୋନି, ଛତିଶଗଡ଼ ବିଳାସପୁର ଥାନା ନୟାପରା ଗାଁର ଏମ୍‌ଡି ଆଲମିନ୍, ଶେଖ୍ ବାବୁ ଏବଂ ସମୀର ଶେଖ୍। ସେମାନଙ୍କଠାରୁ ପୋଲିସ ୨ହଳ ରୁପା ପାଉଁଜି, ୮ହଳ ଗୋଡ଼ ମୁଦି, ୪ ଆଲୁମିନିୟମ୍ ବେଙ୍ଗଲ, ଏକ ରୁପା କଏନ୍, ଗୋଟିଏ ରୁପା ବାକ୍ସ, ଏକ ଟିଫିନ୍ ବକ୍ସ, ବିଦେଶୀ ନୋଟ୍, ୩ଟି ମୋବାଇଲ ଫୋନ୍, ୨୯ହଜାର ୭୦୦ ଟଙ୍କା ସହ ବିଭିନ୍ନ ପ୍ରକାର ଟୁଲ୍ କିଟ୍ ଜବତ କରିଛି। ଅଭିଯୁକ୍ତମାନେ ତାଲା ବନ୍ଦ ଘରକୁ ଟାର୍ଗେଟକରି ଚୋରି କରୁଥିଲେ। ରାୟଗଡ଼ାରେ ୩ଟି ଚୋରି ମାମଲାରେ ସମ୍ପୃକ୍ତ ଥିବା ଆୟୋଜିତ ଖବରଦାତା ସମ୍ମିଳନୀରେ ଟାଉନ ଥାନା ଆଇଆଇସି କେକେବିକେ କହଁର ସୂଚନା ଦେଇଛନ୍ତି।



ଗିରଫ ୫ ଅଭିଯୁକ୍ତ।

ପୋଲିସ ସୂଚନା ଅନୁସାରେ, ଟାଉନ ଥାନାର ଚୋରିମାମଲା କେସ୍ ନଂ. ୧୬୪, ୧୭୩ ଏବଂ ୧୮୧ ସମେତ ଗତ ଦିନରେ ହୋଟେଲ ବ୍ୟବସାୟୀଙ୍କ ଘରୁ ହୋଇଥିବା ଚୋରିର ତଦନ୍ତ ଆରମ୍ଭ କରିଥିଲା। ସ୍ଥାନୀୟ ଇନ୍‌ଫର୍ମର ଏବଂ ସିସି ଟିଭି ଫୁଟେଜ୍‌କୁ ଆଧାରକରି ଉକ୍ତ ୫ଜଣ ଲୁଟେରାଙ୍କୁ ପଚରାଉଚୁରା କରିବାରୁ ମେ ୧୮, ୨୬ ଏବଂ ଜୁନ ୨ରେ ହୋଇଥିବା ଚୋରିରେ ସେମାନେ ସମ୍ପୃକ୍ତ ଥିବା ମାନିଥିଲେ। ଲୁଟେରାଙ୍କ କହିବା ଅନୁଯାୟୀ, ଛତିଶଗଡ଼ ବିଳାସପୁରଠାରେ ୫ ଜଣ ସାକ୍ଷାତ ପରେ ଆଲୋଚନା କରି ଟ୍ରେନ୍‌ରେ ରାୟଗଡ଼ା ସହରକୁ ଆସିଥିଲେ। ରାୟଗଡ଼ାରେ ମଧୁ ନାମକ ଜଣେ ବ୍ୟବସାୟୀଙ୍କ ପାଇଁ ରାସ୍ତାରୁ ଖାଲି ବୋତଲ ସଂଗ୍ରହକରି ଦେଉଥିଲେ। ସେଥିରୁ କିଛି ଟଙ୍କା ଉପାର୍ଜନ କରିବା ପରେ ଜଗନ୍ନାଥ ମନ୍ଦିର ନିକଟସ୍ଥ ସାହିରେ ଏକ ଘରଭଡ଼ା ନେଇ ରହୁଥିଲେ। ଏହାପରେ ସେମାନେ ରାତିରେ ଚୋରି କରିବା ପାଇଁ ବିଧିବଦ୍ଧ ଯୋଜନା କରି ଗ୍ରୁପ୍ ଗଠନକରି ଭିନ୍ନ ଭିନ୍ନ ଅଞ୍ଚଳରେ ତାଲା ବନ୍ଦ ଥିବା ଘରକୁ ଟାର୍ଗେଟକରି ଚୋରି କରୁଥିଲେ। ସେମାନେ ଟାପାଲ ଇଆର ୧୦୦ ନାମକ ଏକ ମେଡିସିନ ମଧ୍ୟ ନିୟମିତ ଖାଉଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ଏହା ଏକ ଷ୍ଟେରୋଏଡ୍ ଭାବେ ବ୍ୟବହାର କରୁଥିବା ନେଇ ପୋଲିସକୁ କହିଥିବା ଜଣାପଡ଼ିଛି। ଏପରିକି ପୋଲିସ ଜେରା ବେଳେ ମଧ୍ୟ ସେମାନେ ସେହି ମେଡିସିନ ଖାଇବାକୁ ମାଗିଥିବା ଜଣାପଡ଼ିଛି।


**IIIT Bhubaneswar**
Imagine. Innovate. Inspire.
(A University established by Government of Odisha)

**Admission Announcement**
**B. Tech. Programme**

Applications are invited for admission to B.Tech. Programme under **Odisha Category** in the following disciplines.

- **Computer Science & Engineering**
- **Electronics & Telecommunication Engineering**
- **Electrical & Electronics Engineering**
- **Information Technology**
- **Computer Engineering**

Admission shall be strictly restricted to JEE (Main) 2025 Rank holders. IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA2025.
For Admission Bulletin and more details visit our website : **https://www.iiit-bh.ac.in/Admission/b-tech/**



**JEWELS INTERNATIONAL**
**CHETANA COLLEGE OF SPECIAL EDUCATION**
(Recognized by SSEPD Department, Govt. of Odisha, Approved by Rehabilitation Council of India)
Affiliated to Utkal University
Contact: 9437126187, 9437265920, 7008282918
E-mail: chetanacollege@yahoo.co.in
Website: http://www.chetana-jewelsinternational.org

Applications are invited for admission in to B.Ed., M.Ed. Special Education (ID) & M.A. Applied Psychology for the Academic Session 2025-2027. The Prospectus and Application form is available at college office and Website from 03.06.2025. Last date for receiving application form is 30.06.2025.

**Principal**



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**URGENTLY REQUIRED**
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ। ବୟସ ୧୮ ରୁ ୩୫ ବର୍ଷ। ମାସିକ ଦରମା-ଟ୩୫,୦୦୦ଙ୍କା। ଶିଘ୍ର ଯୋଗାଯୋଗ କରନ୍ତୁ।
**Contact : 93252 16207**

**ଆବଶ୍ୟକ**
ଆମକୁ ଏକ ଦମ୍ପତି ଦରକାର, ଯେଉଁମାନେ ରନ୍ଧନ ଏବଂ ବାସନ ସଫା କରିବା ଦାୟିତ୍ୱ ସମ୍ଭାଳି ପାରିବେ। ଆମେ ଦମ୍ପତି କିମ୍ବା ମହିଳାଙ୍କୁ ପସନ୍ଦକରୁ ଯିଏ ଭୁବନେଶ୍ୱରରେ ରହିବାକୁ ଇଚ୍ଛୁକ। ରହିବା ପାଇଁ ଏକ ପୃଥକ ସୁସଜ୍ଜିତ କ୍ୱାର୍ଟର ଉପଲବ୍ଧ।
ଆମ ସହିତ ଯୋଗାଯୋଗ କରନ୍ତୁ
**9132460000/9132933333**

**WANTED**
Honest, Responsible Sweeper for Guest House-cum-Office. Part time: 9 A.M. to 1 P.M. Salary as per experience. Must speak Hindi, Odia. Immediate joining in Bhubaneswar.
**Send Bio-data to 9438128790**

**WANTED**
**Ladies Office Asst.**
At near Phulanakhara, Cuttack
Lodging Free / Boarding Free
Salary - 10000/-
**Contact : 7809525452**

**WANTED FOR A PHARMACEUTICAL UNIT OF ODISHA**
- **QUALITY CONTROL CHEMIST:** The candidate must have minimum 3 years experience as QC Chemist. Should be able to handle HPLC Systems. Must have knowledge to prepare documents for Regulatory authorities.
- **LABORATORY ASSISTANT:** B.Sc./B.Pharma Graduates with devotion and determination to work honestly.
- **PHARMACIST:** D.Pharm Graduates with devotions and determination to work honestly.
- Please apply with confidence to email: **odishacareerconsul@gmail.com** within 15 days of intimating expected salary.



**PARADIP PORT AUTHORITY**
PARADIP - 754142, ODISHA (INDIA)
(An autonomous body under Ministry of Shipping, Govt. of India)
No. AD/RSC-I-21/16/2016(Pt.II)/1157 Dt.30th May,2025

**ADVERTISEMENT**
**Paradip Port Authority** intends to engage **01 nos. of Trainee Pilot** on **contractual basis**. For details regarding qualifications, remunerations and further details, please refer to our website : **www.paradipport.gov.in**

Sr. Asst. Secretary,
Paradip Port Authority

PPA/PR/15/2025-2026, Dt.03/06/2025



**वरीय पुलिस अधीक्षक का कार्यालय, राँची।**
**सर्वसाधारण के लिए सूचना।**



नाम–पंकज कुमार महतो, उम्र–25 वर्ष, रंग–सॉवला, ऊँचाई–5 फिट 9 ईंच पहनावा–भूरे रंग का शर्ट एवं काला रंग का पैंट पहने हुए है।

उपरोक्त लापता व्यक्ति पंकज कुमार महतो, पिता–नन्द किशोर महतो, सा0–सिंगपुर (कांटाडीह) पो0–छोटा मुरी, थाना–सिल्ली(मुरी) ओ0पी0, जिला–राँची जो दिनांक–16.05.2025 को घर से क्रिकेट खेलने को कहकर निकले जो आजतक अपने घर वापस नहीं आये है। जिनकी मानसिक स्थिति ठीक नहीं है। जिसके संबंध में सिल्ली(मुरी) ओ0पी0 सनहा संख्या–10/2025, दिनांक–19.05.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
**Email ID(rnc-dcb@jhpolice.gov.in)**

पुलिस उपाधीक्षक,सिल्ली, रॉंची। –9431770066
थाना प्रभारी मुरी ओ0पी0 रॉंची। –8877257523

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR 354192 Police(25-26)D



**कार्यालय कलेक्टर (आदिवासी विकास) बलरामपुर,**
**जिला - बलरामपुर-रामानुजगंज (छ.ग.)**
**संक्षिप्त ई-निविदा आमंन्त्रण सूचना**

क्रमांक/771 निर्माण/आ.वि./2025 बलरामपुर, दिनांक-28.05.2025

आयुक्त, आदिम जाति तथा अनुसूचित जाति विकास विभाग की ओर से लोक निर्माण विभाग छत्तीसगढ़ में पंजीकृत ठेकेदारों से लोक निर्माण विभाग द्वारा अनुसूचि दर पुस्तिका छ.ग.शासन रायपुर दिनांक 01.01.2015 से प्रभावशील दर पर पोस्ट मेट्रिक बालक/कन्या छात्रावास में भवन निर्माण कराया जाना है। प्रत्येक छात्रावास कि लागत रुपये 01,89,70,000-00 है तथा प्रत्येक छात्रावास हेतु अमानत राशि 1,42,500-00 निर्धारित है। ई-निविदा की तिथि दिनांक 28.05.2025 से दिनांक 18.06.2025 तक रहेगी।

| क्र. | ऑनलाईन निविदा क्रमाकं | स्थान का नाम |
|---|---|---|
| 1 | 168155 | बालक छात्रावास बलरामपुर |
| 2 | 168163 | बालक छात्रावास महराजगंज |
| 3 | 168164 | बालक छात्रावास डिण्डो |
| 4 | 168165 | बालक छात्रावास शंकरगढ़ |
| 5 | 169079 | बालक छात्रावास राजपुर |
| 6 | 169080 | बालक छात्रावास कुसमी |
| 7 | 169081 | बालक छात्रावास वाड्रफनगर |
| 8 | 169083 | कन्या छात्रावास वाड्रफनगर |

टीप :-
1. कार्य पूर्ण करने की अवधि 12 माह वर्षा ऋतु सहित।
2. ठेकेदार की श्रेणी - "सी" से उपर।
3. निविदा की सामान्य शर्ते एवं अन्य जानकारी वेबसाईट https;//eproc.cgstate.gov.in/ में देखी जा सकति है।

सहायक आयुक्त
आदिवासी विकास
बलरामपुर-रामानुजगंज

G-252601311/3

## ସାପ କାମୁଡ଼ାରେ ଜଣେ ମୃତ

ଢେଙ୍କାନାଳ, (ରତନ ନାୟାର): ଢେଙ୍କାନାଳ ଜିଲା ସଦର ଥାନା ବେଲଟିକିରି ଗ୍ରାମ ପଞ୍ଚାୟତର ଜଙ୍ଗିରା ଗ୍ରାମର ଶେଷଦେବ ଶେଣ୍ଡଙ୍କର ମଧାହ୍ନ ୧୨ଟାରେ ସାପ କାମୁଡାରେ ମୃତ୍ୟୁ ହୋଇଯାଇଛି। ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେବାରୁ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

# ସ୍ୱୟଂଚାଳିତ ଯାନ ପରିଚାଳନା ପରୀକ୍ଷଣ ବ୍ୟବସ୍ଥା ଲୋକାର୍ପିତ



ଅନୁଗୋଳ ପୌରପାଳିକା ଟାଉନ ହଲ୍‌ଠାରେ ଅନୁଗୋଳ ବିଧାୟକ, ପୌରାଧକ୍ଷ, ଜିଲାପାଳଙ୍କ ସମେତ ଅନ୍ୟମାନେ।

ଅନୁଗୋଳ,୩।୬(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ତାଳଚେରଠାରେ ସ୍ୱୟଂଚାଳିତ ଯାନ ପରିଚାଳନା ପରୀକ୍ଷଣ ବ୍ୟବସ୍ଥା (ଏଡିଟିଏସ୍) ମଙ୍ଗଳବାର ଲୋକାର୍ପିତ ହୋଇଛି। ସେହିପରି ଅନୁଗୋଳ ଠାରେ ସ୍ୱୟଂକ୍ରିୟ ପରୀକ୍ଷଣ କେନ୍ଦ୍ର (ଏଟିଏସ୍)ର ଶିଳାନ୍ୟାସ କରାଯାଇଛି। ଭୁବନେଶ୍ୱରସ୍ଥିତ ଲୋକସେବା ଭବନର କନଭେନଶନ ସେଣ୍ଟରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭିଡିଓକନଫରେନ୍ସ ମାଧ୍ୟମରେ ବାଣିଜ୍ୟ ଓ ପରିବହନ ବିଭାଗର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ଅବସରରେ ଅନୁଗୋଳ ଜିଲାର ଏହି ୨ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଥିଲେ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ଗାଡ଼ି ଚାଳକଙ୍କ ଦକ୍ଷତା ବୃଦ୍ଧି ସହ ଦୁର୍ଘଟଣା ରୋକିବା କ୍ଷେତ୍ରରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଭିଡିଓ କନଫରେନ୍ସ କାର୍ଯ୍ୟକ୍ରମରେ ଅନୁଗୋଳ ପୌରପାଳିକା ଟାଉନ ହଲ୍‌ଠାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ପୌରାଧକ୍ଷ ଅକ୍ଷୟ କୁମାର ସାମନ୍ତ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି, ଜିଲାପାଳ ଅବଦଲ ମହମ୍ମଦ ଅଖତାର, ଆଇଏଏସ ପ୍ରୋବେଶନର କସ୍ତୁରୀ ସି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଜିତ ଧଳ, ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ ପଟ୍ଟନାୟକ, ବସ୍ ଓ ଟ୍ରକ୍ ମାଲିକ ସଂଘ ସଭାପତି, ପରିବହନ କାର୍ଯ୍ୟାଳୟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜେଇ ଜବତ, ଜଣେ ଗିରଫ

ବଇଣ୍ଡା,୩।୬(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ପୋଲିସ ସୋମବାର ରାତିରେ ରଣିଆକଟା ଶିବ ମନ୍ଦିର ନିକଟରୁ ଚୋରାରେ ଚାଲାଣ ହେଉଥିବା ଗଞ୍ଜେଇକୁ ଜବତ କରିଛି। ଏଥିସହ ଗଞ୍ଜେଇ ବ୍ୟବସାୟୀ କିଶୋରନଗର ଥାନା ରଣିଆକଟା ଗ୍ରାମର ପ୍ରଦୀପ ଦେହୁରୀଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ୪ କେଜି ୮୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ପୋଲିସ କହିଛି, ପ୍ରଦୀପ ଏକ ବ୍ୟାଗରେ ଗଞ୍ଜେଇ ଧରି ଚାଲାଣ କରିବା ପାଇଁ ଠିଆ ହୋଇଥିବା ବେଳେ ଖବରପାଇ କିଶୋରନଗର ଆଇଆଇସି ବିଭୂତି ପ୍ରଧାନ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ।

# ଟାଏକୋଣ୍ଡୋ କ୍ଲବ ପକ୍ଷରୁ ରକ୍ତଦାନ ଶିବିର



ରକ୍ତଦାନ ଶିବିରରେ ଅତିଥିମାନଙ୍କ ସହ ଆୟୋଜକମାନେ।

ଅନୁଗୋଳ,୩।୬ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ରକ୍ତ ଭଣ୍ଡାରରେ ମା' ବାସନ୍ତୀ ଟାଏକୋଣ୍ଡୋ କ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ବାସନ୍ତୀ ଖେଳ ପଡ଼ିଆରେ ଟାଏକୋଣ୍ଡୋ ଛାତ୍ରୀଛାତ୍ରମାନଙ୍କ ଅଭ୍ୟାସ ପାଇଁ ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଂଘ ଉପସଭାପତି ଓ ପୂର୍ବତନ ନଗରପାଳ ଶକ୍ତି ପ୍ରସାଦ ପଟ୍ଟନାୟକ, ପର୍ଶୁରାମ ଦାସ, ଉପଦେଷ୍ଟା ଓ ଆଇନଜୀବୀ ପ୍ରଦୀପ କୁମାର ଦେବତା, ସଞ୍ଜୟ କୁମାର ମହାପାତ୍ର, ସ୍କୋଏ ମାର୍ଶାଲ ଆର୍ଟର ସଭାପତି ଓ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ, ସାମାଜିକ କର୍ମୀ ପଦ୍ମାକ୍ଷୀ ସିଂହ, ଲଳିତ ମୋହନ ମହାପାତ୍ର ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଅନୁଗୋଳ ଟାଏକୋଣ୍ଡୋ ସଂଘର ପ୍ରତିଷ୍ଠାତା ଓ ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ଜାତୀୟ ଖେଳାଳି ଓ କନ୍ୟାରତ୍ନ ପୁରସ୍କାରପ୍ରାପ୍ତ ଜସ୍ମିନ ସାହୁ, ବିଶ୍ୱଜିତ ସାହୁ, ଚିତ୍ତରଞ୍ଜନ ମହନ୍ତ, ଶ୍ରୀୟାଶ୍ରୀ ପ୍ରଧାନ, ସ୍ୱାତି ସ୍ୱାଗତିକା ଦାସ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, କାବ୍ୟା ଦାସ ସହଯୋଗ କରିଥିଲେ।

# କାର୍ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ, ୨ ଗୁରୁତର



ଦୁର୍ଘଟଣାଗ୍ରସ୍ତ କାର୍।

ଛେଣ୍ଡିପଦା,୩।୬ (ଅଜିତ ଧଳ)

ଅନୁଗୋଳ- ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର ଛେଣ୍ଡିପଦା ଥାନା ସିଆରିମାଳିଆ ପୋଲ ସୁରକ୍ଷା ବାଡ଼ରେ ମଙ୍ଗଳବାର ଏକ କାର୍ ପିଟିହେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କଣିହାଁ ଥାନା ବଇଣ୍ଡା ଗାଁର ଦୁଲଣା ପ୍ରଧାନ। ଗାଡ଼ିରେ ଥିବା ନମିତା ପ୍ରଧାନ, ମଞ୍ଜୁଲତା ପ୍ରଧାନ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ବଇଣ୍ଡା ଗ୍ରାମର ଦୁଲଣା, ନମିତା, ମଞ୍ଜୁଲତା ଓ ଉଜ୍ୱଳା ସାହୁ ଏକ କାର୍‌ରେ ବାଗଡ଼ିଆସ୍ଥିତ ସମ୍ପର୍କୀୟଙ୍କ ପରିବାରକୁ ସମବେଦନା ଜଣାଇ ଘରକୁ ଫେରୁଥିଲେ। ସିଆରିମାଳିଆ ପୋଲ ନିକଟରେ ଚାଳକ ଭାରସାମ୍ୟ ହରାଇବାରୁ ଗାଡ଼ିଟି ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଖବରପାଇ ଛେଣ୍ଡିପଦା ପୋଲିସ ପହଞ୍ଚି ଗୁରୁତରମାନଙ୍କୁ ଉଦ୍ଧାର କରି ପ୍ରଥମେ ଛେଣ୍ଡିପଦା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଦୁଲଣାଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଆମ ପୋଲିସ ସମିତି ବୈଠକ

ବଣ୍ଡଁରପାଳ,୩।୬(ସୁବାସ ସାହୁ)



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀମାନେ।

ଅନୁଗୋଳ ଜିଲା ନାଲ୍‌କୋ ଥାନା ଅଧିକାରୀ ଶ୍ୟାମଲାଲ ଓରାମଙ୍କ ଉପସ୍ଥିତରେ ରବିବାର ସନ୍ଧ୍ୟାରେ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଲ୍‌କୋ ଥାନା ଆଖପାଖ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ସଚେତନ ନାଗରିକ ଯୋଗଦେଇଥିଲେ। ଅଞ୍ଚଳରେ ଦୈନିକ ଘଟୁଥିବା ସମସ୍ୟା ସମ୍ପର୍କରେ ଥାନା ଅଧିକାରୀ ଶୁଣିବା ସହ ସମାଧାନ କରିବା ଦିଗରେ ପ୍ରତିଶ୍ରୁତି ଦେଇଥିଲେ। ଏସ୍‌ଆଇ ଗଙ୍ଗାଧର ବେହେରା, ଏଏସ୍‌ଆଇ ଦୀପକ କୁମାର ସିଂ ଯୋଗଦେଇ ଉପସ୍ଥିତ ବୁଦ୍ଧିଜୀବୀଙ୍କୁ ବୁଝାଇଥିଲେ। କୌଣସି ଅଜଣା ସ୍ଥାନରୁ ମୋବାଇଲକୁ ଓଟିପି ଆସିଲେ ନ ଦେବା, ଫେକ୍ ମେସେଜ ଉପରେ ଗୁରୁତ୍ୱ ନ ଦେବାକୁ କହିଥିଲେ। ଅଚଳ ହୋଇଥିବା ସିସିଟିଭି କ୍ୟାମେରା ସ୍ଥାନରେ ନୂଆ ଲଗାଇବା, ଚୋରା ନିଶା କାରବାର ରୋକିବା, ଗୋ ଚାଲାଣ ରୋକିବା, ଗ୍ରାମାଞ୍ଚଳରେ ହେଉଥିବା ସୁଧ କାରବାର କେମିତି ବନ୍ଦ ହେବ ସେ ସମ୍ପର୍କରେ ଆଲୋଚୋନା କରିଥିଲେ। କୌଣସି ସ୍ଥାନରେ ଦୁର୍ଘଟଣା ଘଟିଲେ ତତ୍‌କ୍ଷଣାତ୍ ଥାନାକୁ ଜଣାଇବାକୁ ସମସ୍ତଙ୍କୁ ଥାନା ପକ୍ଷରୁ ମୋବାଇଲ ନମ୍ବର ଦିଆଯାଇଥିଲା। ଛୋଟଛୋଟ ଘଟଣାକୁ ଗାଁ ମୁରବୀଙ୍କ ମାଧ୍ୟମରେ ସମାଧାନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

# ହାତୀ ଆକ୍ରମଣରେ ୪ ମଇଁଷି ମୃତ

ଛେଣ୍ଡିପଦା,୩।୬ (ଅଜିତ ଧଳ)

ଗାଁ ଭିତରେ ପଶି ଗୋଠଛଡ଼ା ନରହନ୍ତା ଦନ୍ତା ହାତୀ ଉପଦ୍ରବ କରିବା ସହ ୪ ମଇଁଷିଙ୍କ ଜୀବନ ନେଇଛି। ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ପାତ୍ରପଡ଼ା ଚାକୁଣ୍ଡା ମୁଣ୍ଡା ସାହିରେ ମଙ୍ଗଳବାର ଏହି ଘଟଣା ଘଟିଛି। ପ୍ରକାଶ ଯେ, ସକାଳେ ପାତ୍ରପଡ଼ା ଗାଁର ଧନେଶ୍ୱର ସାହୁଙ୍କ ମଇଁଷିପଲ ଗୁହାଳରେ ବନ୍ଧା ହୋଇଥିବା ବେଳେ ଗାଁ ନିକଟରେ ଘୁରି ବୁଲୁଥିବା ଦନ୍ତା ହାତୀ ଗାଁ ନିକଟକୁ ଆସି ଗୁହାଳରେ ଥିବା ୪ଟି ମଇଁଷିକୁ ଶୁଣ୍ଢରେ ଟେକି କଚାଡ଼ି ମାରିଦେଇଥିଲା। ମଇଁଷିଙ୍କ ରଡ଼ି ଶୁଣି ସ୍ଥାନୀୟ ଲୋକେ ପାଟି କରିବାରୁ ଦନ୍ତା ହାତୀଟି ଜଙ୍ଗଲ ଆଡକୁ ପଳାଇ ଯାଉଥିଲା। ଦନ୍ତା ହାତୀ ଆକ୍ରମଣରେ ଧନେଶ୍ୱରଙ୍କ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବାରୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



ଘଟଣାସ୍ଥଳରେ ମରିପଡ଼ିଥିବା ମଇଁଷି।

# ରାସ୍ତାରୁ ଜବରଦଖଲ ଉଚ୍ଛେଦ ଦାବି



ରାସ୍ତା ପାର୍ଶ୍ୱ ଜବରଦଖଲ ଯୋଗୁ ବଜାରରେ ଭିଡ଼।

ତାଳଚେର,୩।୬(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ସହର ହାଟତୋଟାସ୍ଥିତ ପ୍ରଜାମଣ୍ଡଳ ଭବନ ସମ୍ମୁଖ ରାସ୍ତାରେ ଦୀର୍ଘ ୭ମାସ ହେଲା ୧୮ରୁ ଅଧିକ ଫାଷ୍ଟଫୁଡ୍ ଉଠାଦୋକାନୀ ଜବରଦଖଲ କରି ବ୍ୟବସାୟ କରିଆସୁଛନ୍ତି। ଫଳରେ ସେଠାରେ ଥିବା ମ୍ୟୁନିସିପାଲିଟିର ସ୍ଥାୟୀ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ମ୍ୟୁନିସିପାଲଟିର କେତେଜଣ ବ୍ୟବସାୟୀ ଗତ ୨୦ ତାରିଖରେ ପୌର ନିର୍ବାହୀ ଅଧିକାରୀ ଓ ତାଳଚେର ଉପଜିଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ହେଲେ ଆଜିପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ବ୍ୟବସାୟୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ସ୍ଥାୟୀ ବ୍ୟବସାୟୀମାନଙ୍କ କହିବା ଅନୁଯାୟୀ, ଉଠାଦୋକାନୀମାନେ ମନଇଚ୍ଛା ରାସ୍ତା ପାର୍ଶ୍ୱକୁ ଜବରଦଖଲ କରି ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତାରେ ଗାଡ଼ି ଚଳାଚଳରେ ବାଧା ସୃଷ୍ଟି ହେବା ସହ ଆବର୍ଜନା ସୃଷ୍ଟି ହେଉଛି। ଏଥିଯୋଗୁ ବୁଲା ଗୋରୁ, କୁକୁରଙ୍କ ବିଚରଣ ବହୁମାତ୍ରାରେ ବୃଦ୍ଧିପାଇଥିବା ଦେଖିବାକୁ ମିଳୁଛି। ଏଥିସହ ଫାଷ୍ଟଫୁଡ ଗ୍ରାହକଙ୍କ ଭିଡ଼ ଯୋଗୁ ଅନ୍ୟ ଗ୍ରାହକ ଏସବୁ ସ୍ଥାୟୀ ଦୋକାନକୁ ଆସିପାରୁନାହାନ୍ତି। ଫଳରେ ବ୍ୟବସାୟୀମାନଙ୍କ କ୍ଷତି ହେଉଛି। ସୂଚନାଯୋଗ୍ୟ, ଏହି ରାସ୍ତାଟି ବାଙ୍କଧରା ଛକଠାରୁ ବାହାରି ରେମୁଆଁ ମଧଦେଇ ହାଟତୋଟା ମୁଖ୍ୟ ରାସ୍ତାରେ ମିଶିଛି ଓ ପ୍ରତିଦିନ ସହସ୍ରାଧିକ ଜନସାଧାରଣ ଯାତାୟାତ କରୁଛନ୍ତି। ଏହି ରାସ୍ତାରେ ଉଠାଦୋକାନୀମାନଙ୍କୁ ମ୍ୟୁନିସିପାଲିଟି ପକ୍ଷରୁ ଠେଲାପକାଇବାର ସୁଯୋଗ ଦିଆଯିବାକୁ ନେଇ ବୁଦ୍ଧିଜୀବୀ ମହଲ ନାପସନ୍ଦ କରିବା ସହିତ ପୌର କର୍ତ୍ତୃପକ୍ଷଙ୍କ ଉଠାଦୋକାନୀ ପ୍ରୀତିକୁ ନେଇ ପ୍ରଶ୍ନ କରିଛନ୍ତି।

# ବର୍ଷପୂର୍ତ୍ତିକୁ ଧୁମଧାମରେ ପାଳିବ ଭାଜପା



ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଦଳୀୟ କର୍ମକର୍ତ୍ତାମାନେ।

ଅନୁଗୋଳ,୩।୬(ମାନସ ବିଶ୍ୱାଳ)

କେନ୍ଦ୍ରରେ ମୋଦି ସରକାରଙ୍କ ୧୧ ବର୍ଷ ଓ ରାଜ୍ୟରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାରଙ୍କ ବର୍ଷ ପୂର୍ତ୍ତିକୁ ଧୁମଧାମରେ ପାଳିବ ଭାଜପା। ଏ ନେଇ ମଙ୍ଗଳବାର ଅନୁଗୋଳ ଜିଲା ଭାଜପା କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲା ସଭାପତି ଯଯାତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜୁନ ୫ ବିଶ୍ୱ ପର୍ଯ୍ୟାବରଣ ଦିବସରେ ସମସ୍ତ କାର୍ଯ୍ୟକର୍ତ୍ତା ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମରେ ଚାରା ରୋପଣ କରିବେ। ଅଗଷ୍ଟ ୧୫ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ଏବଂ ସେହିଦିନ ଜିଲାରେ ଏକ କର୍ମଶାଳା ଅନୁଷ୍ଠିତ ହେବ। ଜୁନ ୧୧ରୁ ଜୁନ ୧୮ ମଧ୍ୟରେ ସମସ୍ତ ମଣ୍ଡଳ ଏବଂ ଶକ୍ତିକେନ୍ଦ୍ରସ୍ତରରେ ବିକଶିତ ଓଡ଼ିଶା ବିକଶିତ ଭାରତ ସମାବେଶ ଅନୁଷ୍ଠିତ ହେବ। ବୁଦ୍ଧିଜୀବୀ ଓ ବୃତ୍ତିଜୀବୀମାନଙ୍କ ସମାବେଶ କରାଯିବ। ଜୁନ ୨୧ରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯିବା ସହ ଜୁନ ୨୩ରେ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଏବଂ ଜୁନ ୨୫ରେ ତତ୍କାଳୀନ କଂଗ୍ରେସ ସରକାର ଏମର୍ଜେନ୍ସି ଲାଗୁ କରିଥିବାର ୫୦ ବର୍ଷକୁ କଳା ଦିବସ ଭାବେ ପାଳନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଜିଲା ସଭାପତିଙ୍କ ସମେତ ପ୍ରାକ୍ତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ଦିଲୀପ ପ୍ରଧାନ, ସୁଦୀପ ଗଡ଼ନାୟକ ଓ ପ୍ରକାଶ ମହାରଣା, ଚୌଧୁରୀ ପ୍ରଧାନ, ବିଶ୍ୱଜିତ ମିଶ୍ର, ପର୍ଶୁରାମ ବାରିକ, ପ୍ରହଲ୍ଲାଦ ସାମଲ, ଦିଲୀପ ଦାସ, ଗୋପବନ୍ଧୁ ଗଡ଼ନାୟକ, ପ୍ରତ୍ୟୁଷ ରଞ୍ଜନ ପଣ୍ଡା ପ୍ରମୁଖ କୋର୍ କମିଟି ସଦସ୍ୟ ଯୋଗ ଦେଇଥିଲେ। ଆଗାମୀ ଦିନର ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ପାଇଁ ସଂଯୋଜକ ଭାବେ ପ୍ରାକ୍ତନ ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ସହ ସଂଯୋଜକ ଭାବେ ସୁଦୀପ ଗଡ଼ନାୟକ ଓ ପ୍ରହଲ୍ଲାଦ ସାମଲଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ସେହିପରି ସମସ୍ତ ମଣ୍ଡଳରେ ମଣ୍ଡଳ ସଭାପତିଙ୍କ ସମେତ ୩ ଜଣଙ୍କୁ ସଂଯୋଜକ ଓ ସହ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଥିଲା।

# ଖମାର ସ୍ୱାସ୍ଥ୍ୟକେନ୍ଦ୍ରରେ ସେବା ବିପର୍ଯ୍ୟସ୍ତ

## ୨ ଡାକ୍ତର ଛୁଟିରେ, ରୋଗୀଙ୍କୁ ମିଳୁନି ଆବଶ୍ୟକ ଚିକିତ୍ସା

ଖମାର,୩।୬ (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଯୋଗ ହେଉଛି। ଡାକ୍ତରଖାନାରେ ନିଯୁକ୍ତ ୮ ଜଣ ଡାକ୍ତରଙ୍କ ମଧ୍ୟରୁ ୨ ଜଣ ୪ମାସ ହେଲା ଛୁଟିରେ ଥିବାବେଳେ ଜଣେ ଡାକ୍ତର ନିୟମିତ ଆସୁନାହାନ୍ତି। ଅନ୍ୟ ଜଣେ ଡାକ୍ତର ସପ୍ତାହକୁ ୨ ଦିନ ଆସୁଥିବା ସମୟରେ ଜଣେ ଏମ୍‌ବିବିଏସ୍ ଓ ଜଣେ ଦାନ୍ତ ଡାକ୍ତର ଏବଂ ୨ ଆୟୁଷ ଡାକ୍ତରରେ ଚାଲିଛି ରୋଗୀ ସେବା।

ଅଞ୍ଚଳବାସୀଙ୍କ ଅଭିଯୋଗ ଅନୁଯାୟୀ, ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖପାଖ ଅଞ୍ଚଳ ସହିତ ପଡ଼ୋଶୀ ଜିଲାର ରୋଗୀ ନିର୍ଭର କରନ୍ତି। ପ୍ରତ୍ୟେକ ଦିନ ଏଠାକୁ ୧୭୦ ରୁ ୨୦୦ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। କିନ୍ତୁ ସମସ୍ତଙ୍କୁ ଚିକିତ୍ସା ସେବା ମିଳିପାରୁ ନାହିଁ। କାରଣ ଡାକ୍ତରଖାନାରେ ନିଯୁକ୍ତ ୫ ଏମ୍‌ବିବିଏସ୍ ଡାକ୍ତର, ୨ ଆୟୁଷ ଡାକ୍ତର ଓ ଜଣେ ଦନ୍ତ ଚିକିତ୍ସକଙ୍କ ମଧ୍ୟରୁ ୪ ଜଣ ନିୟମିତ ରହୁଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ଜଣେ ଏମ୍‌ବିବିଏସ ହୋଇଥିବା ବେଳେ ଜଣେ ଦନ୍ତ ବିଭାଗର ଓ ଅନ୍ୟ ୨ଜଣ ଆୟୁଷ ଚିକିତ୍ସକ। ଏଥିଯୋଗୁ ଏତେ ସଂଖ୍ୟକ ରୋଗୀଙ୍କ ଚିକିତ୍ସା କରିବା ସମ୍ଭବ ହେଉନାହିଁ। ଏପରିକି ମେଡିକାଲ ଅଧିକାରୀ ମଧ୍ୟ ନିୟମିତ ଆସୁ ନ ଥିବା ଅଭିଯୋଗ ହେଉଛି। ଜଣେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସପ୍ତାହକୁ ମାତ୍ର ୨ ଦିନ ଡ୍ୟୁଟି କରୁଛନ୍ତି। ୨ ଜଣ ଡାକ୍ତର ୪ ମାସ ହେବ ଛୁଟିରେ ଅଛନ୍ତି। ଇତିମଧ୍ୟରେ ଜଣେ ଡାକ୍ତରଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ନିର୍ଦ୍ଦେଶ ଆସିଥିବାରୁ ସ୍ୱାସ୍ଥ୍ୟସେବା ଆହୁରି ବିଗିଡ଼ିଯିବାର ଆଶଙ୍କା ଦେଖାଦେଇଛି। ସରକାରଙ୍କ ତରଫରୁ ମେଡିକାଲ ଭିତ୍ତିଭୂମିରେ ସୁଧାର ଅଣାଯାଇଥିବା ବେଳେ ସମସ୍ତ ଡାକ୍ତର ନିୟମିତ ରୋଗୀ ସେବା ନ କରିବା ଚିକିତ୍ସା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଛି। ଏ ସମ୍ପର୍କରେ ଡାକ୍ତର ଅବିନାଶ ସେଠୀ କହିଛନ୍ତି, ଆଡଜଷ୍ଟ କରାଯାଇ ରୋଗୀ ଦେଖା ଚାଲିଛି। ମେଡିକାଲ ଅଧିକାରୀ ଛୁଟିରେ ଅଛନ୍ତି। ଅନ୍ୟ ଦୁଇଜଣ ମଧ୍ୟ ଛୁଟିରେ ଅଛନ୍ତି। ରୋଗୀଙ୍କ ଚିକିତ୍ସାରେ ସେମିତି କିଛି ଅସୁବିଧା ହେଉନାହିଁ।




# ସ୍ୱାମୀଙ୍କୁ ମାଡ଼ମାରି ସ୍ତ୍ରୀ ଓ ପ୍ରେମିକ ଗିରଫ

ଛେଣ୍ଡିପଦା,୩।୬(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଜରପଡ଼ା ଥାନା ଦୁର୍ଗାପୁର ଟାଙ୍ଗର ସାହିର ବିକଳ ସାହୁଙ୍କୁ ମାଡ଼ ମାରିବା ଅଭିଯୋଗରେ ତାଙ୍କ ସ୍ତ୍ରୀ ସସ୍ମିତା ସାହୁ ଓ ସ୍ତ୍ରୀଙ୍କ ପ୍ରେମିକ ସେହି ଗାଁର ସୁଶାନ୍ତ ବୁର୍ଗୀଙ୍କୁ ପୋଲିସ ଗିରଫ କରିଛି। ପୋଲିସ କହିଛି, ବିକଳ ଓ ସ୍ତ୍ରୀ ସସ୍ମିତାଙ୍କ ମଧ୍ୟରେ ରୋଷେଇ କରିବାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ସସ୍ମିତା ତାଙ୍କ ପ୍ରେମିକ ସୁଶାନ୍ତଙ୍କ ସହ ମିଶି ବିକଳଙ୍କୁ ବାଉଁଶ ବାଡ଼ିରେ ମାଡ଼ ମାରି ମୁଣ୍ଡ ଫଟାଇ ଦେଇଥିଲେ। ଘଟଣା ସମ୍ପର୍କରେ ବିକଳ ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ ୨୧୯/୨୫ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିବା ସହ ସୁଶାନ୍ତଙ୍କୁ ସୋମବାର ଗିରଫ କରିଥିବାବେଳେ ମଙ୍ଗଳବାର ସସ୍ମିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ବାଦଦଣ୍ଡ ନୃତ୍ୟ ପ୍ରତିଯୋଗିତାରେ ସିରିଗିଡ଼ା ବିଜୟୀ

ବଣ୍ଡଁରପାଳ,୩।୬(ସୁବାସ ସାହୁ)

ଅନୁଗୋଳ ଜିଲା ବଣ୍ଡଁରପାଳ ବ୍ଲକ୍ କାଣ୍ଡସର ବାଲିନାଳି ପଡ଼ିଆ ରାଜୀବ ଗାନ୍ଧୀ କେନ୍ଦ୍ରଠାରେ ଦ୍ୱିତୀୟ ବାର୍ଷିକ ଶୀତଳଷଷ୍ଠୀ ଉପଲକ୍ଷେ ୩ ଦିନଧରି ଚାଲିଥିବା ବାଦଦଣ୍ଡ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ସୋଲଡା (କ) ଓ ସରପା ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ସୋଲଡ଼ା ବିଜୟ ଲାଭ କରି ଫାଇନାଲ୍‌କୁ ପ୍ରବେଶ କରିଥିଲା। ଦ୍ୱିତୀୟ ଦିବସରେ ସିରିଗିଡା ଓ ଲକେଇପଶି ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସିରିଗିଡା ଫାଇନାଲ୍‌ରେ ପହଞ୍ଚିଥିଲା। ସୋମବାର ୨ ବିଜେତା ସିରିଗିଡା ଓ ସୋଲଡ଼ା ମଧ୍ୟରେ ଫାଇନାଲ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ ସିରିଗିଡା ୨ ପଏଣ୍ଟ ଅଧିକ ରଖି ବିଜୟ ହାସଲ କରିଥିଲା। ଫାଇନାଲ୍ ଦିବସରେ ବିଚାରକ ମଣ୍ଡଳୀରେ ଦଣ୍ଡ ସଂସ୍କୃତିର ବରିଷ୍ଠ ସଦସ୍ୟ ଦ୍ୱାରିକା ନାଥ, ଅନାଦି ଚରଣ ନାୟକ, ନିମାଇଁ ଚରଣ ପୃଷ୍ଟି ଯୋଗଦେଇ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଭାତ କୁମାର ପାଳିତ, କାଣ୍ଡସର ଗ୍ରାମର ଶିଳ୍ପପତି ପ୍ରତାପଚନ୍ଦ୍ର ପ୍ରଧାନ, ସାମାଜିକ କର୍ମୀ ଶ୍ରୀକାନ୍ତ କୁମାର ସାହୁ, ଆଇନଜୀବୀ ସୁଶାନ୍ତ କୁମାର ମିଶ୍ର, କାଣ୍ଡସର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ବେହେରା, ବରିଷ୍ଠ ଭାଜପା ନେତା ସୁଶାନ୍ତ କୁମାର ସାହୁ, କୁମର ସାହୁ, ନରେଶ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ କମିଟି କର୍ମକର୍ତ୍ତା ଯୋଗଦେଇଥିଲେ। ଶେଷରେ କାଣ୍ଡସର ଦଣ୍ଡନୃତ୍ୟ ଆୟୋଜକଙ୍କ ପକ୍ଷରୁ ପ୍ରଥମ ବିଜେତାଙ୍କୁ ୧୧୦ ସିସି ପ୍ଲାଟିନା ବାଇକ୍ ସହ ଟ୍ରଫି ଓ ରନର୍ସଅପ୍ ସୋଲଡ଼ା ଦଳକୁ ୧୦୦ ସିସି ପ୍ଲାଟିନା ବାଇକ୍ ଓ ଟ୍ରଫି ପ୍ରଦାନ କରାଯାଇଥିବା ଆୟୋଜକମାନେ ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସମେତ ଅନ୍ୟମାନେ।

**ଗଛରେ ପିଟିହୋଇ ଓଲଟିଲା ବୋଲେରୋ**

ପାଟଣା,(ବୀର କିଶୋର ଦାଶ)- କେନ୍ଦୁଝର ଜିଲା ପାଟଣା ଥାନା ଉଦୟପୁର - ସାହାରପଡା ରାସ୍ତାର ଗୁଣ୍ଡୁରିପଶି ନିକଟରେ ମଙ୍ଗଳବାର ଅପରାହ୍ନ ୪ଟାରେ ଏକ ବୋଲେରୋ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। କେନ୍ଦୁଝରରୁ ମୟୂରଭଞ୍ଜ ତେନ୍ତୁଳାପଶିକୁ ଯାଉଥିବା ସମୟରେ ବୋଲେରୋର ଯାନ୍ତ୍ରିକ ତ୍ରୁଟି ଯୋଗୁ ଭାରସାମ୍ୟ ହରାଇ ରାସ୍ତା କଡ଼ ଗଛକୁ ଧକ୍କା ଦେବା ପରେ ଓଲଟି ପଡ଼ିଥିଲା। ଗାଡି ଭିତରେ ଥିବା ୪ ଜଣ ଯାତ୍ରୀ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ।

# ବିସ୍ଫୋରକ ସାମଗ୍ରୀ ଗୋଦାମ ଯାଞ୍ଚ

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ବଡ଼ବିଲ(ଦେବପ୍ରିୟ ରଣା)/ଯୋଡ଼ା(ମାନସ ମହାନ୍ତି).୩।୬

**କେନ୍ଦୁଝର ଜିଲା**

ସୁନ୍ଦରଗଡ଼ ଜିଲାରେ ମାଓବାଦୀମାନେ ବିସ୍ଫୋରକ ସାମଗ୍ରୀ ଲୁଟିନେବା ଘଟଣା ପରେ ରାଜ୍ୟ ପୋଲିସ ସଜାଗ ହୋଇ ପଡ଼ିଛି। ମଙ୍ଗଳବାର କେନ୍ଦୁଝର ପୋଲିସ ଯୋଡ଼ା, ବଡ଼ବିଲ, ଚମ୍ପୁଆ, ବାମେବାରୀ, ରୁଗୁଡ଼ି, ବଲାଣି, ସଦର, ଘଟଗାଁ, ସୋସୋ, ଦଇତାରି ଥାନା ଅଞ୍ଚଳରେ ଥିବା ସମସ୍ତ ମାଗାଜିନ ବିସ୍ଫୋରକ ଗୋଦାମରେ ଚଢ଼ାଉ କରିଛି। ଏହି ଗୋଦାମଗୁଡ଼ିକର ଲାଇସେନ୍ସ, ବୈଧତା ଆଦି ଯାଞ୍ଚକରିବା ସହ ବିସ୍ଫୋରକ ସାମଗ୍ରୀ ରଖିବା ପାଇଁ ଥିବା ସମସ୍ତ ନୀତି ନିୟମ (ଏସ୍‌ଓପି) ପାଳନ ହେଉଛି କି ନାହିଁ ନିରୀକ୍ଷଣ କରିଛି। ବିଶେଷକରି ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର ଭଳି ଜିଲାରେ ଖଣି ଖାଦାନ ଅଧିକ ରହିଛି। ଏଣୁ ଏଠାରେ ବିସ୍ଫୋରକ ସାମଗ୍ରୀର ଆବଶ୍ୟକତା ଅଧିକ ରହିଥାଏ। ଏହି ବିସ୍ଫୋରକ ସାମଗ୍ରୀ ରଖିବା ପାଇଁ ଥିବା ଗୃହ କେତେ ସୁରକ୍ଷିତ ଅବସ୍ଥାରେ ରହିଛି ଏବଂ ବିସ୍ଫୋରକ ଆଇନରେ ଥିବା ନୀତିନିୟମ କିପରି ପାଳନ ହେଉଛି, କିପରି ଗଚ୍ଛିତ ରଖାଯାଉଛି ଏବଂ ବିସ୍ଫୋରକ ସାମଗ୍ରୀ ନେବା ଆଣିବା ସମୟରେ କେଉଁ ନୀତିନିୟମ ପାଳନ ହେଉଛି ତାହାର ନିରୀକ୍ଷଣ କରିବା ସହ ଏହିସବୁ ରଖିଥିବା ସଂସ୍ଥାଗୁଡ଼ିକର ବୈଧତା, ଅନୁମତି ପତ୍ର ଆଦି ଯାଞ୍ଚ ଚାଲିଛି।

କେନ୍ଦୁଝର ଜିଲାର ୧୦ଟି ଥାନା ଅଞ୍ଚଳର ପ୍ରାୟ ୩୪ଟି ଗୋଦାମରେ ପୋଲିସ ସ୍କ୍ୱାଡ୍ ଯାଞ୍ଚ କରୁଥିବା ସୂଚନା ମିଳିଛି। ବିଶେଷକରି ବିଭିନ୍ନ ରାସ୍ତାଘାଟ କାମ କରୁଥିବା ଠିକା ସଂସ୍ଥା, ଖଣିଜ ପଥର କ୍ୱାରି ଲିଜ୍‌ଧାରୀ ଆଦି ଏହି ବିସ୍ଫୋରକ ସାମଗ୍ରୀ ବ୍ୟବହାର କରିଥାନ୍ତି। ଏଥିପାଇଁ ସେମାନେ ଜିଲା ପ୍ରଶାସନ ନିକଟରେ ଫର୍ମ ୨୨ରେ ଆବେଦନ କରି ଅନୁମତିପତ୍ର ହାସଲ କରିବା ପରେ ନିକଟସ୍ଥ ବିସ୍ଫୋରକ ସାମଗ୍ରୀ ରଖିଥିବା ସଂସ୍ଥା ନିକଟରୁ କିଣିଥାଆନ୍ତି। ସେଠାରୁ କଡ଼ା ସୁରକ୍ଷା ମଧ୍ୟରେ କାମ ଚାଲିଥିବା ସ୍ଥାନକୁ ନିଆଯାଇ ବ୍ୟବହାର କରାଯାଇଥାଏ। ଏଥିପାଇଁ ସରକାର ସ୍ୱତନ୍ତ୍ର ନୀତି ନିୟମ (ଏସ୍‌ଓପି) ଜାରି କରିଛନ୍ତି। ତେବେ ଅନେକ ସମୟରେ ସେସବୁ ନିୟମ ଉଲ୍ଲଂଘନକରି ବେପରୁଆ ଭାବରେ ବାଇକ୍ ବା ଅନ୍ୟ ଗାଡ଼ିରେ ନିଆଯାଉଥିବା ଅଭିଯୋଗ ହୋଇଆସୁଛି। ସେହିପରି ଗୋଦାମଗୁଡ଼ିକ ସାଧାରଣତଃ ଗ୍ରାମ ସୀମାଠାରୁ ଅଧ କିଲୋମିଟର ଦୂରରେ ଥାଏ। ଅନେକ ସମୟରେ ସେଠାରେ ସୁରକ୍ଷା ବଳ ନିୟୋଜିତ ହୋଇ ନ ଥାଆନ୍ତି। କେତେକ ସ୍ଥାନରେ ଜଣେ/ଦୁଇ ଜଣ ନିୟୋଜିତ ହେଉଥିଲେ ହେଁ ମାଓବାଦୀ କିମ୍ବା ଲୁଟେରା ଆସିଲେ ମୁକାବିଲା କରିବା ସେମାନଙ୍କ ପକ୍ଷେ ସମ୍ଭବ ହୋଇ ନ ପାରେ। ଗୋଦାମରେ ବିସ୍ଫୋରକ ସାମଗ୍ରୀ ରଖିବା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥାଏ। ଉକ୍ତ ସ୍ଥାନରେ ସମସ୍ତଙ୍କ ଦୃଶ୍ୟହେବା ଭଳି ସତର୍କତା ବୋର୍ଡ ଲଗାଯାଇଥାଏ ଏବଂ କୌଣସି ଅଘଟଣ ଘଟିବା ସମ୍ଭାବନା ଦୃଷ୍ଟିରୁ ଅଗ୍ନି ନିର୍ବାପକ ବ୍ୟବସ୍ଥା ମଧ୍ୟ କରାଯାଇଥାଏ।

ପ୍ରାଥମିକ ତଦନ୍ତରୁ ୪ଟି ଗୋଦାମ ବନ୍ଦ ଥିବା ଏସ୍‌ପି ନୀତିନ କୁଶଲକର ସୂଚନା ଦେଇଛନ୍ତି। ଜିଲାର ସମସ୍ତ ବିସ୍ଫୋରକ ଗୋଦାମ ମାଲିକଙ୍କୁ ନେଇ ପୋଲିସ ପକ୍ଷରୁ ଏକ ସଚେତନତା ବୈଠକ ଅନୁଷ୍ଠିତ ହେବ। ଏହା ପରେ ଯେଉଁମାନେ ନିୟମ ଖିଲାପ କରିବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।


ବିସ୍ଫୋରକ ସାମଗ୍ରୀ ଥିବା ଗୋଦାମରେ ପୋଲିସ ଯାଞ୍ଚ କରୁଛି।

## ଗଡ଼ିଲା ନିଶା ନିବାରଣ ସଚେତନତା ରଥ


ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

କେନ୍ଦୁଝର,୩।୬ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

**ଶୁଭାରମ୍ଭ କଲେ ମନ୍ତ୍ରୀ**

ନିଶାର କୁପରିଣାମ ଓ ସମାଜରେ ଏହାର ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧରେ ଅଭିଯାନ। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲା ପ୍ରଶାସନ ଓ ଜିଲା ଅବକାରୀ ବିଭାଗ ଆନୁକୂଲ୍ୟରେ ଏକ ନିଶା ନିବାରଣ ସଚେତନତା ରଥ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଶୁଭାରମ୍ଭ କରାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସବୁଜ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଜିଲାପାଳ ବିଶାଳ ସିଂହ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି., ଜିଲା ଅବକାରୀ ଅଧୀକ୍ଷକ ଦିବ୍ୟରଞ୍ଜନ ଦୀପ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ରଥ ଜିଲାର ବିଭିନ୍ନ ବ୍ଲକ ପରିକ୍ରମା କରି ଜନସାଧାରଣଙ୍କୁ ନିଶାର କୁପରିଣାମ ଉପରେ ସଚେତନ କରାଇବ।

## ଓଏସ୍‌ଆର୍‌ଟିସି ବସ୍‌କୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ଚଳାଚଳ ଦାବି

କେନ୍ଦୁଝର, ୩।୬(ନରେଶ ଚନ୍ଦ୍ର ପଟ୍ଟନାୟକ)

ଓଡିଶା ରାଜ୍ୟ ସଡ଼କ ପରିବହନ ନିଗମ ଦାରା ଯାତ୍ରୀମାନଙ୍କ ସୁବିଧା ପାଇଁ ଜିଲା ତଥା ରାଜ୍ୟ ବାହାରର ବିଭିନ୍ନ ସ୍ଥାନକୁ ବସ୍ ଚଳାଚଳ କରିଥାଏ। ଏହି କ୍ରମରେ କେନ୍ଦୁଝରଠାରୁ ଭାୟା ଘଟଗାଁ, ଆନନ୍ଦପୁର, ଭଦ୍ରକ ଦେଇ ବାଲେଶ୍ୱର ଜଳେଶ୍ୱର ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ବସ୍‌ସେବା ଯୋଗାଇ ଦିଆଯାଇଛି। ମାତ୍ର ଜଳେଶ୍ୱରରୁ ସ୍ୱଳ୍ପ ଦୂରରେ ଥିବା ଭୋଗରାଇ ଦେଇ ଚନ୍ଦନେଶରକୁ ଯାତାୟାତ କଲେ ଅଧିକ ସଂଖ୍ୟାରେ ଯାତ୍ରୀ ଯାଇପାରିବେ ଏବଂ ଚନ୍ଦନେଶ୍ୱର, ଦୀଘା ଭଳି ପର୍ଯ୍ୟଟନ କେନ୍ଦ୍ରକୁ ବାଟ ଫିଟିଯିବ ବୋଲି ମତ ପ୍ରକାଶ ପାଇଛି। ଉକ୍ତ ଅଞ୍ଚଳର ବହୁ ଲୋକ କେନ୍ଦୁଝର ଅନେକ ସ୍ଥାନରେ ବିଭିନ୍ନ ପଦ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ସମୁଦ୍ର ଉପକୂଳବର୍ତ୍ତୀ ଇଲାକା ହୋଇଥିବାରୁ ମାଛ ତଥା ଶୁଖୁଆ, ଅନ୍ୟାନ୍ୟ ସାମୁଦ୍ରିକ ସାମଗ୍ରୀ ଓ ପାନ ପତ୍ର ପ୍ରଚୁର ପରିମାଣରେ ଉତ୍ପାଦନ ହେଉଥିବାରୁ କେନ୍ଦୁଝର ଜିଲାକୁ ବ୍ୟବସାୟିକ ସଂଯୋଗ ସୃଷ୍ଟି ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। କେନ୍ଦୁଝରରୁ ଯାଉଥିବା ଏହି ବସ୍‌କୁ ଚନ୍ଦନେଶ୍ୱର ପର୍ଯ୍ୟନ୍ତ ଚଳାଚଳ କରିବା ପାଇଁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡା ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ପରିବହନ ମନ୍ତ୍ରୀ ଓ ସଚିବଙ୍କ ନିକଟରେ ଦାବି କରିଛନ୍ତି।

## ଜିଲାସ୍ତରୀୟ ପ୍ରସାର ଅଭିଯାନ, ବିକାଶ ମେଳା ପାଇଁ ମନ୍ତ୍ରୀଙ୍କ ସମୀକ୍ଷା



ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କେନ୍ଦୁଝର,୩।୬(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବା ପାଇଁ ରାଜ୍ୟସ୍ତରୀୟ, ଜିଲାସ୍ତରୀୟ ବିକାଶ ମେଳା ଓ ପ୍ରସାର ଅଭିଯାନ ଆୟୋଜନ କରାଯିବ। କେନ୍ଦୁଝର ଜିଲାରେ ଏହାର ସଫଳ ଆୟୋଜନ ନିମନ୍ତେ ମଙ୍ଗଳବାର ମଧ୍ୟାହ୍ନରେ ଦରବାର ହଲ୍‌ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ପ୍ରଭାରୀ ଦାୟିତ୍ୱରେ ଥିବା ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତୀକରଣ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ, ପଛୁଆ ବର୍ଗ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ବୈଠକରେ ସମୀକ୍ଷା କରିଛନ୍ତି।

ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲାପାଳ ବିଶାଳ ସିଂହ ଜିଲାସ୍ତରୀୟ କାର୍ଯ୍ୟକ୍ରମର ରୂପରେଖ ଓ ପ୍ରାକ୍ ପ୍ରସ୍ତୁତି ବାବଦରେ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ବୈଠକର ବିଷୟ ଆଲୋଚନା କରିଥିଲେ। ଆସନ୍ତା ୫ରୁ ୨୦ ତାରିଖ ପର୍ଯ୍ୟନ୍ତ କ୍ଷେତ୍ରୀୟ ସ୍ତରଠାରୁ ଜିଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ସହ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୧ରୁ ୧୭ ତାରିଖ ପର୍ଯ୍ୟନ୍ତ ଓର୍‌ମାସ ପକ୍ଷରୁ ସ୍ଥାନୀୟ କାଳୀପଡ଼ିଆରେ ବିକାଶ ମେଳା ଜରିଆରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବ ବୋଲି ସେ କହିଥିଲେ। ପରେ ମନ୍ତ୍ରୀ ଜିଲାରେ ଚାଲିଥିବା ବିଭିନ୍ନ ବିଭାଗର ଯୋଜନାର କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ। ଜନକଲ୍ୟାଣକାରୀ ଯୋଜନା କିଭଳି ଆହୁରି ବ୍ୟାପକ ଭାବେ ଲୋକଙ୍କ ପାଖରେ ସୁବିଧାରେ ପହଞ୍ଚି ପାରିବ, ସେଥିଲାଗି ଆନ୍ତରିକତାର ସହ କାର୍ଯ୍ୟ କରିବାକୁ ସେ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି., ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମିର୍ଦ୍ଧା ଟପ୍ପୋ, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଆଇ୍‌ଏଏସ୍ ପ୍ରୋବେସନର ପବନ କୁମାରଙ୍କ ସମେତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

## ପ୍ରଶାସନ ହସ୍ତକ୍ଷେପ ପରେ ଖୋଲିଲା ଏମ୍‌ଏସ୍‌ପି କାରଖାନା

କେନ୍ଦୁଝର, ୩।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)




କେନ୍ଦୁଝର ସଦର ଥାନା ଅଧୀନ ହଳଦିଗୁଣାସ୍ଥିତ ଏମ୍‌ଏସ୍‌ପି କାରଖାନା ୫ ଦିନ ଧରି ବନ୍ଦ ଥିଲା। ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ମଙ୍ଗଳବାର କାରଖାନା ଖୋଲିଛି। ଏହାକୁ ନେଇ କର୍ମଚାରୀ ଓ ଶ୍ରମିକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ଏହି କାରଖାନା ଖୋଲିବାକୁ ନେଇ କମ୍ପାନୀ ପକ୍ଷରୁ ବରିଷ୍ଠ ଅଧିକାରୀ ସଞ୍ଜୟ ସାହୁ ଓ ବେଣୁଧର ମହାନ୍ତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପ୍ରଶାସନ ସହାୟତାରେ କାରଖାନା ଖୋଲିବା ସହ କାର୍ଯ୍ୟ ସ୍ୱାଭାବିକ ହୋଇଛି।

ପ୍ରକାଶ ଯେ, ଏହି କାରଖାନାରେ ପ୍ରାୟ ୧୩୦୦ କର୍ମଚାରୀ ଓ ଶ୍ରମିକ କାମ କରୁଛନ୍ତି। କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କ ବିରୋଧ କାରଣରୁ କାରଖାନା, କାର୍ଯ୍ୟରତ କର୍ମଚାରୀ ତଥା ଶ୍ରମିକଙ୍କ ସୁରକ୍ଷା ଦୃଷ୍ଟିରୁ ଗତ ୨୯ ତାରିଖରେ କର୍ତ୍ତୃପକ୍ଷ କାରଖାନା ବନ୍ଦ କରିଦେଇଥିଲେ। କାରଖାନା ବନ୍ଦ ହେବାରୁ ଶ୍ରମିକମାନଙ୍କ ଜୀବନ ଜୀବିକାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଜିଲାପାଳ ଓ ଏସ୍‌ପିଙ୍କ ସହଯୋଗରେ କାରଖାନା ଖୋଲିଛି। ଏଣୁ କାରଖାନା ପକ୍ଷରୁ ସେମାନଙ୍କୁ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଯାଇଛି। କାରଖାନା କିପରି ଭଲରେ ଚାଲିବ, ସେ ଉପରେ ଗୁରୁତ୍ୱ ଦେବା ସହ ଶ୍ରମିକଙ୍କୁ ପ୍ରାଧାନ୍ୟ ଦିଆଯିବ ବୋଲି କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଶିବାନନ୍ଦ ପାଠକ କହିଛନ୍ତି।

## ରାମଚନ୍ଦ୍ରପୁରରେ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ କେନ୍ଦ୍ର (ଏଟିଏସ୍) ସ୍ଥାପନ ଲାଗି ଶିଳାନ୍ୟାସ

କେନ୍ଦୁଝର, ୩।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)

ରାଜ୍ୟର ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ସଡ଼କ ଦୁର୍ଘଟଣା ହ୍ରାସ କରିବା ପାଇଁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ କନଭେନସନ ହଲ୍‌ଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକଳ୍ପ ଓ ସେବାର ଉଦ୍‌ଘାଟନ କରିଛନ୍ତି। ଏହି କ୍ରମରେ କେନ୍ଦୁଝର ରାମଚନ୍ଦ୍ରପୁରଠାରେ ଏକ ଏଟିଏସ୍ (ଅଟୋମେଟେଡ ଟେଷ୍ଟିଂ ସିଷ୍ଟମ) ବା ସ୍ୱୟଂକ୍ରିୟ ଯାନ ପରୀକ୍ଷଣ ବ୍ୟବସ୍ଥା କେନ୍ଦ୍ରର ସ୍ଥାପନ ପାଇଁ ଶିଳାନ୍ୟାସ ହୋଇଛି। ଏଠାରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ପାରଦର୍ଶିତାର ସହ ଗାଡ଼ିର ଫିଟନେସ ପରୀକ୍ଷା ସମ୍ପନ୍ନ କରାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ କେନ୍ଦୁଝର ଦରବାର ହଲ୍‌ଠାରେ ଆଭାସୀ ମାଧ୍ୟମରେ ଜିଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳ ଚନ୍ଦ୍ର ଦାସ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଅନ୍ୟ ପ୍ରଶାସନିକ ଅଧିକାରୀ, ସ୍ୱେଚ୍ଛାସେବୀ ଏବଂ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ ଏବଂ ସଡ଼କ ସୁରକ୍ଷା ଶପଥ ପାଠ କରିଥିଲେ।

## ୪୦ ଫୁଟ୍ ତଳକୁ ଖସିଲା କାର୍: ଜଣେ ମୃତ, ୨ ଗୁରୁତର

ପାଟଣା, ୩।୬(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଧୀନ ତୁରୁମୁଙ୍ଗା ଚମ୍ପୁଆ କେଟି ରୋଡର ବୁଢ଼ୀକାପୁଡି ନିକଟରେ ସୋମବାର ରାତି ୯ଟାରେ ଭାରସାମ୍ୟ ହରାଇ ଏକ କାର୍ ରାସ୍ତାକଡର ସୁରକ୍ଷା ବାଡକୁ ଧକ୍କା ଦେଇ ୪ଥର ଓଲଟିବା ସହ ୪୦ ଫୁଟ ତଳକୁ ଖସିପଡିଥିଲା। ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଗାଡିରେ ସାମାନ୍ୟ ଅଗ୍ନିକାଣ୍ଡ ଘଟିବା ସହ ଗାଡି ଭିତରେ ଚାପି ହୋଇରହିଥିଲେ। ସ୍ଥାନୀୟ ଲୋକେ ନିଆଁକୁ ଲିଭାଇବା ସହ ଗୁରୁତରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ମୃତକ ହେଲେ ବାରିଆ ଥାନା ମଉଦି ଗ୍ରାମର ପ୍ରଦୀପ ନାଏକ(୪୫)। ଗୁରୁତର ହେଲେ ଭୁଇଁପୁର ଗ୍ରାମର ରିଙ୍କୁ ସେଠୀ ଏବଂ ଆନନ୍ଦପୁର ଜଅଁରା ଗ୍ରାମର ଶୁଭମ ଦାଶ। ୩ଜଣ ସାଙ୍ଗ କାର୍ ଯୋଗେ ଭୁଇଁପୁରରୁ କରଞ୍ଜିଆକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ତୁରୁମୁଙ୍ଗା ପୋଲିସ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଦୀପଙ୍କ ମୃତଦେହକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଗୁରୁତର ସିପୁନଙ୍କୁ କେନ୍ଦୁଝରରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଶୁଭମଙ୍କ ଅବସ୍ଥା ସ୍ଥିର ରହିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା(ନଂ. ୧୨୧/୨୫) ରୁଜୁ ହୋଇଛି।

## ୫ ପଞ୍ଚାୟତ ପରିଦର୍ଶନ କଲେ ଉଚ୍ଚସ୍ତରୀୟ ଟିମ୍

ପାଟଣା,୩।୬(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକର ୫ ପଞ୍ଚାୟତ ଆଇଏସଓ (ଅନ୍ତର୍ଜାତୀୟ ମାନକିକରଣ ସଂଗଠନ) ପାଇଁ ଏକ ଟିମ୍ ମଙ୍ଗଳବାର ବ୍ଲକର ୫ଟି ପଞ୍ଚାୟତ ପରିଦର୍ଶନ କରିଛନ୍ତି।

ସୂଚନାଯୋଗ୍ୟ, ବ୍ଲକର ୨୦ଟି ପଞ୍ଚାୟତ ମଧ୍ୟରୁ ୧୦ଟି ପଞ୍ଚାୟତ ଏହିମାନଙ୍କ ଅନ୍ତର୍ଭୁକ୍ତ ହେବ। ମଙ୍ଗଳବାର ଏହି ଟିମ୍ ପ୍ରଥମ ପର୍ଯ୍ୟାୟ୍‌ରେ ବଡ଼ପାଟଣା, ମୃଷା ଖୋରୀ, ଟାଙ୍ଗରପଡ଼ା, କେନ୍ଦେଇପୋଷି, କ୍ଷିରେଇ ଟାଙ୍ଗିରି ପଞ୍ଚାୟତ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିଛନ୍ତି। ଏହି ଟିମ୍‌ରେ ସମ୍ପ୍ରସାରଣ ତାଲିମ କେନ୍ଦ୍ର (ଇଟିସି)ର ରାଜ୍ୟ ନୋଡାଲ ଅଫିସର ଡ. ଶ୍ରୀନିବାସ ସାହୁ, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ସାମିଲ ହୋଇଥିବା ବେଳେ ବଡ଼ପାଟଣା ପଞ୍ଚାୟତକୁ ସହକାରୀ ଯନ୍ତ୍ରୀ ସିଦ୍ଧ ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭବାନୀ ପ୍ରସାଦ ନନ୍ଦ, ପ୍ରମୁଖ ପରିଦର୍ଶନରେ ଆସି ପଞ୍ଚାୟତରେ ସରକାରୀ ଅନୁଦାନ କିଭଳି ବିଭିନ୍ନ ଉନ୍ନୟନ କାର୍ଯ୍ୟ, ଭିତ୍ତିଭୂମି ବିକାଶ ଓ ଯୋଜନାର ରୂପାୟନ ହୋଇଛି ତାର ଅନୁଧ୍ୟାନ କରି ରିପୋର୍ଟ ସଂଗ୍ରହ କରିଛନ୍ତ। କାର୍ଯ୍ୟକ୍ରମରେ ବଡ଼ପାଟଣା ସରପଞ୍ଚ ବିନତି ବାନରା, ସମିତି ସଭ୍ୟ ମୋହନ ସୁନ୍ଦର ମହାନ୍ତ, କାର୍ଯ୍ୟ ନିର୍ବାହୀ ଅଧିକାରୀ ତପନ କୁମାର ମାହାନ୍ତ, ଏଡିଇଓ ନିହାର ରଞ୍ଜନ ପରିଡ଼ା, ଏମବିକେ , ସିଆରପି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟ ପଞ୍ଚାୟତଗୁଡ଼ିକରେ ସରପଞ୍ଚଙ୍କ ସହ ପିଇଓ, ଏଡିଇଓମାନେ ସାମିଲ ହୋଇଥିଲେ।

## ଗଣଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲା ପ୍ରାଥମିକ ଶିକ୍ଷକ ସଂଘ

କେନ୍ଦୁଝର,୩।୬(ଦୀପକ ମିଶ୍ର)

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ କେନ୍ଦୁଝର ଜିଲା ଗସ୍ତ ସମୟରେ ସ୍ଥାନୀୟ ସର୍କିଟ ହାଉସଠାରେ ଓଡ଼ିଶା ପ୍ରାଥମିକ ଶିକ୍ଷକ ରାଜ୍ୟ ସଂଘ ଉପ ସଭାପତି ମନୋଜ କୁମାର ମହାନ୍ତ ଓ ଜିଲା ସମ୍ପାଦକ ଉମାଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଏକ ଶିକ୍ଷକ ପ୍ରତିନିଧି ମଣ୍ଡଳୀ ମନ୍ତ୍ରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ବିଭିନ୍ନ ଦାବି ଜଣାଇଛନ୍ତି। ଦୀର୍ଘ ଦିନ ଧରି ପ୍ରାଥମିକ ଶିକ୍ଷକମାନଙ୍କର ପ୍ରମୋଶନ ହୋଇ ନ ପାରିବାରୁ ଶିକ୍ଷକମାନଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ଦେଖାଯାଇଛି। ଏଥି ସହିତ ଲେଭଲ୍‌-୪ ରୁ ଲେଭଲ-୩କୁ ପ୍ରୋମୋଶନ ୧୩ଟି ଜିଲାର ହୋଇ ସାରିଥିବା ବେଳେ କେନ୍ଦୁଝର ଜିଲାରେ କାଉନସେଲିଂ ହୋଇଥିଲେ ମଧ୍ୟ ପ୍ରମୋଶନ ଅଟକି ଯାଇଥିଲା। ଏହି ସବୁ ସମସ୍ୟା ଗୁଡ଼ିକର ସମାଧାନ କରିବାକୁ ମନ୍ତ୍ରୀ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ବିଜୟ କୁମାର ମିଶ୍ର, ସଞ୍ଜୀବ ସାହୁ, ଆଶିଷ ସେଠୀ, ବନମାଳୀ ମହାନ୍ତ, ବସନ୍ତ ପରିଡ଼ା, ସୌଭାଗ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପାଟ୍ରୋଲିଂ ବେଳେ କନଷ୍ଟେବଲଙ୍କୁ ଆକ୍ରମଣ, ୨ ଗିରଫ

ଛେନାପଦି, ୩।୬(ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ପନ୍ଦାଡୋ ନିକଟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଶିବନାରାୟଣପୁର ଗ୍ରାମ(ରାଉତରାପୁର)ର କେତେଜଣ ଯୁବକ ପୋଲିସକୁ ଆକ୍ରମଣ କରି ମୋବାଇଲ ଓ ଲାଠି ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ନନ୍ଦିପଦା ପୋଲିସ ଶିବନାରାୟଣପୁର ଗ୍ରାମର ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ପ୍ରୟାସ ଚଳାଇଛି।

ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ ଆନନ୍ଦପୁର ଉପଖଣ୍ଡରେ ଗତ କିଛିଦିନ ଧରି ଚୋରି ଓ ଲୁଟତ୍‌ରାଜ ବୃଦ୍ଧି ପାଇଥିବାରୁ ଅପରାଧୀମାନଙ୍କୁ ଧରିବାକୁ ପୋଲିସ ପାଟ୍ରୋଲିଂକୁ ଜୋରଦାର କରିଛି। ସୋମବାର ରାତିରେ ନନ୍ଦିପଦା ଥାନାର କନଷ୍ଟେବଲ ପିତାମ୍ବର ମହନ୍ତ ଓ ନନ୍ଦକିଶୋର ଜେନା ପନ୍ଦାଡୋ କେନାଲ ନିକଟରେ ଡ୍ୟୁଟି କରୁଥିଲେ। ରାତି ଗୋଟାଏ ବେଳେ ସେହି ରାସ୍ତାରେ ଶିବନାରାୟଣପୁର ଗ୍ରାମର ୨ଜଣ ଯୁବକ ବାଇକରେ ଆସୁଥିବା ବେଳେ କନଷ୍ଟେବଲ ଦୁଇଜଣ ସେମାନଙ୍କୁ ଅଟକାଇ ସେମାନଙ୍କ ପରିଚୟ ଓ କୁଆଡେ ଯାଉଛ ବୋଲି ପଚାରିଥିଲେ। ମାତ୍ର ୨ ଯୁବକ କୌଣସି ଉତ୍ତର ନ ଦେଇ ଯୁକ୍ତିତର୍କ କରିଥିଲେ। ଏପରିକି ତାଙ୍କ ସାଙ୍ଗମାନଙ୍କୁ ଫୋନ କରି ଡାକିଥିଲେ। ଆଗରପଡ଼ା ଅଞ୍ଚଳରୁ ଏକ ବିବାହ ଉତ୍ସବରେ ଯୋଗଦେଇ ଫେରୁଥିବା ୧୦ରୁ ଊର୍ଦ୍ଧ୍ୱ ଯୁବକ ପହଞ୍ଚି କନଷ୍ଟେବଲ ଦୁଇଜଣଙ୍କୁ ମାରପିଟ କରିବା ସହିତ କନଷ୍ଟେବଲଙ୍କ ମୋବାଇଲ ଓ ଲାଠି ଛଡ଼ାଇ ନେଇଆସିଥିଲେ। କନେଷ୍ଟବଲଦ୍ୱୟ ଏନେଇ ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ବଳରାମ ବେହେରା ଓ ଦୀପକ କୁମାର ସାହୁ ନାମକ ଯୁବକଙ୍କୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟମାନେ ଖସି ପଳାଇଆସିଥିଲେ। ଏନେଇ କନଷ୍ଟେବଲ ପିତାମ୍ବରଙ୍କ ଅଭିଯୋଗକ୍ରମେ ନନ୍ଦିପଦା ଥାନାରେ ମାମଲା(ନଂ. ୧୫୩/୨୦୨୫) ରୁଜୁ ହୋଇ ପୋଲିସ ଅଟକ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଅତିଶୀଘ୍ର ଗିରଫ କରାଯିବ ବୋଲି ଥାନା ଆଇଆଇସି ରବୀନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

# ଯାଜପୁର ଜୋନାଲ ଚାମ୍ପିୟନ

**୧୫ ବର୍ଷରୁ କମ୍ ସିଏମ କପ୍ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ**

କେନ୍ଦୁଝର, ୩।୬ (ନରେଶ ଚନ୍ଦ୍ର ପଟ୍ଟନାୟକ)



ଚାମ୍ପିୟନ ଟିମ୍

ଫୁଟବଲ ଆସୋସିଏଶନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଜିଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୧୫ବର୍ଷରୁ କମ୍ ସିଏମ କପ୍ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଅପରାହ୍ନରେ କେନ୍ଦୁଝର ଜୋନର ଚୂଡାନ୍ତ ଖେଳରେ ଯାଜପୁର ଅନୁଗୋଳ ୨-୧ ଗୋଲରେ ବିଜୟ ହାସଲ କରି ଜୋନାଲ ଚାମ୍ପିୟନ ହେବା ସହ ସେମିଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଆସନ୍ତା ୫ ତାରିଖରେ ସେମିଫାଇନାଲ ରାଉଣ୍ଡରେ ଯାଜପୁର ସମ୍ବଲପୁର ଜୋନର ବିଜେତାକୁ ଭେଟିବ। ଆସନ୍ତା ୮ରେ ରାଉରକେଲାଠାରେ ସିଏମ୍ ଟ୍ରଫି ପ୍ରଥମ ସଂସ୍କରଣର ଫାଇନାଲ ଖେଳ ଅନୁଷ୍ଠିତ ହେବ। ପ୍ରଥମାର୍ଦ୍ଧ ଖେଳର ଏକାଦଶ ମିନିଟରେ ଯାଜପୁରର ୩ ନମ୍ବର ଖେଳାଳୀ ବାବନ ଗାଗରାଇ ଦଳ ପକ୍ଷରୁ ଗୋଲର ଶୁଭାରମ୍ଭ କରି ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ୨୫ତମ ମିନିଟରେ ଅନୁଗୋଳର ରାଇଟ ଉଇଙ୍ଗାର ବିଜୟ ମୁର୍ମୁ ଏକ ଦର୍ଶନୀୟ ଗୋଲ ଜରିଆରେ ଏହାକୁ ପରିଶୋଧ କରିଦେଇଥିଲେ। ମାତ୍ର ୩୩ତମ ମିନିଟରେ ଯାଜପୁରର ୧୧ ନମ୍ବର ଖେଳାଳି ଲକ୍ଷ୍ମଣ ମୁଣ୍ଡା ଅନ୍ୟ ଏକ ଚିତ୍ତାକର୍ଷକ ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ନେଇଥିଲେ । ଯାଜପୁରର ମିଡ଼ ଫିଲଡ଼ର ୯ ନମ୍ବର ଜର୍ସି କୁନା ମାଝି ଅତି ଚମତ୍କାର ପାସ୍ ଦେଇ ପୁରୋଭାଗ ଖେଳାଳିଙ୍କୁ ସମ୍ପୂର୍ଣ୍ଣ ସକ୍ରିୟ କରାଇବାରେ ମୁଖ୍ୟ ଭୂମିକା ନେଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇ ଜିଲା କ୍ରୀଡା ସଂସ୍ଥାର ଉପସଭାପତି ସୁରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଜୋନାଲ ଚାମ୍ପିୟନ ଯାଜପୁର ଦଳ ଫାଓର କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସଙ୍କଠାରୁ ନଗଦ ୫୦ହଜାର ଟଙ୍କା ଗ୍ରହଣ କରିଥିବା ବେଳେ ରନର୍ସଅପ ଅନୁଗୋଳ ନଗଦ ୨୫ ହଜାର ଟଙ୍କା କେନ୍ଦୁଝର ଜିଲା ଭାଜପା ଉପସଭାପତି ଗଣେଶ୍ୱର ମହାନ୍ତଙ୍କଠାରୁ ଗ୍ରହଣ କରିଥିଲେ। ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ଅତିଥି ଭକ୍ତବଲ୍ଲଭ ଦାସ, ସୁରେଶ ଚନ୍ଦ୍ର ପଟ୍ଟନାୟକ ଏବଂ ଗୋପୀନାଥ ରାମଙ୍କ ସହ ଉଭୟ ଦଳର ଖେଳାଳିଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଏହି ଖେଳରେ ମହେଶ ପ୍ରଧାନ ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ରତ୍ନାକର ସୋରେନ ଓ ରାଇମୋହନ ମୁର୍ମୁ ଲାଇନରେ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଥିଲେ ସୀତାରାମ ହାଁସଦା । ଖେଳରେ ଜିଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ. ଜନାର୍ଦ୍ଦନ ଦାଶ, ଉପସଭାପତି ସୁରେଶ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ, ସଂଗ୍ରାମ ପଟ୍ଟନାୟକ, କୋଷାଧ୍ୟକ୍ଷ ସରୋଜ ରଣା, କାଉନସିଲ ମେମ୍ବର ଗିରୀଶ ହୋତା, ସୁରେଶ ରଣା ଉପସ୍ଥିତ ରହି ଉତ୍ସାହିତ କରିଥିଲେ।

# ଦିବ୍ୟାଙ୍ଗଙ୍କ ବିକାଶ ପାଇଁ ଜିଲାସ୍ତରୀୟ କମିଟି ବୈଠକ





ଜିଲାସ୍ତରୀୟ କମିଟି ବୈଠକରେ ବିଭାଗୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ଢେଙ୍କାନାଳ,୩।୬(ରତନ ନାୟାର)**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦଭାବନା ଗୃହଠାରେ ୩୧ ତାରିଖ ପୂର୍ବାହ୍ନରେ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠିଙ୍କ ଅଧ୍ୟକ୍ଷତାରେ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କ ସାମଗ୍ରିକ ବିକାଶ ସମ୍ପର୍କିତ ଜିଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଆର୍ଥିକ, ସାମାଜିକ ସୁରକ୍ଷା ପ୍ରଦାନ ସହ ସେମାନେ ଯେପରି ସମ୍ମାନର ସହ ଜୀବନଯାପନ କରିପାରିବେ ସେଥିପାଇଁ କମିଟିର ସମସ୍ତ ସଦସ୍ୟ ନିଷ୍ଠାର ସହ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଜିଲା ସମାଜ ସୁରକ୍ଷା ଅଧିକାରୀ ନରେଶ ଚନ୍ଦ୍ର ସ୍ୱାଇଁ ସରକାରଙ୍କ ପକ୍ଷରୁ ଦିବ୍ୟାଙ୍ଗମାନଙ୍କ ସାମଗ୍ରିକ ବିକାଶ ପାଇଁ ହେଉଥିବା କାର୍ଯ୍ୟକ୍ରମ ସଂପର୍କରେ ଅବଗତ କରାଇଥିଲେ। ଦିବ୍ୟାଙ୍ଗମାନଙ୍କ ବିକାଶ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ୪୧ ଜଣିଆ କମିଟି ଗଠନ କରାଯାଇଛି। ହିତାଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସୁଯୋଗ ସୁବିଧା ପ୍ରଦାନ କରାଯିବା ପାଇଁ କମିଟିର ସଦସ୍ୟମାନେ କାର୍ଯ୍ୟପନ୍ଥା ଗ୍ରହଣ କରିଥାନ୍ତି ବୋଲି ସେ ପ୍ରକାଶ କରିଥିଲେ। ୨୧ଟି ବର୍ଗର ଭିନ୍ନକ୍ଷମମାନଙ୍କ ସୁରକ୍ଷା ପାଇଁ ଥିବା ଆଇନଗତ ବ୍ୟବସ୍ଥା, ମୁଖ୍ୟସ୍ରୋତରେ ସାମିଲ୍ କରାଇବା ପାଇଁ ସମାନ ଅଧିକାର ପ୍ରଦାନ, ଜାତୀୟ ଟ୍ରଷ୍ଟ ଆକ୍ଟରେ ଥିବା ଆଇନଗତ ବ୍ୟବସ୍ଥା, ସେମାନଙ୍କ ଶିକ୍ଷା ଗ୍ରହଣ, ସରକାରୀ ଚାକିରିରେ ସ୍ଥାନ ସଂରକ୍ଷଣ, ଶିକ୍ଷା ବୃତି ପ୍ରଦାନ, ବିଭିନ୍ନ ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟ ସେବା, ଭିନ୍ନକ୍ଷମ ଚିହ୍ନଟ ଓ ପ୍ରମାଣପତ୍ର ପ୍ରଦାନ, ଆତ୍ମନିର୍ଭରଶୀଳ କରିବା ପାଇଁ ଋଣ ପ୍ରଦାନ, ଯାତାୟାତ ନିମନ୍ତେ ବସ୍ ଓ ଟ୍ରେନରେ ପାସ୍ ପ୍ରଦାନ, ଗୃହ ଯୋଗାଣ, ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା, ସ୍ୱତନ୍ତ୍ର ବିଦ୍ୟାଳୟରେ ହେଉଥିବା ଚିକିତ୍ସା ସେବା ଓ ବିଭିନ୍ନ ସହାୟକ ଉପକରଣ ପ୍ରଦାନ, ଭିନ୍ନକ୍ଷମ ମାନଙ୍କ ଚିହ୍ନଟ ଓ ବିଭିନ୍ନ ସହାୟତା ଯୋଗାଇ ଦେବାରେ ସ୍ଥାନୀୟ ମୁଖିଆ ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଉପସ୍ଥିତ ସଦସ୍ୟମାନଙ୍କୁ ପିପିଟି ମାଧ୍ୟମରେ ଅବଗତ କରାଇଥିଲେ । ବୈଠକରେ ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନୀଳମଣି ଦିଲିପଚାନ୍ଦ ବେହେରାଙ୍କ ଓ କମିଟିର ସଦସ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଢେଙ୍କାନାଳ ଗସ୍ତ ଆଜି



ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମାବେଶ ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି ।

**ଢେଙ୍କାନାଳ,୩।୬(ରତନ ନାୟାର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଅପରାହ୍ନ ୪ଟା ସମୟରେ ଢେଙ୍କାନାଳ ଗସ୍ତରେ ଆସି ସ୍ଥାନୀୟ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆରେ ଏକ ବିଶାଳ ସମାବେଶରେ ଯୋଗଦେବେ। ଏହି ଅବସରରେ ସେ ଢେଙ୍କାନାଳ ମେଡିକାଲ କଲେଜ ସମ୍ପର୍କରେ ଘୋଷଣା କରିବା ସହିତ ବିଶ୍ୱ ପ୍ରସିଦ୍ଧ ମହିମାଧର୍ମର ପୀଠ ମହିମାଗାଦୀର ବିକାଶ ପାଇଁ ମଞ୍ଜୁର ହୋଇଥିବା ୧୭୧କୋଟି ଟଙ୍କା ସମ୍ପର୍କରେ ମଧ୍ୟ ଘୋଷଣା କରିବେ। ସେହିପରି ପୌରାଞ୍ଚଳର ୯ନଂ ୱାର୍ଡ ବନମାଳୀ ପ୍ରସାଦ ନିକଟରେ ଏକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ଛାଟିଆ ଗ୍ରାମ ନିକଟରେ ଆଇନକ୍ସ ୱିଣ୍ଡ୍ ନାମକ ଏକ ନୂତନ କମ୍ପାନୀର ଶିଳାନ୍ୟାସ କରିବେ। ଏତଦବ୍ୟତୀତ ବିଭିନ୍ନ ପ୍ରକଳ୍ପର ଶୁଭଦେବାର କାର୍ଯ୍ୟକ୍ରମ ରହିଥିବା ଭାଜପା ମିଡିଆ ସେଲ ପ୍ରଭାରୀ ନବକିଶୋର ଗୁରୁଙ୍କ ପକ୍ଷରୁ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଉପଲକ୍ଷେ ସୋମବାର ଢେଙ୍କାନାଳ ଠାରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କ ଉପସ୍ଥିତିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସକାଳେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦଳୀୟ କର୍ମକର୍ତ୍ତାଙ୍କ ସହ ପଲ୍ଲିଶ୍ରୀ ମେଳା ପଡିଆ ଯାଇ ସମାବେଶ ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ। ମଧ୍ୟାହ୍ନରେ ଜିଲାପାଳ ଓ ଏସ୍‌ପି ପଲ୍ଲିଶ୍ରୀ ମେଳା ପଡିଆ ଯାଇ ସମାବେଶର ପ୍ରସ୍ତୁତି ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିବା ଜଣାପଡିଛି।

# ଯୁବକଙ୍କୁ ଆକ୍ରମଣ ଅଭିଯୋଗ

**ବଇଣ୍ଡା,୩।୬(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଗୋପୀନାଥପୁର ଗ୍ରାମର ହୃଷୀ ପ୍ରଧାନଙ୍କୁ ସେହି ଗ୍ରାମର ସହଦେବ ନାୟକ ପଥରରେ ମୁଣ୍ଡ ଓ ଛାତିକୁ ଆକ୍ରମଣ କରିଥିବା ହୃଷୀ ସୋମବାର ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୧୫୦/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ହୃଷୀ ଓ ସହଦେବ ସେହି ଗ୍ରାମର ଦୁଃଖିଆ ପ୍ରଧାନଙ୍କ ଘର ଛପର କରିବା ପାଇଁ ଯାଇଥିଲେ। ସେଠାରେ ହୃଷୀ ଖାଇଥିବା ବେଳେ ସହଦେବ ଖାଇ ନ ଥିଲେ। ଏ ନେଇ ହୃଷୀ ସହଦେବଙ୍କୁ ପଚାରିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ସହଦେବ ପଥରରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ହୃଷୀ ଉଲ୍ଲେଖ କରିଛନ୍ତି।

# ଉପଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ୫ ଆଦିବାସୀ ସଙ୍ଗଠନ





ଆଦିବାସୀ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କାମାକ୍ଷାନଗର, ୩।୬ (ସୁଧୀର କୁମାର ପରିଡ଼ା)**

ପଡ଼ାଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା, ଆଦିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ପ୍ରଦାନ ଓ ଜଙ୍ଗଲ ଜମିରୁ ଆଦିବାସୀଙ୍କୁ ଉଚ୍ଛେଦ ପ୍ରତିବାଦରେ ବିଶାଳ ଶୋଭାଯାତ୍ରା କରିବା ସହ କାମାକ୍ଷାନଗର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି ଢେଙ୍କାନାଳ ଜିଲାର ୫ ଆଦିବାସୀ ସଂଗଠନ। ସ୍ଥାନୀୟ ଜିରିଠାରୁ ଶତାଧିକ ଆଦିବାସୀ ଏକତ୍ରିତ ହୋଇ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଓ ବେଶଭୁଷା ପରିଧାନ କରି ରାଜ୍ୟ ସରକାରଙ୍କ ଆଦିବାସୀମାରଣ ନୀତି ବିରୋଧରେ ଗର୍ଜିବା ସହ କାମାକ୍ଷାନଗର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ମିଳିତ ଆଦିବାସୀ ସଂଘର୍ଷ ମଞ୍ଚ, ଆଦିବାସୀ ଚେତନା ସଂଗଠନ, ହୋ ସମାଜ କ୍ରିୟାନୁଷ୍ଠାନ କମିଟି, ଭାରତଜାକାତ ମାଝୀ, ପାରଗଣା ମହଲ ଓ ଡ. ବି ଆର. ଆମ୍ବେଡକର ମୂଳନିବାସୀ ଦଳିତ ସଙ୍ଘ ପ୍ରମୁଖ ୫ଟି ଆଦିବାସୀ ସଂଗଠନ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୮ ଦଫା ସମ୍ବଳିତ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ସରକାର ଯଦି ଆଦିବାସୀମାନଙ୍କ ନ୍ୟାଯ୍ୟଦାବି ପ୍ରତି ଅଣଦେଖା କରନ୍ତି ଓ କୌଣସି ଦାବି ପୂରଣ ନ କରନ୍ତି ତାହେଲେ ଲକ୍ଷ ଲକ୍ଷ ଆଦିବାସୀ ଏକାଠି ହୋଇ ସରକାରଙ୍କୁ ଘେରିବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

# କୂଅ ମଧ୍ୟରୁ ବୃଦ୍ଧ ଉଦ୍ଧାର

**ଢେଙ୍କାନାଳ,୩।୬(ରତନ ନାୟାର)**

ଢେଙ୍କାନାଳ ଜିଲା ଗଁନ୍ଦିଆ ଥାନା ରାଧାଦେଇପୁର ନୁଆପଡା ଗ୍ରାମରେ ମଙ୍ଗଳବାର ସକାଳ ୭ଟା ସମୟରେ ସଦାନନ୍ଦ ସାହୁ(୭୩) ନାମକ ଜଣେ ବୃଦ୍ଧଙ୍କୁ ଅଗ୍ନିଶମ ସେବାସଂସ୍ଥା ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି । କୂଅରେ ପାଣି ନଥିବା ବେଳେ ସଦାନନ୍ଦ ଗଭୀର କୂଅ ମଧ୍ୟରେ ଖସିପଡିଥିଲେ । ଗଁନ୍ଦିଆ ଅଗ୍ନିଶମ ଅଧିକାରୀ ଦିନବନ୍ଧୁ ମଲ୍ଲିକ, ସନ୍ତୋଷ କୁମାର ଷଣ୍ଢ, ଦେବଦତ୍ତ ଦାସ, ମନୋଜ କୁମାର ସିଙ୍ଗ, ରାଜ କିଶୋର ମହାନ୍ତି, ପ୍ରେମାନନ୍ଦ ଗିରିତିଆ ପ୍ରମୁଖ ସଦାନନ୍ଦଙ୍କୁ ଉଦ୍ଧାର କରିଥିଲେ।

# ବୋରାପଦା-ଗହମଖୁଣ୍ଟି ରାସ୍ତାରେ ଦନ୍ତାହାତୀ



**ଢେଙ୍କାନାଳ,୩।୬(ରତନ ନାୟାର)**

**ଏକ ଘଣ୍ଟା ରାସ୍ତାରେ ଛିଡ଼ା ହେବାରୁ ଯାତ୍ରୀ ଆତଙ୍କିତ**

ଢେଙ୍କାନାଳ ସହର ଉପକଣ୍ଠରେ ଥିବା ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ବୋରାପଦା-ଗହମଖୁଣ୍ଟି ରାସ୍ତାରେ ବୋରାପଦା ପାଖ ଏକ ଫାର୍ମ ହାଉସ ନିକଟରେ ଗୋଟିଏ ଦନ୍ତାହାତୀ ମଙ୍ଗଳବାର ଅପରାହ୍ନରେ ପ୍ରାୟ ଏକଘଣ୍ଟା ଧରି ରାସ୍ତାରେ ଛିଡ଼ା ହୋଇ ରହିଥିଲା । ଫଳରେ ଉକ୍ତ ରାସ୍ତା ଦେଇ ଗୋବିନ୍ଦପୁର, କାଇମାଟି, କୁକୁଡାଝର, ଗହମଖୁଣ୍ଟି ଯୋରନ୍ଦା ଓ କପିଳାସ ଆଦି ସ୍ଥାନକୁ ଯାଉଥିବା ଦୁଇଚକିଆ ଓ ଚାରିଚକିଆ ଯାନର ଯାତ୍ରୀ ମାନେ ଏକଘଣ୍ଟା ଧରି ରାସ୍ତାରେ ଅଟକି ରହିଥିଲେ । ହାତୀଟି ରାସ୍ତାରେ ସ୍ଥିର ହୋଇ ରହିବାରୁ ଯାତ୍ରୀମାନେ ଆତଙ୍କିତ ହୋଇପଡିଥିଲେ । ଖବରପାଇ ବନବିଭାଗ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ହାତୀଟିକୁ ଘଉଡାଇବାକୁ ଉଦ୍ୟମ କରି ମଧ୍ୟ ପାରିନଥିଲେ। ସନ୍ଧ୍ୟାହେବା ପରେ ହାତୀଟି ଧୀରେ ଧୀରେ ରାସ୍ତା କଡ଼ରେ ଥିବା ଜଙ୍ଗଲ ମଧ୍ୟକୁ ପଳାଇଥିବା ଜଣାପଡିଛି ।

# ନାବାଳିକା ଅପହରଣ ଅଭିଯୋଗ, ଜଣେ ଗିରଫ

**ଛେଣ୍ଡିପଦା,୩।୬(ଅଜିତ୍ ଧଳ)**

ଅନୁଗୋଳ ଜିଲା ଜରପଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ ଜରପଡା ଥାନା କାତଡା ଗାଁର ପପୁ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ପପୁ ସେହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଭଲ ପାଉଥିଲେ । ସେ ଗତ ମେ ୨୬ ତାରିଖରେ ସମ୍ପୃକ୍ତା ନାବାଳିକାଙ୍କୁ ନେଇ ଫେରାର୍ ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ମା' ଜରପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ ୨୨୩/୨୫ରେ ଏକ ମାମଲା ରୁଜୁ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ପୋଲିସ ଘଟଣାର ତଦନ୍ତ କରିବା ପରେ ପପୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ନିଶ୍ଚିନ୍ତା ଓ ରାୟଗଡ଼ା ପଥରଖଣିକୁ ଅଚାନକ ପରିଦର୍ଶନ

**ଢେଙ୍କାନାଳ,୩।୬(ରତନ ନାୟାର)**



ନିଶ୍ଚିନ୍ତା ଓ ରାୟଗଡା ଅଞ୍ଚଳରେ ଥିବା ପଥରଖଣିଗୁଡିକୁ ବନବିଭାଗ ଓ ପ୍ରଶାସନର ଅଚାନକ ପରିଦର୍ଶନ।

ଢେଙ୍କାନାଳ ଜିଲା ଗଁନ୍ଦିଆ ତହସିଲ ନିହଲ ପ୍ରସାଦ ଥାନା ନିଶ୍ଚିନ୍ତା ପାହାଡ ଜଙ୍ଗଲ ଓ ରାୟଗଡା ଅଞ୍ଚଳରେ ଥିବା ପଥରଖଣି ଗୁଡିକୁ ମଙ୍ଗଳବାର ସକାଳେ ପ୍ରଶାସନ, ବନବିଭାଗ ଓ ଖଣି ବିଭାଗ ପକ୍ଷରୁ ଅଚାନକ ପରିଦର୍ଶନ କରାଯାଇଥିଲା। ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ, ଗଁନ୍ଦିଆ ତହସିଲଦାର ସତ୍ୟଜିତ ମହାପାତ୍ର ଓ ଖଣି ବିଭାଗର ଅଧିକାରୀ ଡମ୍ବରୁଧର ମହନ୍ତ ମିଳିତ ଭାବେ ଅଚାନକ ପରିଦର୍ଶନ କରିଥିଲେ। ଢେଙ୍କାନାଳ ଜିଲା ପଟରୁ ଥିବା ପଡୋଶୀ ଜିଲା ଯାଜପୁର ପଟରୁ ଉକ୍ତ ଅଞ୍ଚଳରେ ଥିବା ବେଆଇନ ଖଣି ଗୁଡିକରେ ପଥର ବ୍ୟବସାୟୀମାନେ ଚୋରା ପଥର ଖନନ କରି ଚାଲାଣ କରୁଛନ୍ତି କି ନାହିଁ, ଏ ସମ୍ପର୍କରେ ଅଧିକାରୀମାନେ ଯାଞ୍ଚ କରିଥିଲେ। ଖୁବଶୀଘ୍ର ଉକ୍ତ ଅଞ୍ଚଳରେ ଢେଙ୍କାନାଳ ଓ ଯାଜପୁର ଜିଲା ମଧ୍ୟରେ କେଉଁ କେଉଁ ଖଣି ଯାଉଛି, ଏହାକୁ ଚିହ୍ନଟ କରାଯିବ ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ କୁହନ୍ତି ଯେ, ଉକ୍ତ ଅଞ୍ଚଳରେ ବେଆଇନ ଭାବେ ପଥର ଚାଲାଣ ହେଉଛି କି ନାହିଁ ତାହା ଅନୁଧ୍ୟାନ କରିବା ପାଇଁ ବନବିଭାଗ ଓ ଖଣି ବିଭାଗ ସମେତ ପ୍ରଶାସନ ପକ୍ଷରୁ ଅଚାନକ ପରିଦର୍ଶନ କରାଯାଇଥିଲା। ଚୋରାଚାଲାଣ ପ୍ରାୟ ହେଉନଥିବା ଜଣାପଡିଥିଲା। ସକାଳେ ଉକ୍ତ ଅଞ୍ଚଳଠାରୁ କିଛି ଦୂରରେ ଏକ ଟ୍ରାକ୍ଟରରେ ପଥର ଚାଲାଣ ହେଉଥିବା ଜାଣି ନିହଲ ପ୍ରସାଦ ପୋଲିସ ଏହାକୁ ଜବତ କରିଛନ୍ତି। ଜିଲାପାଳଙ୍କ ସହ ଆଲୋଚନା ପରେ ଖୁବଶୀଘ୍ର ଉଭୟ ଜିଲାର ଅଧିକାରୀମାନଙ୍କ ସହ ମିଳିତ ଭାବେ ଉକ୍ତ ଅଞ୍ଚଳରେ ମାପଚୁପ କରାଯାଇ ଉଭୟ ଜିଲା ମଧ୍ୟରେ ଯାଉଥିବା ଖଣିଗୁଡିକୁ ଚିହ୍ନଟ କରାଯିବ ବୋଲି ଉପଜିଲାପାଳ କହିଥିଲେ। ନିଶ୍ଚିନ୍ତା ପାହାଡ଼ରେ ପ୍ରଶାସନ ପକ୍ଷରୁ ୧୬୩ ଧାରା ଜାରି ହୋଇଥିବା ବେଳେ ପଥର ବ୍ୟବସାୟୀମାନେ ବ୍ୟାପକ ଚୋରାରେ ଖନନ କରି ବାହାରକୁ ଚାଲାଣ କରୁଥିଲେ। ବାରମ୍ବାର ପ୍ରଶାସନ ପକ୍ଷରୁ ଚଢାଉ ପରେ ଉକ୍ତ ଅଞ୍ଚଳରେ ଚୋରାଚାଲାଣ କମିଥିବା ଜଣାପଡିଛି ।

# ଭୁଜାଲିରେ ଆକ୍ରମଣ କରି ଗହଣା ଦୋକାନୀଙ୍କଠୁ ଲୁଟ୍

**ବସ୍ତା, ୩।୬(ହରିଶଙ୍କର ପାଢ଼ି)**

ବାଲେଶ୍ୱର ଜିଲା ବସ୍ତା ଥାନା ପ୍ରୋଜେକ୍ଟ ବଜାରରେ ଗହଣା ଦୋକାନୀ ଜୟରାମ ଦାସଙ୍କୁ ଭୁଜାଲିରେ ହାଣି ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଖବରପାଇ ପରିବାର ଓ ସମ୍ପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ଜୟରାମଙ୍କୁ ମେଡିକାଲରେ ଚିକିତ୍ସା କରାଇ ମଙ୍ଗଳବାର ସକାଳେ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଧୋବାଚାକୁରାଇ ଗ୍ରାମର ଜୟରାମ ମାଥାନୀସ୍ଥିତ ପ୍ରୋଜେକ୍ଟ ବଜାରରେ ଦୀର୍ଘ ଦିନ ହେବ ଗହଣା ଦୋକାନ କରିଆସୁଥିଲେ। ସବୁଦିନ ଭଳି ଗତ ସୋମବାର ରାତି ୧୦ଟା ୪୦ ମିନିଟ୍‌ରେ ଦୋକାନ ବନ୍ଦ କରି ନିଜର ବାଇକ ଯୋଗେ ଘରକୁ ଯାଉଥିବା ବେଳେ ରାସ୍ତାରେ ୩ଜଣ ଦୁର୍ବୃତ୍ତ ଗାଡିକୁ ଅଟକାଇ ଭୁଜାଲିରେ ଆକ୍ରମଣ କରିଥିଲେ। ଏହି ସମୟରେ ଜୟରାମ ଗାଡିରୁ ତଳେ ପଡିଯାଇ ଚିତ୍କାର କରୁଥିବା ବେଳେ ଦୁର୍ବୃତ୍ତମାନେ ଗାଡି ଡିକିରେ ଥିବା ଗହଣା ବ୍ୟାଗକୁ ନେଇ ପଳାଇଥିଲେ।

# ନାଟ୍ୟ ଅଭିନେତା ବିପିନ ତ୍ରିପାଠୀଙ୍କ ପରଲୋକ

**କାମାକ୍ଷାନଗର, ୩।୬ (ସୁଧୀର କୁମାର ପରିଡ଼ା)**



ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ବରିଷ୍ଠ ନାଟ୍ୟ ଅଭିନେତା ତଥା ନିର୍ଦ୍ଦେଶକ ବିପିନ ତ୍ରିପାଠୀଙ୍କ ମଙ୍ଗଳବାର ସକାଳେ ୭୨ ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଯାଇଛି। ସେ ଜଣେ ଜଣାଶୁଣା ବେତାର ଶିଳ୍ପୀ, ଅଭିନେତା, ମଞ୍ଚ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ଭାବରେ କାମାକ୍ଷାନଗର ଅଞ୍ଚଳରେ ବେଶ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ କାମାକ୍ଷାନଗର ଅଞ୍ଚଳରେ କଳା ଜଗତରେ ଅପୂରଣୀୟ କ୍ଷତି ହୋଇଥିବା ବେଳେ କାମାକ୍ଷାନଗର ଅଞ୍ଚଳର ବହୁ ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତି, ଖବରଦାତା ଓ ବହୁ କଳାକାର ଓ କଳାପ୍ରେମୀ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସେ ଜଳସେଚନ ବିଭାଗରେ କିରାଣି ଭାବେ କାର୍ଯ୍ୟ କରିଥିବା ବେଳେ କଳାକାର ଓ ନିର୍ଦ୍ଦେଶକ ଭାବେ ରାଜ୍ୟର ବିଭିନ୍ନ ସ୍ଥାନରୁ ସମ୍ବର୍ଦ୍ଧିତ ହେବା ସହ କାମାକ୍ଷାନଗର ଅଞ୍ଚଳର ବହୁ ଅନୁଷ୍ଠାନ ସହ ଜଡିତ ଥିଲେ । ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ଥିବାବେଳେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପର୍ଣ୍ଣ କରାଯାଇଛି।

# ଜିଲାସ୍ତରୀୟ କମିଟିର ସୁପାରିସ୍, ପ୍ରଯୁଜ୍ୟ ଦଲିଲ ପଠାଇବା ପାଇଁ ପତ୍ର

**ଢେଙ୍କାନାଳ,୩।୬(ରତନ ନାୟାର)**

**ଗଣେଶଖୋଲା ଓ ଦୌଡ଼େଶ୍ୱର ପୀଠକୁ ପର୍ଯ୍ୟଟନ ମାନ୍ୟତା ପ୍ରଦାନ ମାମଲା**

ଢେଙ୍କାନାଳ ଜିଲା ଗଁନ୍ଦିଆ ବ୍ଲକ ବ୍ରାହ୍ମଣୀ ନଦୀ କୂଳରେ କରମୂଳ ପଞ୍ଚାୟତରେ ଥିବା ଦୌଡେଶ୍ୱର ପୀଠ ଓ ଗଣେଶଖୋଲା ପୀଠକୁ ପର୍ଯ୍ୟଟନ ସ୍ଥଳିର ମାନ୍ୟତା ପ୍ରଦାନ କରିବା ପାଇଁ ଓଡିଶା ପର୍ଯ୍ୟଟନ ବିଭାଗର ଯୁଗ୍ମ ଶାସନ ସଚିବଙ୍କ ପକ୍ଷରୁ ଢେଙ୍କାନାଳ ଜିଲାପାଳଙ୍କୁ ଏକ ପତ୍ର ପ୍ରଦାନ କରାଯାଇଛି। ଏଥିରେ ନୂତନ ପର୍ଯ୍ୟଟନ କ୍ଷେତ୍ରରେ ମାନ୍ୟତା ପାଇଁ ଜିଲାସ୍ତରୀୟ କମିଟିର ସୁପାରିଶ ସହିତ ପ୍ରଯୁଜ୍ୟ ଦଲିଲ ଏବଂ ନିର୍ଦ୍ଧାରିତ ସର୍ଭେ ଫର୍ମାଟରେ ନିୟମ ଅନୁଯାୟୀ ପ୍ରସ୍ତାବଗୁଡିକ ଦାଖଲ କରିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି। ୩ ତାରିଖରେ ଏହି ପତ୍ର ପ୍ରଶାସନ ନିକଟକୁ ପଠାଯାଇଛି । ଏହାର ଏକ ନକଲ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କୁ ମଧ୍ୟ ପ୍ରଦାନ କରାଯାଇଛି । ଏହି ଦୁଇଟି ପର୍ଯ୍ୟଟନ ସ୍ଥଳିକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମାନ୍ୟତା ପ୍ରଦାନ ପାଇଁ ଢେଙ୍କାନାଳ ସ୍ୱାଭିମାନ ମଂଚର ସଭାପତି ପୂର୍ବତନ ବିଧାୟକ ନବୀନ ନନ୍ଦ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କୁ ପତ୍ରଲେଖି ଅନୁରୋଧ କରିଥିଲେ । ଏହି ପତ୍ରର ଏକକିତା ନକଲ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଅବଗତି ପାଇଁ ଅନୁରୋଧ କରିଥିଲେ । ଏହି ପୁରାତନ ମନ୍ଦିରକୁ ବର୍ତ୍ତମାନ ରାଜ୍ୟ ପ୍ରତ୍ନତତ୍ୱ ବିଭାଗ ପକ୍ଷରୁ ପୁନରୁଦ୍ଧାର କରାଯାଉଛି । ଏହି ଦୁଇଟି ପୀଠକୁ ବର୍ଷର ବିଭିନ୍ନ ସମୟରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସିଥାନ୍ତି।

# ଅପହରଣ, ବଳାତ୍କାର ଅଭିଯୁକ୍ତ ଗିରଫ

ସନ୍ତ୍ରଛକ,୩।୬(ସନ୍ତୋଷ ପରିଡ଼ା): ଅନୁଗୋଳ ଜିଲା ବଅଁରପାଳ ପୋଲିସ ଜଣେ ନାବାଳିକାଙ୍କୁ ଅପହରଣ ଏବଂ ବଳାତ୍କାର ଅଭିଯୋଗରେ ମଙ୍ଗଳବାର ବନ୍ତଳା ଥାନା ତେଲିସିଙ୍ଗା ଖଣ୍ଡା ଗ୍ରାମର ସତ୍ୟପ୍ରକାଶ ନାୟକ(୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, ସତ୍ୟପ୍ରକାଶ ଜଣେ ନାବାଳିକାଙ୍କୁ ଗତ ୨୩ ତାରିଖରେ କଲେଜ ନିକଟରୁ ନେଇ ପଳାଇଥିଲେ। ପରିବାର ଲୋକଙ୍କ ଅଭିଯୋଗକ୍ରମେ ଘଟଣାର ତଦନ୍ତ କରି ଏସ୍‌ଆଇ ମାନସ କୁମାର ମିଶ୍ର ସୋମବାର ବିଶାଖାପାଟଣା ଦୀପାଞ୍ଜଳି ନଗରରୁ ପ୍ରେମୀଯୁଗଳଙ୍କୁ ଥାନାକୁ ଆଣିବା ପରେ ଉଭୟଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ପରିବାରବର୍ଗଙ୍କୁ ଝିଅକୁ ହସ୍ତାନ୍ତର କରାଯାଇଥିବାବେଳେ ଅଭିଯୁକ୍ତ ସତ୍ୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି।

# ସରକାରୀ ଜମିରୁ ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଢେଙ୍କାନାଳ,୩।୬(ରତନ ନାୟାର)**



ଦାବିପତ୍ର ଦେବାକୁ ଆସିଥିବା ଏଏପି ସଦସ୍ୟମାନେ।

ଢେଙ୍କାନାଳ ଜିଲାରେ ଜବର ଦଖଲରେ ଥିବା ସରକାରୀ ଜମିରୁ ଉଚ୍ଛେଦ ପାଇଁ ଏଏପି ପାର୍ଟି ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାରେ ଥିବା ପାହାଡ, ପର୍ବତ, ଗୋଚର, ଶ୍ମଶାନ କିସମ ଜମିକୁ କିଛି ମୁଷ୍ଟିମେୟ ବ୍ୟକ୍ତି ଦୀର୍ଘଦିନରୁ ଜବରଦଖଲ କରିଆସୁଛନ୍ତି। ପରେ ସରକାରୀ କର୍ମଚାରୀଙ୍କୁ ହାତକରି ନିଜ ନାମରେ ରେକର୍ଡଭୁକ୍ତ କରୁଛନ୍ତି। ଏଭଳି ଜମି ଗୁଡିକୁ ଉଚ୍ଛେଦ କରାଯାଇ ଏହାକୁ ରାଜ୍ୟ ସରକାରଙ୍କ ଖାତାକୁ ଆଣିବା ନିମନ୍ତେ ଏଏପି ପକ୍ଷରୁ ଦାବି କରାଯାଇଛି। ଯତନ ନଗର ଅଞ୍ଚଳରେ ଥିବା ୧୯ଏକର ଜାଗା କିସମ ପର୍ବତ ଥିବା ବେଳେ ଏହାମଧ୍ୟ ଜବର ଦଖଲ ହୋଇଛି। ଏହାର ଦର ପ୍ରାୟ ୨୦କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଜିଲାରେ ଅନେକ ଭୂମିହୀନ ଲୋକ ଭଡାଘରେ ରହୁଥିବା ବେଳେ ଢେଙ୍କାନାଳ ସହରରେ ସରକାରୀ ଅନୁଷ୍ଠାନ, ଯାନବାହାନ ପାର୍କି, ସାଧାରଣ ଲୋକଙ୍କ ପାଇଁ ପାର୍କଟିଏ କରିବା ପାଇଁ ସରକାରୀ ଜାଗାଟିଏ ମିଳୁନି। ସେହିପରି ଜିଲାର ଅନେକ ଗୁଡିଏ ଜଳାଶୟକୁ ପୋତାଯାଇ କିସମ ପରିବର୍ତନ କରାଯାଇ ବିକ୍ରି ହୋଇଛି। ଏସବୁକୁ ତଦନ୍ତ କରିବା ପାଇଁ ଦାବି ହୋଇଛି। ଗତ ୧୦ବର୍ଷ ଭିତରେ କିସମ ପରିବର୍ତ୍ତନ କରି ଯେଉଁ ଜମି ଗୁଡିକୁ କିଛି ବ୍ୟକ୍ତି ନିଜ ନାମରେ ରେକର୍ଡଭୁକ୍ତ କରିଛନ୍ତି, ଏହାକୁ ଖାରଜ କରାଯାଇ ଓଡିଶା ସରକାରଙ୍କ ନାମରେ ରେକର୍ଡଭୁକ୍ତ କରିବା ପାଇଁ ଦଳ ଦାବି କରୁଛି। ସହର ମଧ୍ୟରେ ଅନେକ ବ୍ୟକ୍ତି ନାଳ ଗୁଡିକ ଜବର ଦଖଲ କରି ବିକ୍ରି କରୁଛନ୍ତି। ସେଠାରେ ଦୋକାନ ଘର କରି ଭଡା ସୂତ୍ରରୁ ଲଗାଯାଉଛି। ଫଳରେ ଡ୍ରେନେଜ ବ୍ୟବସ୍ଥା ମଧ୍ୟ ହୋଇପାରୁନାହିଁ। ଏହାର ବିଧିବଦ୍ଧ ତଦନ୍ତ କରାଯାଇ ପଦକ୍ଷେପ ନେବା ପାଇଁ ଏଏପି ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କରେ ପଦକ୍ଷେପ ନହେଲେ ଦଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଏଏପିର ଢେଙ୍କାନାଳ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ଜିଲା ସଭାପତି ରମେଶଚନ୍ଦ୍ର ପଣ୍ଡା, ସଦର ନିର୍ବାଚନ ମଣ୍ଡଳୀ ସଭାପତି ରତି ରଞ୍ଜନ ଜେନା ପ୍ରମୁଖ ଦାବି କରିଥିଲେ। ଜିଲା ମିଡିଆ ପ୍ରଭାରୀ ସୁମନ୍ତ ଗୋଛାୟତ, ସଦର ବ୍ଲକ ସଭାପତି ରାଜ କୁମାର ପ୍ରଧାନ, ପ୍ରଶନ୍ନ ବରାଳ, ଓଡ଼ାପଡ଼ା ବ୍ଲକର ପିତାମ୍ବର ଦାସ, ଅନିଲ ନାଥ ଓ ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଜିତେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଫଳବଗିଚା ଯତ୍ନ



**ଆମ୍ବ**, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ିଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି. , ନଡ଼ିଆ – ୧ ମି. x ୧ ମି. x ୧ ମି. , କଦଳୀ – ୦.୪ ମି. x ୦.୪ ମି. x ୦.୪ ମି., କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି. । ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ। ଭାଙ୍ଗିପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫାକରି କମ୍ପୋଷ୍ଟ ଖାତରେ ଭରିଦିଅନ୍ତୁ।

# ଧାନ ବିହନ ବୁଣିବା ପୂର୍ବରୁ ଜମି ପ୍ରସ୍ତୁତି



## ଏ ମାସର କୃଷି ସୂଚନା

**ଧା**ନ ଚାଷକରିବା ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡକରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ସଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନ ବୁଣାଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨–୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣିସାରି ଥରେ ମଇ ଦେଇଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନକରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଚଉଡ଼ାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷା ଆଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ।

ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜାହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷାଋତୁରେ ମୋଟ ୬୦ ମିଲି ମି. ବର୍ଷା ହେବା ପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମି ଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପ ଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିପାଇଁ ଢିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ସକ୍ରିୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨–୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ । ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନଜନିତ ରୋଗରୁ ରକ୍ଷାକରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ + ଥିରାମ୍ ବା ୧ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣୀ ଶକ୍ତି ଥିବା କିସମର ଧାନଚାଷ କରନ୍ତୁ ।

**ମକା**

ମକାଚାଷ ପାଇଁ ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନକରି ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ପାଣି ଜମି ରହିଲେ ମକା ଗଛ ଭଲ ବଢ଼େ ନାହିଁ । ତେଣୁ ଜଳ ନିଷ୍କାସନର ସୁବିଧା କରନ୍ତୁ ।

**ଡାଲି ଜାତୀୟ ଫସଲ ଚାଷ**

ଜମି ପ୍ରସ୍ତୁତକରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

### ତୈଳବୀଜ ଜାତୀୟ ଫସଲ

**ଚିନାବାଦାମ**

ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ । ହେକ୍ଟର ପ୍ରତି ୨୫ ଗାଡ଼ି ସଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦୃତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

**ରାଶି**

ରାଶି ଚାଷ ପାଇଁ ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ବେଳକୁ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମ ଗୁଡ଼ିକ ହେଲା – କନକ, ଉଷା, ଉମା, ଅମ୍ରିତ୍, ପ୍ରାଚୀ, ନିର୍ମଳା, ସ୍ମାରକ ଓ ଶୁଭ୍ରା ।

–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର–୩

## ଆଖୁଚାଷ କରୁଥିଲେ...




**ଆଖୁ**ଚାଷ କରୁଥିଲେ ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଏହି ଫସଲ ୩–୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଗ୍ରାମା ଜାପୋନିକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ କିମ୍ବା ଥାୟାମେଥୋକ୍ସାମ୍ ୧୫୦ ଗ୍ରାମ୍/ହେକ୍ଟର (କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ କିମ୍ବା ଫିପ୍ରୋନିଲ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ବିଷ ପ୍ରୟୋଗ କରାଯାଇପାରେ।

## ସଫଳ ଚାଷୀ

**କୃଷ୍ଣଚନ୍ଦ୍ର ଓଝା / ହରିବନ୍ଧୁ ଓଝା**

## ସମନ୍ୱିତ ଚାଷ ସଫଳତା ଦେଇଛି



ହରିବନ୍ଧୁ ଓଝା



କୃଷ୍ଣଚନ୍ଦ୍ର ଓଝା

**ସ**ମନ୍ୱିତ ଚାଷକରି ବେଶ୍ ସ୍ୱାବଲମ୍ବୀ ହୋଇଛନ୍ତି ୨ ଭାଇ। କଠିନ ପରିଶ୍ରମ ସେମାନଙ୍କୁ ଆଣିଦେଇଛି ଆଶାତୀତ ସଫଳତା । ସେହି ୨ ଭାଇ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ମାଣିବନ୍ଧ ପଞ୍ଚାୟତ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର କୃଷ୍ଣଚନ୍ଦ୍ର ଓଝା ଏବଂ ହରିବନ୍ଧୁ ଓଝା । ଗାଁ ମୁଣ୍ଡରେ ବାପାଙ୍କ ଥିବା ୫ଏକର ଟାଙ୍ଗରା ଭୂଇଁରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି। ଜହ୍ନି, କାକୁଡ଼ି, ଝୁଡ଼ଙ୍ଗ, ଭେଣ୍ଡି, ଲାଉ, କଖାରୁ, ବିଲାତି ବାଇଗଣ, ଲଙ୍କା ସମେତ ବିଭିନ୍ନ କିସମର ଶାଗ ପଟାଳି। ଖରିଫ ଓ ରବି ଫସଲରେ ଧାନ, ଡାଲି ଜାତୀୟ ଫସଲ ସହ ଆମ୍ବ, ପିଜୁଳି, ନାରିକେଳ, ଅମୃତଭଣ୍ଡା, ଲିଚୁ,ପଣସ, ସପୁରି, କଦଳୀ, ଜାମୁ, ବରକୋଳି ପ୍ରଭୃତି ଫଳ ଫଳୁଛି । ବର୍ଷ ବର୍ଷ ଧରି ଦୂବ କଅଁଳୁ ନ ଥିବା ଏହି ବିଲରେ ଏବେ ସବୁ ପ୍ରକାର ଫସଲ ଶୋଭା ବର୍ଦ୍ଧନ କରୁଛି । ଏଥିସହ ଉଦ୍ୟାନ ବିଭାଗ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ କୁକୁଡ଼ା ଚାଷ, ବାୟୋ ଫ୍ଲକ୍ (ଜୈବିକ ପୁଞ୍ଜି) ମାଧ୍ୟମରେ ମାଛଚାଷ କରି ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ଅକ୍ଷୟତୃତୀୟା ଦିନ ଖୋର୍ଦ୍ଧା ଠାରେ ଜିଲାସ୍ତରୀୟ କୃଷକ ଦିବସ ପାଳନ ଅବସରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ୨ଭାଇଙ୍କୁ ସଫଳ ଚାଷୀ ଭାବେ ସମ୍ବର୍ଦ୍ଧିତ କରିଥିଲେ ।

ଏ ବିଷୟରେ ୨ ଭାଇ କୁହନ୍ତି, ''ଏହି ଜମି ଦୀର୍ଘ ବର୍ଷ ଧରି ପଡ଼ିଆ ପଡ଼ିଥିଲା । ଏଠାରେ ଆମେ ଫସଲ ଆଦାୟ ପାଇଁ ମନସ୍ଥ କରି କାମ ଆରମ୍ଭ କରିଥିଲୁ। କୃଷି ବିଭାଗ ସହ ଯୋଗାଯୋଗ କରି ପ୍ରଥମେ ମାଟି ପରୀକ୍ଷା କରାଗଲା । ପରବର୍ତ୍ତୀ ସମୟରେ କୃଷି ବିଭାଗର ପରାମର୍ଶ ଅନୁସାରେ ଭୂମିକୁ ପ୍ରସ୍ତୁତ କରିବା ପରେ ଖରିଫ ଫସଲ ସହ ପନିପରିବା ଚାଷ କରିଥିଲୁ। ଏଥିସହ ବିଲ ଚାରିପାଖରେ ଫଳ ଗଛ ଲଗାଇଲୁ। ଏଥିସହ ଋତୁ ଅନୁଯାୟୀ ଫଳଗଛ ସହ ଅଦା, ସୂର୍ଯ୍ୟମୁଖୀ ଚାଷ ଆରମ୍ଭ କରିଥିଲୁ । ବିଲରେ ପିଜୁଳି, ଅମୃତଭଣ୍ଡା, କଦଳୀ, ଆମ୍ବ ଫଳୁଥିବା ବେଳେ ଅନ୍ୟ ପଟେ ଶାଗ, ଧନିଆପତ୍ର, ପନିପରିବା ଲାଗିଛି । ସେପଟେ ଜୈବିକ ପୁଞ୍ଜି ଯୋଜନାରେ ୪ଟି ସିମେଣ୍ଟ କୁଣ୍ଡରେ ମାଛଚାଷ ଚାଲିଛି । ଏହାସହ ୫୦୦୦ କ୍ଷମତା ବିଶିଷ୍ଟ କୁକୁଡ଼ା ଫାର୍ମ ମଧ୍ୟ ଚାଲିଛି । ଆମେ ଦୁହେଁ ଏଥିରୁ ବାର୍ଷିକ ପ୍ରାୟ ୫ରୁ ୭ ଲକ୍ଷ ଟଙ୍କା ରୋଜଗାରକରି ଆତ୍ମନିର୍ଭର ହୋଇପାରିଛୁ। ଏହାବ୍ୟତୀତ ୧୨ଟି ପରିବାରକୁ କର୍ମସଂସ୍ଥାନ ଯୋଗାଇଦେଇଛୁ। ଚାକିରି ପଛରେ ନ ଗୋଡ଼ାଇ ନିଜ ପୈତୃକ ସମ୍ପତ୍ତିରେ ବିଲବାଡ଼ିରେ କାମ କରିବାକୁ ଇଚ୍ଛା କରିଥିଲୁ । ଅକ୍ଳାନ୍ତ ପରିଶ୍ରମ ସ୍ୱରୂପ ଏହି ଚାଷରେ ସଫଳତା ମିଳିଛି । ଆଜିର ଯୁବପିଢ଼ି ପାଠପଢ଼ି ଚାକିରି ପାଇଁ ବାହାର ରାଜ୍ୟକୁ ଯିବା ଅପେକ୍ଷା ଆଧୁନିକ ଜ୍ଞାନକୌଶଳ ପ୍ରୟୋଗକରି ବେଶ୍ ଲାଭାନ୍ୱିତ ହୋଇପାରିବେ । ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟଙ୍କୁ ମଧ୍ୟ ରୋଜଗାର ଦେଇପାରିବେ ।''

–ପ୍ରଭାତ ପାଣିଗ୍ରାହୀ

## ଅଧିକ ଅମଳକ୍ଷମ କାଜୁ ପାଇଁ...



**କାଜୁର** ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବି.ପି.ପି,ଭୁବନେଶ୍ୱର –୧,ଭି.ଆର.ଇ.–୨,ହାଇବ୍ରିଡ୍–୨–୧୭ କିସମ ବ୍ୟବହାର କରନ୍ତୁ। ଜୁଲାଇ ମାସ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟ ପ୍ରାପ୍ତ ଜମି ପାଇଁ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ରୁ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ୍ ସାର ପ୍ରୟୋଗ କରନ୍ତୁ।



## ନଳିତା ଚାଷରେ ଘାସ ବଛା

**ନ**ଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉ ଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳାକରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ । ଏହି ସମୟରେ ହେକ୍ଟର ପ୍ରତି ୨୦–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଏହି ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।


# ଅଣଧାନ ଫସଲ ଚାଷ ସମୟରେ...



**ଧା**ନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷକରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତହୁଏ ଓ ଅମଳ ଅଧିକ ହୋଇଥାଏ।

ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପ ଜମିରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା–ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା–ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

# ପନିପରିବା ଚାଷ



**ଆ**ଉ କିଛି ସପ୍ତାହ ପରେ ବର୍ଷା ଦିନ ଆସିଯିବ। ସାଧାରଣତଃ ଏହି ସମୟରେ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, ବର୍ଷାଦିନିଆ କୋବି, ବର୍ଷାଦିନିଆ ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡ଼ଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳଜମିରେ ଲଗାଯାଇଥାଏ। ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨–୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ସଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୭ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ । ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩–୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୫–୭ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାରଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜେଇଇ-ଆଡ୍‌ଭାନ୍ସଡରେ ବେଦାନ୍ତୁର ସଫଳତା

ଭୁବନେଶ୍ୱର,୩।୬

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତୁର ଛାତ୍ରୀଛାତ୍ରମାନେ ଜେଇଇ ଆଡ୍‌ଭାନ୍ସଡ-୨୦୨୫ ଫଳାଫଳରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଆଇଆଇଟି କାନ୍‌ପୁର ପକ୍ଷରୁ ଜେଇଇ ଆଡ୍‌ଭାନ୍ସଡ-୨୦୨୫ ଫଳାଫଳ ନିକଟରେ ପ୍ରକାଶିତ ହୋଇଯାଇଛି। ଏହି ଫଳାଫଳ ଅନୁଯାୟୀ ବେଦାନ୍ତୁର ଛାତ୍ରୀଛାତ୍ରମାନେ ପୂର୍ବ ବର୍ଷର ଫଳାଫଳ ଅପେକ୍ଷା ଯଥେଷ୍ଟ ଅଧିକ ସ୍ଥାନ ଅଧିକାର କରିଛନ୍ତି। ଏପରିକି ଶ୍ରେଷ୍ଠ ୧୦୦ ମଧ୍ୟରେ ୮ ଜଣ ଛାତ୍ର, ଶ୍ରେଷ୍ଠ ୫୦୦ ମଧ୍ୟରେ ୨୦ ଜଣ ଏବଂ ଶ୍ରେଷ୍ଠ ୫,୦୦୦ ମଧ୍ୟରେ ୮୩ ଜଣ ସ୍ଥାନ ପାଇଛନ୍ତି। ଅପରପକ୍ଷରେ ବାଙ୍ଗାଲୁରୁର ଦକ୍ଷ ତୟାଲିୟା ଗଣିତରେ ୧୨୦ରୁ ୧୨୦ ନମ୍ବର ସ୍କୋରକରି ସର୍ବଭାରତୀୟ ସ୍ତରରେ ୧୫ତମ ସ୍ଥାନ ଏବଂ କର୍ଣାଟକ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏପରିକି ଗୋରଖପୁରର ପ୍ରଖର ସିଂହ ସର୍ବଭାରତୀୟ ସ୍ତରରେ ୯୨ତମ ସ୍ଥାନ ଅଧିକାର କରିଛନ୍ତି। ଏ ସମ୍ପର୍କରେ ବେଦାନ୍ତୁର ସହ-ସଂସ୍ଥାପକ ଏବଂ ଏକାଡେମିକ୍ ମୁଖ୍ୟ ଆନନ୍ଦ ପ୍ରକାଶ କହିଛନ୍ତି, ବର୍ଷ ପରେ ବର୍ଷ ଶୀର୍ଷ ର୍‍ୟାଙ୍କିଙ୍ଗ୍ ଏବଂ ଲଗାତର ଉତ୍କୃଷ୍ଟ ଫଳାଫଳ ସହ ଚଳିତ ବର୍ଷ ଉଚ୍ଚ ଗୁଣବତ୍ତା, ବ୍ୟକ୍ତିଗତ ଏବଂ ଫଳାଫଳ-କେନ୍ଦ୍ରିତ ଶିକ୍ଷା ପ୍ରଦାନ କରିବାରେ ବେଦାନ୍ତୁର ନିରନ୍ତର ସଫଳତାକୁ ପ୍ରତିଫଳିତ କରୁଛି।

# ‘ଯୁଗୋପଯୋଗୀ ଶିକ୍ଷା ସାମାଜିକ ସଶକ୍ତୀକରଣର ମୂଳଦୁଆ’

- ଯାଜପୁର ଧନ୍ଦାମୂଳକ କେନ୍ଦ୍ରରୁ ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା
- ୫ଜିଲାରୁ ୨ହଜାର ପ୍ରଶିକ୍ଷାର୍ଥୀ ନେଲେ ତାଲିମ



ଜଣେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

ବାଲେଶ୍ୱର, ୩।୬(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ) ପକ୍ଷରୁ ଯାଜପୁର ଧନ୍ଦାମୂଳକ କେନ୍ଦ୍ର (ଭିଟିସି)ରୁ ଉତ୍ତୀର୍ଣ୍ଣ ପ୍ରଶିକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

ଟିପିଏନଓଡିଏଲ ସିଇଓ ଦ୍ୱିଜଦାସ ବସାକ ଏହି ଉତ୍ସବରେ ପୌରୋହିତ୍ୟ କରି ଯୁଗୋପଯୋଗୀ ଶିକ୍ଷା ସାମାଜିକ ସଶକ୍ତୀକରଣର ମୂଳଦୁଆ ଅଟେ। ଧନ୍ଦାମୂଳକ ତାଲିମ ସହ ଛାତ୍ରୀଛାତ୍ରଙ୍କୁ ଏହି ସାର୍ଟିଫିକେଟ୍ ପ୍ରଦାନ ଏକ ଔପଚାରିକତା। ଲାଭ କରିଥିବା ଶିକ୍ଷା ଜୀବନକୁ ସଙ୍ଗଠିତ କରିବାରେ ସହାୟକ ହୁଏ। ଏହାକୁ ବ୍ୟବହାର କରି ଆତ୍ମନିର୍ଭରଶୀଳ ହେବାକୁ ସେ ପ୍ରଶିକ୍ଷାର୍ଥୀଙ୍କୁ କହିଥିଲେ। ଏଥିସହ ଟିପିଏନଓଡିଏଲ ଜାରି ରଖିଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡ଼ି, ଦକ୍ଷତା ବିକାଶ କେନ୍ଦ୍ର ଜରିଆରେ ଯୁବପିଢିଙ୍କୁ ଦିଆଯାଉଥିବା ପ୍ରଶିକ୍ଷଣ ପ୍ରସଙ୍ଗରେ ଆଲୋକପାତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ ପଦାଧିକାରୀ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ତେବେ ଯାଜପୁର ଭିଟିସିରୁ ଟେଲରିଂ, କମ୍ପ୍ୟୁଟର, ଇଲେକ୍ଟ୍ରିକାଲ୍ ଉପକରଣ ମରାମତି ଏବଂ ସ୍ପୋକେନ୍ ଇଂଲିଶ ଆଦି ପାଠ୍ୟକ୍ରମ ସଫଳତାର ସହିତ ସମ୍ପୂର୍ଣ୍ଣ କରିଥିବା ୨୫୦ଜଣ ପ୍ରଶିକ୍ଷାର୍ଥୀଙ୍କୁ ରାଷ୍ଟ୍ରୀୟ କୌଶଳ ବିକାଶ ନିଗମ (ଏନ୍‌ଏସ୍‌ଡିସି) ଅନୁମୋଦିତ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ୬୫୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଏହି ପ୍ରଶିକ୍ଷଣ କେନ୍ଦ୍ରରୁ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଆତ୍ମନିର୍ଭରଶୀଳ ହେବାର ସୁଯୋଗ ପାଇଛନ୍ତି। ନିଯୁକ୍ତି ଓ ନିୟୋଜନ କାର୍ଯ୍ୟକ୍ରମ ‘ରୋଶନି’ ଅଧୀନରେ ଧନ୍ଦାମୂଳକ ତାଲିମ କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ଜିଲାର ୨ ହଜାରରୁ ଅଧିକ ଯୁବବର୍ଗ ଏଥିରେ ଉପକୃତ ହୋଇଛନ୍ତି।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୩।୬(ଅଭୟ ଦାଶ)

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୩୬ (୬୩୬.୨୪) ପଏଣ୍ଟ ହ୍ରାସ ଘଟି ୮୦,୭୩୭ (୮୧,୭୩୭.୫୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୭୪ (୧୭୪.୧୮) ପଏଣ୍ଟ କମି ୨୪,୫୪୨(୨୪,୫୪୨.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।


### ବିଜିନେସ୍ ଆଡ୍‌ମିନିଷ୍ଟ୍ରେସନରେ ଡକ୍ଟରେଟ ଲାଭ



ଶ୍ରୀ ଶିବ ପ୍ରସାଦ ଷଡ଼ଙ୍ଗୀ ତାମିଲନାଡୁସ୍ଥିତ ଆନାମଲାଇ ବିଶ୍ୱବିଦ୍ୟାଳୟରୁ **Impact of Marketing Strategy and Product Knowledge attitude on Consumer Buying behaviour of Organic Food products in Karnataka** ଉପରେ ଗବେଷଣା କରିଥିବା ସନ୍ଦର୍ଭଟି ଜାତୀୟ ଓ ଅନ୍ତର୍ଜାତୀୟ ଗବେଷକଙ୍କ ଦ୍ୱାରା ମୂଲ୍ୟାୟନ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ସେ ଖୋର୍ଦ୍ଧା ଜିଲ୍ଲା ନାରୁଣୀ ଗ୍ରାମର ପ୍ରଫୁଲ୍ଲ ଷଡ଼ଙ୍ଗୀ ଓ ବୀଣାପାଣି ଷଡ଼ଙ୍ଗୀଙ୍କ କନିଷ୍ଠ ପୁତ୍ର ଅଟନ୍ତି। ସେ ବର୍ତ୍ତମାନ ବାଙ୍ଗାଲୋରସ୍ଥିତ ଶେଷାଦ୍ରୀପୁରମ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଶ୍ରୀ ଷଡ଼ଙ୍ଗୀ ତାଙ୍କର ଏହି ସଫଳତାର ଶ୍ରେୟ ପିତାମାତା, ଗାଇଡ୍ ଡଃ ଟି. ରାମକୁମାର, ପତ୍ନୀ-ନିରୁପମା ମିଶ୍ରଙ୍କ ସମେତ ପରିବାରବର୍ଗ ତଥା ଶୁଭେଚ୍ଛୁମାନଙ୍କୁ ଦେଇଛନ୍ତି।

ଧ-୮୦୯



# Classified Everyday
0674-2580101, 9692975378



MATRIMONIAL

## BRIDE WANTED

Khastriya Boy 1993, B.Tech, 5'9", Dhanu, Bangalore IT Software, Dhenkanal. 9668599723. D-71085

## GROOM WANTED

Wanted Govt. Officers groom for beautiful Khandayat Girl 1992, 5'4", MSc, ME.d. serving Asst. Professor, Govt BE.d. College. "SUNASANSAR". 9937512659. D-76273


REAL ESTATE
SALE

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266


FOR RENT

Main Road- facing Shop available for rent in VSS Nagar, Area: 250sqft., Includes: Attached Toilet, Rent: Rs.- 16,000 per month, Ideal for: Retail, office or small Business setup. Contact: 7008630332. D-797




Newly open health benefits SPA by expert therapist. Contact- 8280961126. D-76915

Full body massage by experience therapist with homely atmosphere. 9114559860. D-780

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

Newly open SPA positively health benefits (expert therapist). Contact- 7327030529. D-76918

## AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 03.05.2025, I, Shashanka Shekhar Bindhani, S/o- Parikshita Bindhani, resident of At/P.O.-Daruthenga, P.S.-Chandaka, Dist.-Khordha, Odisha-754005 declare that I have changed my son's name from Aditya Bindhani to Chiraag Bindhani. Henceforth, he shall be known as Chiraag Bindhani for all purposes. D-806

By virtue of an affidavit sworn before the Notary Public, Birmaharajpur, dated 29.05.25, I, Srikara Padhan, R/o. Village- Baraghat, P.O.- Khandahata, P.S.- Subalaya, Dist.- Subarnapur declare that I wish to correction of my name and DOB from Shrikar Padhan, DOB- 15.04.2005 to Srikara Padhan, DOB- 20.01.2005 in my Aadhaar Card for all purposes.
Srikara Padhan D-799

By virtue of an affidavit sworn before Executive Magistrate, Thuamul Rampur, dated 03.06.2025, I, Phulmita Turuk, R/o. At/P.O.- Birikote, P.S.-Th. Rampur, Dist.- Kalahandi, PIN- 766037, Odisha declare that I have changed my name from Phulamita Naik to Phulmita Turuk. Henceforth, I shall be known as Phulmita Turuk for all future purposes.
Phulmita Turuk D-800

By virtue of an affidavit sworn before Executive Magistrate, Thuamul Rampur, dated 02.06.2025, I, Kadu Majhi, R/o. At- Birmalguda, P.O.- Dumerpadar, P.S.- Th. Rampur, District.- Kalahandi, PIN-766037, Odisha declare that I have changed the name of my son from Mohan Majhi to Mahan Majhi. Henceforth, he shall be known as Mahan Majhi for all purposes.
Kadu Majhi D-801

By virtue of an affidavit sworn before the Executive Magistrate, Thuamul Rampur, dated 02.06.2025, I, Rai Majhi, R/o. At- Birmalguda, P.O.- Dumerpadar, P.S.- Th. Rampur, Dist.- Kalahandi, PIN-766037, Odisha declare that I have changed the name of my son from Susant Majhi to Sushanta Majhi. Henceforth, he shall be known as Sushanta Majhi for all purposes.
Rai Majhi D-802

By virtue of an affidavit sworn before the Executive Magistrate, Thuamul Rampur, dated- 30.05.2025, I, Bijaya Pradhani, R/o. At- Bisamgiri, P.O.- Dumerpadar, P.S.- Th. Rampur, District.- Kalahandi, PIN-766037, Odisha declare that I have changed the name of my daughter from Bidaya Pradhani to Sonali Pradhani. Henceforth, she shall be known as Sonali Pradhani for all purposes.
Bijaya Pradhani D-803

By virtue of an affidavit sworn before the Executive Magistrate, Bhapur, Nayagarh on June 03, 2025, I, Mrs Urmila Rana, Residing At: Vill/P.O.- Baigunia, P.S.- Fategarh, Dist.- Nayagarh, Odisha, 752077 declare that I have changed my name from Bilasini Rana to Urmila Rana. Henceforth, I shall at all times use and Sign the name Urmila Rana in place of my former name, Bilasini Rana, in all records, documents and transactions, both public and private. D-812

By virtue of an affidavit sworn before the Executive Magistrate, Boudh, No.-902, date 02.06.2025, I, Bipin Biswal, R/o. Village- Tulasipur, P.O.- Palaspat, P.S./ Dist.- Boudh, Odisha, PIN- 762014 declare that I have changed my son's name from Bidyadhar Biswal to Bidyadhara Biswal. Henceforth, he shall be known as Bidyadhara Biswal for all purposes.
Bipin Biswal D-804

By virtue of an affidavit sworn before Executive Magistrate, Bhubaneswar, date- 21.05.2025, Rasmita Behera, Address: At- Dengamba, P.O.- Nuagaon, P.S.- Banki, Dist.- Cuttack, PIN- 754008 declare that I have changed my name from Rasmita Mohanty to Rasmita Behera. Henceforth, I shall be known as Rasmita Behera for all purposes.
Rasmita Behera D-792

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Odagaon, dated- 28.05.2025, I, Yashoda Nahak, Vill- Dhipasahi P.O.- Bahadajhola. P.S.- Odagaon, Dist.- Nayagarh, Odisha, PIN- 752082 declare that I have changed my name from Yosodha Nahak to Yashoda Nahak. Henceforth, I shall be known as Yashoda Nahak for all future purpose.
Yashoda Nahak. D-795

By virtue of an affidavit sworn before Notary Public, Bhubaneswar, dated- 30 May 2025, I, Krishna Kumari Samal, At/ P.O.- Balakati, P.S.- Balianta, Dist.- Khurdha declare that I have changed my daughter's name from Jagruti Behuria to Jagruti Beuria. Henceforth, she shall be known as Jagruti Beuria for all purposes. D- 796

By virtue of an affidavit sworn before the Executive Magistrate, Bhadrak, dated- 31.05.2025, I, Sri Rabinarayan Ray, At- Kuansh, Via/P.O./P.S./ Dist.- Bhadrak, State- Odisha, PIN- 756100 declare that in my Pan Card my name has been prepared as RABI NARAYAN NAYAKALIASRAY, S/o- RAMACHANDRA NAYAK. But in my Aadhaar Card my name has been scribed as Rabinarayan Ray and my father's name is Ramakanta Ray which both are correct, as stated in Aadhaar Card and the Date of Birth also wrongly mentioned in my Old Pan Card as 05.12.1957 instead of 06.12.1957. Henceforth, I shall be known as Rabinarayan Ray, my father's name is Ramakanta Ray and my Date of Birth is 06.12.1957 for all purposes.
Rabinarayan Ray D-815

By virtue of an affidavit sworn before Notary Public, Bhubaneswar, dated- 23.05.2025, I, Y Amrutha Das, Address- B1 Ghanshyam Enclave, 281 Jayadev Vihar, Bhubaneswar, PIN- 751015 declare that I have changed my name from Yatirajula Amrutha to Y Amrutha Das. Henceforth, I shall be known as Y Amrutha Das for all purposes.
Y Amrutha Das. D-811

By virtue an affidavit before Executive Magistrate, Dhenkanal, dtd. 30.05.2025, I, Sujata Panda @ Sujata Manjari Rath, W/o.- Nigamananda Panda, At-House No.- 12A, Dibyaloka Apartment, Talagada, P.O.-Balianta, Dist.-Khurda, Odisha solemnly declare that I have changed my name from Sujata Panda to Sujata Manjari Rath. Henceforth, from now I shall be known as Sujata Manjari Rath for all purposes. D-813

I, Nimain Charan Dash, S/o- Late Nrusingha Charan Dash, At/P.O.- Sadar Harianta, P.S.- Cuttack Sadar, Cuttack- 754003 declare by the affidavit No.-1224, dt. 02.06.25 before Notary, Cuttack that I have changed my name NIMAI CHARAN DASH to NIMAIN CHARAN DASH. Henceforth, I shall be known as NIMAIN CHARAN DASH for all purposes. D-814

By virtue of an affidavit sworn before the Executive Magistrate Nuagaon, dated- 03.06.2025, I, Shushreelata Pati, W/o- Surendra Swain, Vill- Jiginipada, P.O.- Udayapur, P.S.-Nuagaon, Dist.- Nayagarh, Odisha, PIN- 752083 declare that I have changed my name from Shnehalata Pati to Shushreelata Pati. Henceforth, I shall be known as Shushreelata Pati for all future purpose.
Shushreelata Pati D-798

I, Sulochana Dei, aged about 76years, W/o- Kuber Paikaray, Vill/P.O.- Dighiri, P.S.- Bolgarh, Dist.- Khordha, Odisha declared that my Date of Birth is 01.01.1949 which is mentioned in my Aadhaar Card bearing No.- xxxx xxxx 1652. D-810

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ମନୋରମା ପତି**


ଆବିର୍ଭାବ: ୧୨।୦୪।୧୯୫୫
ତିରୋଧାନ: ୨୮।୦୫।୨୦୨୩

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗ୍‌ଦର୍ଶନ, ସହନଶୀଳତା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।

ଝିଅ: ସଞ୍ଜୀବିତା, ମୌସୁମୀ, ରୁବି, ଯୁସି, ଜ୍ୱାଇଁ: ମୁନା, ଅମିତାଭ, ଶାନୁ ଏବଂ ନାତି ନାତୁଣୀ ସହ ହତଭାଗ୍ୟ ସ୍ୱାମୀ: କେଦାରନାଥ ପତି ଏବଂ ଶୋକସନ୍ତପ୍ତ ପରିବାରବର୍ଗ।

ଧ-୮୦୮

### ୨୦ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଅନାଦି ଚରଣ ସିଂହ**

(ବରିଷ୍ଠ ଦଲିଲ ଲେଖକ)
ପାଞ୍ଚକାହାଣିଆ, ଢେଙ୍କାନାଳ

ଆବିର୍ଭାବ: ୦୧।୦୭।୧୯୧୮
ତିରୋଧାନ: ୧୬।୦୬।୨୦୦୫

ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।

ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ଧ-୮୦୭

# ଆଇପିଏଲ୍ ଉଦ୍‌ଯାପନୀରେ ସଶସ୍ତ୍ର ବାହିନୀକୁ ସାଲ୍ୟୁଟ୍

ଅହମଦାବାଦ,୩।୬ (ପି.ଟି.)

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ମଧ୍ୟରେ ମଙ୍ଗଳବାର ଫାଇନାଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆଇପିଏଲ୍‌ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସନ୍ଧ୍ୟାରେ ୬.୨୦ରେ ଆରମ୍ଭ ହୋଇ ୬.୫୨ରେ ଶେଷ ହୋଇଥିଲା। ଜାତୀୟତା କେନ୍ଦ୍ରୀୟ ଏହି ଉତ୍ସବରେ 'ସବ୍‌ସେ ଆଗେ ହୋଙ୍ଗେ ହିନ୍ଦୁସ୍ଥାନୀ', 'ଦୁଶମନ କେ ଛକେ ଛୁଡ଼ା ଦେ, ହମ୍ ଇଣ୍ଡିଆ ୱାଲେ', 'କନ୍ଧୋ ସେ ମିଲତେ ହେ କନ୍ଧେ', 'ଏ ୱତନ ମେରେ ୱତନ ଆବାଦ ରହେ ତୁ', 'ବନ୍ଦେ ମାତରମ' ଭଳି ଦେଶପ୍ରେମଭରା ଗୀତ ଗାନ କରାଯାଇଥିଲା। ବିଶିଷ୍ଟ ବଲିଉଡ୍ ଗାୟକ ଶଙ୍କର ମହାଦେବନ, ତାଙ୍କ ପୁଅ ସିଦ୍ଧାର୍ଥ ଓ ଶିବମ ୧ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ କ୍ଷମତା ବିଶିଷ୍ଟ ଷ୍ଟାଡିୟମର ମନୋରଞ୍ଜନ କରିଥିଲେ। 'ସଶସ୍ତ୍ର ବାହିନୀକୁ ସାଲ୍ୟୁଟ' ଓ 'ସଶସ୍ତ୍ର ବାହିନୀକୁ ଧନ୍ୟବାଦ' ଭଳି ବାର୍ତ୍ତା ବାଉଣ୍ଡ୍ରୀ ପାଖରେ ଲାଗିଥିବା ଡିଜିଟାଲ ବୋର୍ଡରେ ପ୍ରଦର୍ଶିତ କରାଯାଇଥିଲା। ଦେଶର ୩ ସଶସ୍ତ୍ର ବଳ ଯଥା ଆର୍ମି, ଏୟାର ଫୋର୍ସ ଓ ନେଭିର ପତାକା ସହ ୩ ହେଲିକପ୍ଟର ଷ୍ଟାଡିୟମ ଉପରେ ଉଡ଼ିଥିଲା। ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ 'ଭାରତ ମାତା କି ଜୟ' ନାରା ସହିତ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ପୂରା ଷ୍ଟାଡିୟମ 'ଭାରତ ମାତା କି ଜୟ' ନାରାରେ ଗୁଞ୍ଜରିତ ହୋଇ ଉଠିଥିଲା। ଏହି ଅବସରରେ ଆଇସିସି ମୁଖ୍ୟ ଜୟ ଶାହା ପରିବାର ସହିତ ଉପସ୍ଥିତ ଥିଲେ।



ଆଇପିଏଲ୍ ଉଦ୍‌ଯାପନୀରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ।


ବିଶିଷ୍ଟ ଗାୟକ ଶଙ୍କର ମହାଦେବନ, ତାଙ୍କ ଦୁଇପୁଅ ସିଦ୍ଧାର୍ଥ ଓ ଶିବମ୍ ଏବଂ ଅନ୍ୟମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

## ଆଇପିଏଲ୍ ଫାଇନାଲ ସ୍କୋର ବୋର୍ଡ

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଇନିଂସ**
ଫିଲିପ୍ ସଲ୍ଟ-କ-ଶ୍ରେୟସ-ବୋ-ଜେମିସନ-୧୬
ବିରାଟ କୋହଲି-କ ଆଣ୍ଡ ବୋ-ଅଜମାତୁଲ୍ଲା-୪୩
ମୟଙ୍କ ଅଗ୍ରୱାଲ-କ-ଅର୍ଶଦୀପ-ବୋ-ଚହଲ-୨୪
ରଜତ ପଟିଦାର-ଏଲ୍‌ବିଡବ୍ଲ୍ୟୁ-ଜେମିସନ-୨୬
ଲିଆମ ଲିଭିଙ୍ଗ୍‌ଷ୍ଟୋନ୍-ଏଲ୍‌ବିଡବ୍ଲ୍ୟୁ-ଜେମିସନ-୨୫
ଜିତେଶ ଶର୍ମା-ବୋ-ବିଜୟ କୁମାର-୨୪
ରୋମାରିଓ ଶେଫର୍ଡ-ଏଲ୍‌ବିଡବ୍ଲ୍ୟୁ-ଅର୍ଶଦୀପ-୧୭
କୃନାଲ ପାଣ୍ଡ୍ୟା-କ-ଶ୍ରେୟସ-ବୋ-ଅର୍ଶଦୀପ-୪
ଭୁବନେଶ୍ୱର କୁମାର-କ-ପ୍ରିୟାଂଶ-ବୋ-ଅର୍ଶଦୀପ-୧
ଯଶ୍ ଦୟାଲ-ନଟ୍‌ଆଉଟ-୧।
ଅତିରିକ୍ତ:-୯
**ମୋଟ:** (୨୦ ଓଭର/୯ ଉଇକେଟ) ୧୯୦।
**ବୋଲିଂ(ପଞ୍ଜାବ କିଙ୍ଗ୍ସ)**
ଅର୍ଶଦୀପ ସିଂ ୪-୦-୪୦-୩
କାଇଲ ଜେମିସନ ୪-୦-୪୮-୩
ଅଜମାତୁଲ୍ଲା ଓମାରଜାଇ ୪-୦-୩୫-୧
ବିଜୟକୁମାର ୪-୦-୩୦-୧
ୟୁଜ୍‌ବେନ୍ଦ୍ର ଚହଲ ୪-୦-୩୭-୧
ପଞ୍ଜାବ କିଙ୍ଗ୍ସ ଇନିଂସ
ପ୍ରିୟାଂଶ ଆର୍ଯ୍ୟ-କ-ସଲ୍ଟ-ବୋ-ହାଜେଲଉଡ୍-୨୪
ପ୍ରଭସିମରନ ସିଂ-କ-ଭୁବନେଶ୍ୱର-ବୋ-କୃନାଲ-୨୬
ଜୋସ ଇଂଲିଶ-କ-ଲିଭିଙ୍ଗଷ୍ଟୋନ୍-ବୋ-କୃନାଲ-୩୯
ଶ୍ରେୟଶ ଆୟର-କ-ଜିତେଶ-ବୋ-ଶେଫର୍ଡ-୧
ନେହାଲ ୱାଧେରା-କ-କୃନାଲ-ବୋ-ଭୁବନେଶ୍ୱର-୧୫
ଶଶାଙ୍କ ସିଂ-ନଟଆଉଟ-୬୧
ମାର୍କସ ଷ୍ଟୋଇନିସ-କ-ଦୟାଲ-ବୋ-ଭୁବନେଶ୍ୱର-୬
ଅଜମାତୁଲ୍ଲା ଓମାରଜାଇ-କ-ମନୋଜ-ବୋ-ଦୟାଲ-୧
କାଇଲ ଜେମିସନ-ନଟଆଉଟ-୦
ଅତିରିକ୍ତ: ୧୧
ମୋଟ: (୨୦ ଓଭର/୭ଉଇକେଟ) ୧୮୪।
ବୋଲିଂ (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ)
ଭୁବନେଶ୍ୱର କୁମାର ୪-୦-୩୮-୨
ଯଶ ଦୟାଲ ୩-୦-୧୮-୧
ଜୋଶ ହାଜେଲଉଡ୍ ୪-୦-୫୪-୧
କୃନାଲ ପାଣ୍ଡ୍ୟା ୪-୦-୧୭-୨
ସୁୟଶ ଶର୍ମା ୨-୦-୧୯-୦
ରୋମାରିଓ ଶେଫର୍ଡ ୩-୦-୩୦-୧।



ଆଇପିଏଲ୍ ଫାଇନାଲ ଦେଖିବା ପାଇଁ ମଙ୍ଗଳବାର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍ ନିକଟରେ ଦର୍ଶକଙ୍କ ଭିଡ଼।

## ଭାରତ ଲାଗି ୧୦୦ ବର୍ଷ ପରେ କ୍ରିକେଟ ଅଲିମ୍ପିକ୍ସକୁ ଫେରିଛି: ସୁନକ

ଅହମଦାବାଦ,୩।୬(ପି.ଟି.)

ବିଶ୍ୱରେ ଭାରତର ବୃଦ୍ଧିପାଉଥିବା ପ୍ରଭାବ ଯୋଗୁ କ୍ରିକେଟ ୧୦୦ ବର୍ଷ ପରେ ଅଲିମ୍ପିକ୍ସକୁ ଫେରୁଛି ବୋଲି ୟୁନାଇଟେଡ୍ କିଙ୍ଗଡମ(ୟୁକେ)ର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଛନ୍ତି। ୨୦୨୮ ଲସ୍‌ଏଞ୍ଜେଲ୍ସରେ ହେବାକୁ ଥିବା ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଛି। ଅନ୍ତିମ ଥର ୧୯୦୦ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିଲା।

ଏହା ଏକବିଂଶ ଶତାବ୍ଦୀରେ ଭାରତର ପ୍ରଭାବକୁ ଦର୍ଶାଉଛି। ଭାରତର ପ୍ୟାସନ, ଭାରତର ସ୍ୱାଦର ପ୍ରଭାବ ଏବେ ପୂରା ବିଶ୍ୱରେ ରହିଛି। ଭାରତ କାରଣରୁ ୧୦୦ ବର୍ଷର ବ୍ୟବଧାନ ପରେ କ୍ରିକେଟ୍ ଅଲିମ୍ପିକ୍ସକୁ ଫେରିଲା ବୋଲି ଆଇପିଏଲ୍ ଫାଇନାଲରେ ଯୋଗ ଦେବା ପାଇଁ ଅହମଦାବାଦ ଆସିଥିବା ସୁନକ କହିଛନ୍ତି। ଏତଦ୍‌ବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆଇପିଏଲ୍ କ୍ରିକେଟକୁ ବଦଳାଇ ଦେଇଛି। ମୋ ମତରେ ପ୍ରତ୍ୟେକ କ୍ରିକେଟର ଏବେ କ୍ୟାରିୟରରେ ଆଇପିଏଲ୍ ଖେଳିବାକୁ ଚାହୁଁଛନ୍ତି। ଏଥିଯୋଗୁ ମହିଳା କ୍ରିକେଟ୍‌ର ମଧ୍ୟ ଉନ୍ନତି ହେଉଛି। ଡବ୍ଲ୍ୟୁପିଏଲ୍‌ରେ ଖେଳିବା ଲାଗି ଅଧିକରୁ ଅଧିକ ମହିଳା ବାହାରୁଛନ୍ତି। ଆଇପିଏଲ୍‌ରେ ଖେଳିବା ଯୋଗୁ ଇଂଲଣ୍ଡ ଖେଳାଳିମାନେ ଆହୁରି ଉନ୍ନତ ହେଉଛନ୍ତି। ଗତ ସପ୍ତାହରେ ମୁଁ ଏଜବାଷ୍ଟନରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍ ଦେଖିଥିଲି। ଜ୍ୟାକବ ବେଥେଲ ଏକ ଚମତ୍କାର ଇନିଂସ ଖେଳିଥିଲେ। ଆଇପିଏଲ୍ ଯୋଗୁ ସେ ଖୁବ୍ ଇମ୍ପ୍ରୁଭ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ଖେଳୁଥିବା ବେଥେଲ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ୫୩ ବଲରେ ୮୨ ରନ କରିଥିଲେ।

### ଆର୍‌ସିବି ସମର୍ଥନରେ ସୁନକ

୪୫ ବର୍ଷୀୟ ରାଜନେତା ସୁନକ କିମ୍ବଦନ୍ତୀ ବିରାଟ କୋହଲି ଓ ତାଙ୍କ ଆଇପିଏଲ୍ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ସମର୍ଥନ ବ୍ୟକ୍ତ କରିଛନ୍ତି।

ଏ ସାଲା କପ୍ ନାମଦେ। ଆଶା କରୁଛି ମୁଁ ଠିକ୍ କହୁଛି। ମୁଁ ଅକ୍ଷତାଙ୍କୁ ବିବାହ ଲାଗି ପ୍ରସ୍ତାବ ଦେବା ପରଠାରୁ ମୋ ଭାଷାରେ ଖୁବ୍ ସୁଧାର ଆସିଛି। ମୁଁ ବେଙ୍ଗାଲୁରୁର ପରିବାରରେ ବାହା ହୋଇଛି। ଏଣୁ ଆର୍‌ସିବି ମୋ ଦଳ। ଆମେ ଦୀର୍ଘଦିନ ତଳେ ଆର୍‌ସିବିର ଏକ ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମ ଯାଇଥିଲୁ ବୋଲି ସୁନକ କହିଛନ୍ତି।



ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ପଞ୍ଜାବ କିଙ୍ଗ୍ସ ଆଇପିଏଲ ଫାଇନାଲ ଅବସରରେ ମଙ୍ଗଳବାର ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଉପସ୍ଥିତ ଅଛନ୍ତି ଆଇସିସି ଚେୟାରମ୍ୟାନ୍ ଜୟ ଶାହା ଓ ତାଙ୍କ ସ୍ତ୍ରୀ ରିଷିତା ପଟେଲ ଏବଂ ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ ଓ ତାଙ୍କ ସ୍ତ୍ରୀ ଅକ୍ଷତା ମୂର୍ତ୍ତି।

## ଜୁଲାଇ ୫ରେ ହେବ ନୀରଜ ଚୋପ୍ରା କ୍ଲାସିକ

**ବେଙ୍ଗାଲୁରୁ, ୩।୬ (ପି.ଟି.):** ଗତ ମାସରେ ଭାରତ ଓ ପାକିସ୍ତାନ ମଧ୍ୟରେ ସାମରିକ ବିବାଦକୁ ନେଇ ସ୍ଥଗିତ ରଖାଯାଇଥିବା ଉଦ୍‌ଘାଟନୀ ନୀରଜ ଚୋପ୍ରା କ୍ଲାସିକ୍ ଇଣ୍ଟରନ୍ୟାଶନାଲ ଜାଭେଲିନ୍ ଥ୍ରୋ ଇଭେଣ୍ଟ ଏଠାରେ ଜୁଲାଇ ୫ରେ ଆୟୋଜନ କରାଯାଇଛି। ଆୟୋଜକଙ୍କ ତରଫରୁ ମଙ୍ଗଳବାର ଏହା ସ୍ପଷ୍ଟ କରାଯାଇଛି। ଭାରତରେ ପ୍ରଥମ ଥର ହେବାକୁ ଯାଉଥିବା ଅନ୍ତର୍ଜାତୀୟ ଜାଭେଲିନ୍ ଥ୍ରୋ ପ୍ରକୃତରେ ମେ ୨୪ରେ ହେବାର ଥିଲା। ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟ୍ସର ସହଯୋଗରେ ଏହି ଇଭେଣ୍ଟ ଆୟୋଜନ ହେବାକୁ ଯାଉଥିବା ବେଳେ ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଦ୍ୱାରା ଏହା ସ୍ୱୀକୃତି ଲାଭ କରିଛି। ୧୨ ଜଣ ପ୍ରତିଯୋଗୀଙ୍କୁ ନେଇ ଏହି ଇଭେଣ୍ଟ ଶ୍ରୀ କାନ୍ତିରାଭା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ଶ୍ରେଷ୍ଠ ୭ ଜାଭେଲିନ୍ ଥ୍ରୋୟରଙ୍କ ବ୍ୟତୀତ ଚୋପ୍ରାଙ୍କ ସମେତ ୫ ଭାରତୀୟ ଜାଭେଲିନ୍ ଥ୍ରୋୟର ଅଂଶଗ୍ରହଣ କରିବେ। ଅନ୍ୟ ୪ ଭାରତୀୟ ହେଲେ ଏସିଆନ ଚାମ୍ପିୟନଶିପ୍ ରୌପ୍ୟ ବିଜେତା ସଚିନ ଯାଦବ, କିଶୋର ଜେନା, ରୋହିତ ଯାଦବ ଓ ସାହିଲ ସିୱାଲ। ଏଥିରେ ଭାଗନେଉଥିବା ବିଦେଶୀ ପ୍ରତିଯୋଗୀମାନେ ହେଲେ ଗ୍ରେନେଡାର ଆଣ୍ଡରସନ ପିଟର୍ସ (ବ୍ୟକ୍ତିଗତ ଶ୍ରେଷ୍ଠ ୯୩.୦୭ ମିଟର), ୨୦୧୬ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜେତା ଜର୍ମାନୀର ଥୋମାସ ଲୋହରର (୯୩.୯୦ମିଟର), ୨୦୧୫ ବିଶ୍ୱ ଚାମ୍ପିୟନ କେନିଆର ଜୁଲିଅସ୍ ୟେଗୋ (୯୨.୭୨ମିଟର), ଆମେରିକାର କୁର୍ଟିସ୍ ଥମ୍ପସନ (୮୭.୭୬ମିଟର), ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା ଜାପାନର ଜେନ୍‌କି ଡିନ୍ (୮୫.୪୫) ଓ ଶ୍ରୀଲଙ୍କାର ରୁମେଶ ପଥିରାଗେ ।

## ସିନ୍ଧୁ ଦ୍ୱିତୀୟ ରାଉଣ୍ଡରେ: ସେନ୍, ପ୍ରଣୟ ପରାସ୍ତ

ଜାକର୍ତ୍ତା, ୩।୬ (ପି.ଟି.)

ଭାରତର ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଇଣ୍ଡୋନେସିଆ ଓପନ ସୁପର ୧,୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଲକ୍ଷ୍ୟ ସେନ୍‌ଙ୍କ ପାଇଁ

**ଇଣ୍ଡୋନେସିଆ ଓପନ ସୁପର ବ୍ୟାଡ୍‌ମିଣ୍ଟନ**

ଲଜ୍ଜାଜନକ ପ୍ରଦର୍ଶନ କରି ବିଶ୍ୱର ୨ନମ୍ବର ଖେଳାଳି ଚାଇନାର ଶି ୟୁ କ୍ୱିଙ୍କଠାରୁ ହାରିଯାଇଛନ୍ତି। ଏକ ଘଣ୍ଟା ୧୯ମିନିଟ୍‌ରେ ଶେଷ ହୋଇଥିବା ଏକ ମହିଳା ସିଙ୍ଗଲ୍ସରେ ସିନ୍ଧୁ ତାଙ୍କ ଦୀର୍ଘଦିନର ପ୍ରତିଦ୍ୱନ୍ଦ୍ୱୀ ନୋଜୋମି ଓକୁହାରାଙ୍କ ବିପକ୍ଷ ମ୍ୟାଚକୁ ୨୨-୨୦, ୨୧-୨୩, ୨୧-୧୫ରେ ପରାସ୍ତ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ୨୦୨୧ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ସେନ୍ ତାଙ୍କ ଚାଇନିଜ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୧୧-୨୧, ୨୨-୨୦, ୧୫-୨୧ରେ ପରାଜିତ ହୋଇଛନ୍ତି। ଏହି ମ୍ୟାଚ ୬୫ ମିନିଟ୍ ଧରି ଚାଲିଥିଲା। ଏହି ୧, ୪୫୦,୦୦୦ ଆମେରିକୀୟ ଡଲାର ବିଶିଷ୍ଟ ଟୁର୍ନାମେଣ୍ଟରେ ଏଚ୍.ଏସ୍. ପ୍ରଣୟ ତାଙ୍କ ମ୍ୟାଚ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜେତା ଇଣ୍ଡୋନେସିଆର ଅଲୱି ଫାରହାନ୍‌ଙ୍କଠାରୁ ୧୭-୨୧, ୧୮-୨୧ରେ ହାରିଯାଇଛନ୍ତି। ସୂଚନାଯୋଗ୍ୟ, ସିନ୍ଧୁ ଓ ଓକୁହାରା ଉଭୟରେ ହେଉଛନ୍ତି ପୂର୍ବତନ ବିଶ୍ୱ ଚାମ୍ପିୟନ। ଦୁହେଁ କିଛି ସମୟ ହେଲା ଫର୍ମ ଫେରିପାଇବା ଲାଗି ସଂଘର୍ଷ ଚଳାଇଛନ୍ତି। ଚଳିତ ସିଜନରେ ସିନ୍ଧୁଙ୍କ ଶ୍ରେଷ୍ଠ ପ୍ରଦର୍ଶନ ଜାନୁଆରୀରେ ଇଣ୍ଡିଆ ଓପନରେ ଦେଖିବାକୁ ମିଳିଥିଲା। ସେ ଏହି ଟୁର୍ନାମେଣ୍ଟରେ କ୍ୱାର୍ଟରଫାଇନାଲ ପର୍ଯ୍ୟନ୍ତ ଯାଇପାରିଥିଲେ। ଓକୁହରା ଏହି ସିଜନରେ ଖେଳିସାରିଥିବା ୬ଟି ଇଭେଣ୍ଟ ମଧ୍ୟରୁ ଗୋଟିକରେ ହେଲେ ଦ୍ୱିତୀୟ ରାଉଣ୍ଡରୁ ଉଠି ପାରିନାହାନ୍ତି।

## ଦ୍ୱିତୀୟକୁ ଉଠିଲେ ଗୁକେଶ

ଷ୍ଟାଭାଙ୍ଗର,୩।୬(ପି.ଟି.)

**ନରୱେ ଚେସ୍ ଟୁର୍ନାମେଣ୍ଟ**

ବିଶ୍ୱ ଚାମ୍ପିୟନ ଡି ଗୁକେଶ ନରୱେ ଚେସ୍ ଟୁର୍ନାମେଣ୍ଟରେ ସପ୍ତମ ରାଉଣ୍ଡରେ ଅନ୍ୟତମ ଭାରତୀୟ ଜିଏମ୍ ଅର୍ଜୁନ ଇରିଗାସିଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହ ଗୁକେଶ ସପ୍ତମ ରାଉଣ୍ଡ ଶେଷ ସୁଦ୍ଧା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏଥିପୂର୍ବରୁ ଗୁକେଶ ଷଷ୍ଠ ରାଉଣ୍ଡରେ ୱାର୍ଲ୍ଡ ନଂ-୧ ମାଗ୍ନସ କାର୍ଲସେନଙ୍କୁ ହରାଇଥିଲେ। ଇରିଗାସିଙ୍କ ବିପକ୍ଷରେ କ୍ଲାସିକାଲ ଫର୍ମାଟରେ ଏହା ଗୁକେଶଙ୍କ ଲାଗି ପ୍ରଥମ ବିଜୟ। ୩୪ ବର୍ଷୀୟ କାର୍ଲସେନ ୧୧ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛନ୍ତି। ଚାଇନାର ୱେଇ ୟିଙ୍କୁ ହରାଇଥିବା ଆମେରିକୀୟ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନା ୧୨.୫ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ଟୁର୍ନାମେଣ୍ଟରେ ୩ ରାଉଣ୍ଡ ବାକି ଥିବାବେଳେ ଇରିଗାସି ୭.୫ ପଏଣ୍ଟ ସହ ପଞ୍ଚମ ସ୍ଥାନକୁ ଖସି ଯାଇଛନ୍ତି।

# ସାବାଲେଙ୍କା, ସ୍ୱିଟେକ୍ ସେମିଫାଇନାଲରେ

**ପ୍ୟାରିସ୍, ୩।୬**

ବିଶ୍ୱର ନମ୍ବର ୱାନ୍ ମହିଳା ସିଙ୍ଗଲ୍ସ ଖେଳାଳି ଆରିନା ସାବାଲେଙ୍କା ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। କୋର୍ଟ ଫିଲିପ୍ ଚାଟ୍ରିଅର୍‌ଠାରେ ମହିଳା ସିଙ୍ଗଲ୍ସର ଏକ କ୍ୱାର୍ଟର ଫାଇନାଲରେ ସେ

## ଫ୍ରେଞ୍ଚ୍ ଓପନ ଟେନିସ୍

ଅଲିମ୍ପିକ ଚାମ୍ପିୟନ ଚାଇନାର ଝେଙ୍ଗ୍ କ୍ୱିନୱେନ୍‌ଙ୍କୁ ୭-୬ (୭-୩), ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ସେମିଫାଇନାଲରେ ସେ ଗତ ୩ଥର ଚାମ୍ପିୟନ ପୋଲାଣ୍ଡର ଇଗା ସ୍ୱିଟେକ୍‌ଙ୍କୁ ଭେଟିବେ। ସ୍ୱିଟେକ୍ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ଏଲିନା ସ୍ୱିତୋଲିନାଙ୍କୁ ୬-୧, ୭-୫ରେ ହରାଇ ଦେଇଛନ୍ତି। ଫଳରେ ଦୁଇ ଟାଇଟଲ ଦାବିଦାର ଖେଳାଳି ସାବାଲେଙ୍କା ଓ ସ୍ୱିଟେକ୍‌ଙ୍କ ମଧ୍ୟରେ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାକୁ ଖେଳପ୍ରେମୀ ଅପେକ୍ଷାକରି ରହିଛନ୍ତି। ପୂର୍ବରୁ ଏହି ଦୁଇ ଖେଳାଳି ପରସ୍ପରକୁ ୧୨ଥର ଭେଟିଛନ୍ତି। ତନ୍ମଧ୍ୟରୁ ସ୍ୱିଟେକ୍ ୮ଥର ଏବଂ ସାବାଲେଙ୍କା ୪ଥର ବିଜୟଲାଭ କରିଛନ୍ତି। କିନ୍ତୁ ୨୦୨୨ ୟୁଏସ୍ ଓପନ ସେମିଫାଇନାଲ ପରେ ଏହି ଖେଳାଳିଦ୍ୱୟ କୌଣସି ଏକ ବଡ଼ ଟୁର୍ଣ୍ଣାମେଣ୍ଟରେ ପରସ୍ପରକୁ ଭେଟିନାହାନ୍ତି। ସ୍ୱିଟେକ୍ ଏବେସୁଦ୍ଧା ଜିତିଥିବା ୫ ଗ୍ରାଣ୍ଡସ୍ଲାମ ମଧ୍ୟରୁ ରୋଲାଣ୍ଡ ଗାରୋସ୍‌ରେ ୪ଟି ଟାଇଟଲ ସାମିଲ ରହିଛି। ଅନ୍ୟପକ୍ଷରେ ସାବାଲେଙ୍କା ପ୍ରଥମଥର ପ୍ୟାରିସ୍ ଟ୍ରଫି ହାସଲ ଲକ୍ଷ୍ୟରେ ରହିଛନ୍ତି।



ମ୍ୟାଚ ଜିତିବା ପରେ ଇଗା ସ୍ୱିଟେକ।

# ବରଗଡ଼, ଯାଜପୁର, ନବରଙ୍ଗପୁର ଜୋନ୍ ଚାମ୍ପିୟନ

**ଭୁବନେଶ୍ୱର, ୩।୬ (ତପନ ସ୍ୱାଇଁ)**

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଆୟୋଜିତ ସିଏମ୍ ଟ୍ରଫି ୧୫ ବର୍ଷରୁ କମ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ବରଗଡ଼, ଯାଜପୁର, ନବରଙ୍ଗପୁର ଦଳ ଜୋନ୍ ଚାମ୍ପିୟନ ହୋଇଛନ୍ତି। ମଙ୍ଗଳବାର ସମ୍ବଲପୁର ଜୋନ୍‌ରେ ଅନୁଷ୍ଠିତ ମ୍ୟାଚରେ ବରଗଡ଼ ଏଫ୍‌ସି ୪-୨ ଗୋଲରେ ସମ୍ବଲପୁର ଏଫ୍‌ସିକୁ ପରାସ୍ତ କରିଛି। ସମ୍ବଲପୁର ଏଫ୍‌ସିର ମହମ୍ମଦ ଫରହନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। କେନ୍ଦୁଝର ଜୋନ୍‌ରେ ଆୟୋଜିତ ମ୍ୟାଚରେ ଯାଜପୁର ଏଫ୍‌ସି ୨-୧ ଗୋଲରେ ଅନୁଗୋଳ ଏଫ୍‌ସିକୁ ହରାଇ ଦେଇଛି।

## ସିଏମ୍ ଟ୍ରଫି ଫୁଟବଲ

ବିଜୟୀ ଦଳର କୁନା ମାଝି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ବ୍ରହ୍ମପୁର ଜୋନ୍‌ରେ କଳାହାଣ୍ଡି ଓ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ବରାବର ରହିଥିଲା। ଶୁଟ୍‌ଆଉଟରେ ନବରଙ୍ଗପୁର ୩-୨ ଗୋଲରେ ବିଜୟୀ ହୋଇଥିଲା। ନବରଙ୍ଗପୁରର ଅଞ୍ଜୁ ପଟେଲ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଭୁବନେଶ୍ୱର ଜୋନ୍‌ରେ ହେବାକୁଥିବା ମ୍ୟାଚ ପ୍ରବଳ ବର୍ଷା ଯୋଗୁ ସମ୍ଭବ ହୋଇ ପାରିନାହିଁ। ଏହା ବୁଧବାର ସକାଳ ୭ଟାରେ ଅନୁଷ୍ଠିତ ହେବ।



ସମ୍ବଲପୁର ଜୋନ୍ ଚାମ୍ପିୟନ ବରଗଡ଼ ଏଫ୍‌ସି।

# ଏମ୍‌ସିସି ୭ ଉଇକେଟରେ ବିଜୟୀ

## ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍


ରମଣୀ ଆର. ଜେନା ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୩।୬ (ତପନ ସ୍ୱାଇଁ):** ପାରାମାଉଣ୍ଟ ପଡ଼ିଆରେ ଚାଲିଥିବା ଅରବିନ୍ଦ ସ୍ମାରକୀ ସିନିୟର କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ (ଏମ୍‌ସିସି) ୭ ଉଇକେଟରେ ଟାଉନ୍ କ୍ଲବକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଟାଉନ୍ କ୍ଲବ ୪୦ ଓଭରରେ ୯ ଉଇକେଟ ହରାଇ ୨୦୨ ରନ କରିଥିଲା। ଦଳ ପକ୍ଷରୁ ରାକେଶ ବେହେରା ସର୍ବାଧିକ ୩୨ ରନ କରିଥିଲେ। ବିପକ୍ଷ ଦଳର ଅନୁରାଗ ଷଡ଼ଙ୍ଗୀ, ହର୍ଷିତ ରାଠୋଡ୍ ଓ ଶୁଭମ୍ ବିସ୍ତ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୦୩ ରନର ବିଜୟ ଲକ୍ଷ୍ୟକୁ ଏମ୍‌ସିସି ୩୦.୩ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ଅଧିନାୟକ ରମଣି ଆର. ଜେନା ସର୍ବାଧିକ ୯୨ ଓ ତନୟ କୁମାର ବିଶ୍ୱାଳ ୬୭ ରନକରି ଦଳକୁ ବିଜୟୀ କରିଥିଲେ। ଟାଉନ୍ କ୍ଲବର ପ୍ରତ୍ୟୁଷ ଦାସ ୨ଟି ଉଇକେଟ ନେଇଥିଲେ। ରମଣୀ ଜେନାଙ୍କୁ ଅତିଥି ମନୋଜ କୁମାର ପ୍ରଧାନ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ